READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ | ସଂଖ୍ୟା-୪୨ | ୩୧ ଅକ୍ଟୋବର - ୬ ନଭେମ୍ବର, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-42 | 31st OCTOBER - 6th NOVEMBER, 2022 | BHUBANESWAR | ₹ 5/- (8 Pages)

# ସମୟ ଆସିଲେ ସବୁ କହିବି : ଅର୍ଚ୍ଚନା

**ଭୁବନେଶ୍ୱର :** ବ୍ଲାକମେଲ୍ ଓ ସେକ୍ସ ସ୍କାଣ୍ଡାଲ ଭଳି ଜଘନ୍ୟ ମାମଲାରେ ଫସିଥିବା ଅର୍ଚ୍ଚନା ନାଗର କଳା କାହାଣୀ ଜାଣିବାକୁ ଲକ୍ଷ ଲକ୍ଷ ଲୋକ ଚାହିଁ ବସିଥିଲେ ବି ପୋଲିସ ଖୋଲିପାରିଲାନି ଗୁମର। ଯେଉଁଠି ଛୋଟ ଛୋଟ ମାମଲାରେ ଅଭିଯୁକ୍ତକୁ ରିମାଣ୍ଡରେ ଆଣି ସିନ୍ ରିକ୍ରିଏସନ କରାଯାଉଛି ସେଠାରେ ଅର୍ଚ୍ଚନା କ୍ଷେତ୍ରରେ ଏଭଳି ନହେବାର କାରଣ କ'ଣ ଲୋକେ ଜାଣିପାରୁନାହାନ୍ତି। ଶୁଣାଗଲା ଶାସକ ଦଳର ମାଳ ମାଳ ନେତା, ମନ୍ତ୍ରୀ ଓ ଅଫିସର ଅର୍ଚ୍ଚନା କାହାଣୀର ଚରିତ୍ର। ସେଥିରେ ବିଜେପିର କିଛି ବଡ ନେତା ରହିଥିବାର ମଧ୍ୟ ଶୁଣାଗଲା। ସୋସିଆଲ ମିଡିଆରେ ନେତା ଓ ବାବୁମାନଙ୍କ ଫଟୋ ଘୁରି ବୁଲିଲା। ହେଲେ ଅର୍ଚ୍ଚନା ଗିରଫ ହୋଇ ଜେଲ୍ ଯିବା ଭିତରେ ସୋସିଆଲ ମିଡିଆରୁ ଉଡିଗଲା ଏହି ସମସ୍ତ ତଥ୍ୟ। ବିଳମ୍ବରେ ଅର୍ଚ୍ଚନାର ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଗିରଫ ମଧ୍ୟ କରାଗଲା। ଏବେ ଉଭୟ ସ୍ୱାମୀ-ସ୍ତ୍ରୀ ଜେଲ୍ ମଧ୍ୟରେ

କେସିଙ୍ଗାରେ ଥିବା ଅର୍ଚ୍ଚନା ନାଗର ବିଳାସପୂର୍ଣ୍ଣ କୋଠା



ଅଛନ୍ତି। ଯାହା ଚର୍ଚ୍ଚା ହେଉଛି ଶାସକ ଦଳର ବଡ ବଡ ମୁଣ୍ଡ ଏଥିରେ ଥିବାରୁ ଅର୍ଚ୍ଚନାର ପେଡି ଖୋଲିବା ବଦଳରେ ବନ୍ଦ ରହିଲା। କିନ୍ତୁ ଆଗାମୀ ଦିନରେ ଅର୍ଚ୍ଚନା ପେଡିରେ ଥିବା ଚରିତ୍ର ମାନେ ପଦାରେ ନପଡିଲେ ବି ଦଳ ଭିତରେ ତାଙ୍କ ଉପରେ ଚାପ ପଡୁଛି। ଆଗାମୀ ୨୦୨୪ ନିର୍ବାଚନ ପୂର୍ବରୁ ଏହି ନେତା ମାନେ ଟିକଟ ପାଇବାରୁ ବଞ୍ଚିତ ହେବେ ନଚେତ ମୋଟା ଅଙ୍କର ପାଣି ଦେଇ ନିଜକୁ ଭାରି ସଫାସୁତୁରା ବୋଲି ପ୍ରମାଣ କରିବେ। ହେଲେ ବର୍ତ୍ତମାନ ପରିସ୍ଥିତିରେ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ଅଡୁଆ ବଢ଼ିଚାଲିଛି। ତାଙ୍କ ଆର୍ଥିକ କାରବାର ସମ୍ପର୍କରେ ତଦନ୍ତ କରିବାକୁ ସଜବାଜ ହେଉଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସେ ଦିଗରେ ଆଉ ଗୋଟିଏ ପାଦ ଆଗେଇଛି। ଅର୍ଚ୍ଚନାଙ୍କ ନାଁରେ ରୁଜୁ ହୋଇଥିବା ଦୁଇଟି ଏଫଆଇଆର କପି ଇଡି ପାଖରେ ପହଞ୍ଚିଛି। କମିଶନରେଟ ପୁଲିସ ପକ୍ଷରୁ ଏହି ଦୁଇ ➤ ପୃ-୬

# ଧଉଳି ପାହାଡରୁ ଶାନ୍ତିର ବାର୍ତ୍ତା ଦେଲେ ନବୀନ



**ଭୁବନେଶ୍ୱର :** ଧଉଳି ଶାନ୍ତି ସ୍ତୂପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଧଉଳିର ସୁବର୍ଣ୍ଣ ଜୟନ୍ତି ସମାରୋହରେ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଉତ୍କଳର ଐତିହ୍ୟ, ଅସ୍ମିତାର ନିଦର୍ଶନ ଶାନ୍ତି ସ୍ତୂପ ଧଉଳି। ଯେଉଁଠି ବିନା ରାଜାରେ ମଧ୍ୟ ଜୟ ଲାଭ କରିଥିଲା କଳିଙ୍ଗ। ଯେଉଁଠି ମଗଧର ରାଜା ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିଥିଲେ। କାରଣ ଶାନ୍ତିର ନାହିଁ କୌଣସି ବିକଳ୍ପ। ପ୍ରତ୍ୟେକ ସ୍ତରରେ ଏହା ସ୍ୱତନ୍ତ୍ର ମୂଲ୍ୟ ରହିଛି। ଆସନ୍ତୁ ଏକାଠି ହୋଇ ମିଳିତ ଭାବେ ଆଗାମୀ ପିଢି ଲାଗି ଏକ ସୁରକ୍ଷିତ ବିଶ୍ୱ ଗଠନ କରିବା। ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏହି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ➤ ପୃ-୬

### ଘର ତୋଳିଲେ ୯ ମିଟର ଚଉଡ଼ା ରାସ୍ତା ରଖିବାକୁ ବାଧ


# ଦେବାକୁ ପଡ଼ିବ ଜମି ମୂଲ୍ୟର ୩୦% ଅର୍ଥ

**ଭୁବନେଶ୍ୱର :** ମହଙ୍ଗା ହେବ ସହରାଞ୍ଚଳରେ ଘର ନିର୍ମାଣ। ଦେବାକୁ ପଡ଼ିବ ଜମି ମୂଲ୍ୟର ୩୦ ପ୍ରତିଶତ ପ୍ଲାନ୍ ଆପ୍ରୁଭାଲ ଫି। ନଗର ଉନ୍ନୟନ ବିଭାଗର ପ୍ରସ୍ତାବିତ ଏହି ନୂଆ ଡ୍ରାଫ୍ଟ ପଲିସିକୁ ନେଇ ଚିନ୍ତାରେ ଘର ତୋଳିବାକୁ ସ୍ୱପ୍ନ ଦେଖୁଥିବା ଲୋକେ। ଗତ ୨୧ ତାରିଖରେ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ପ୍ଲାନିଂ ଏବଂ ବିଲ୍ଡିଂ ଷ୍ଟାଣ୍ଡାର୍ସ ପକ୍ଷରୁ ଆସିଛି ଏହି ସଂଶୋଧିତ ଡ୍ରାଫ୍ଟ ପଲିସି। ଏହାଦ୍ୱାରା ୨୦୧୭ ମସିହା ପରେ ଯେଉଁମାନେ ୯ ମିଟରରୁ କମ୍ ଚଉଡ଼ା ରାସ୍ତା ଥିବା ପ୍ଲଟ କିଣିଥିବେ ଅଡୁଆରେ ପଡ଼ିବେ। କାହିଁକି ନା ଘରର ପ୍ଲାନ୍ ଆପ୍ରୁଭାଲ ପାଇବାକୁ ହେଲେ ପ୍ଲଟ୍‌ରୁ ଅତି କମ୍‌ରେ ୯ ମିଟର ଚଉଡ଼ା ରାସ୍ତା ରହିବା ବାଧ୍ୟତାମୂଳକ କରାଯାଇଛି। ଯଦି ରାସ୍ତା ଚଉଡ଼ା କମ୍ ଥିବ, ତେବେ ଏହାକୁ ୯ ମିଟର କରିବା ଲାଗି ଜମି ମାଲିକଙ୍କୁ ମାଗଣାରେ ଜାଗା ଦେବାକୁ ପଡିବ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି , ପ୍ଲାନ ଆପ୍ରୁଭାଲ ବା କଂପାଉଣ୍ଡିଂ ଫି' ବାବଦକୁ ଜମି ବେଞ୍ଚମାର୍କ ମୂଲ୍ୟର ୧୫ ପ୍ରତିଶତ ଦେବାକୁ ହେବ। ଅର୍ଥାତ ଯଦି ଜଣେ ୨୦ ଲକ୍ଷ ଟଙ୍କାର ଜମି କିଣୁଛନ୍ତି, ତାହେଲେ ତାଙ୍କୁ ପ୍ଲାନ ଆବେଦନ ବେଳେ କଂପାଉଣ୍ଡିଂ ଫି ବାବଦକୁ ୩ ଲକ୍ଷ ଟଙ୍କା ଦେବାକୁ ପଡିବ। ତା ସହ ଅନ୍ୟାନ୍ୟ ଫି ମଧ୍ୟ ରହିଛି। ହିସାବ ଅନୁସାରେ ଯଦି ଜଣେ ୧୨ ଶହ ସ୍କୋୟାର ଫୁଟ ଜମିକୁ ୨୫ ଲକ୍ଷ ଟଙ୍କାରେ କିଣିଥିବେ, ତେବେ ପ୍ଲାନ ଅନୁମୋଦନ ପାଇଁ ➤ ପୃ-୬

### ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଚେତାବନୀ

# ମହଙ୍ଗା ପଡିବ ଦଲାଲଙ୍କ ସହ ସଲାସୁତୁରା

**ଭୁବନେଶ୍ୱର :** ସରକାରୀ ମେଡିକାଲ ଓ ହସ୍ପିଟାଲଗୁଡ଼ିକରେ ଦଲାଲମାନେ ସକ୍ରିୟ ହୋଇ ରୋଗୀ ତଥା ସେମାନଙ୍କର ସମ୍ପର୍କୀୟଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ନିକଟସ୍ଥ ଘରୋଇ ହସ୍ପିଟାଲ ଓ ନର୍ସିଂହୋମରେ ଚିକିତ୍ସା ନିମନ୍ତେ ପ୍ରବର୍ତ୍ତାଇବା ଏଣିକି ମହଙ୍ଗା ପଡ଼ିବ। ଏପରିକି ଯଦି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଏହି ଦଲାଲମାନଙ୍କ ସହ ମିଶିଥିବାର ଯଦି କୌଣସି ପ୍ରମାଣ ମିଳେ ସେମାନଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। କେବଳ ସେତିକି ନୁହେଁ ଏଭଳି ଦଲାଲଙ୍କୁ ଚିହ୍ନଟ କରି ସ୍ଥାନୀୟ ଥାନାରେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ



ପଦକ୍ଷେପ ନେବାକୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ମୁଖ୍ୟ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ସମେତ ଜିଲ୍ଲାପାଳ, ଏସପି , ଡିସିପି ଓ ମହାନଗର ନିଗମ କମିଶନରମାନଙ୍କୁ ଚିଠି ଲେଖି ସରକାରୀ ହସ୍ପିଟାଲ ଓ ମେଡିକାଲଗୁଡ଼ିକରେ ଦଲାଲମାନେ ସକ୍ରିୟ ହୋଇ ରୋଗୀଙ୍କୁ ଚିକିତ୍ସା ନାଁରେ ବିଭ୍ରାନ୍ତ କରୁଥିବାର ଖବର ସରକାରଙ୍କ ନଜରକୁ ଆସିଥିବା କହିଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନଙ୍କୁ ହସ୍ପିଟାଲର ଓପିଡି ନିକଟରେ ଠାବ କରି ସେମାନଙ୍କୁ ନିକଟସ୍ଥ ଘରୋଇ ହସ୍ପିଟାଲ ଓ କ୍ଲିନିକରେ ଭଲ ମାଗଣା ଚିକିତ୍ସା ମିଳିବ ବୋଲି ମିଛ ଆଶ୍ୱାସନା ଦେଉଛନ୍ତି ଓ ସେମାନଙ୍କଠୁ ଅର୍ଥ ଦାବି କରୁଛନ୍ତି। ରୋଗୀ ଓ ସେମାନଙ୍କ ପରିବାରକୁ ସରକାରୀ ହସ୍ପିଟାଲରେ ଭଲ ଚିକିତ୍ସା ସୁବିଧା ନାହିଁ ବୋଲି କହି ଏହି ଦଲାଲମାନେ ବିଭ୍ରାନ୍ତ କରାଉଛନ୍ତି। ସେହିପରି ସରକାରୀ ମେଡିକାଲ ବା ହସ୍ପିଟାଲର କୌଣସି ଡାକ୍ତର, ପାରାମେଡିକାଲ ଷ୍ଟାଫ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଯଦି ଏହି ଦଲାଲମାନଙ୍କୁ ସହଯୋଗ କରୁଥିବେ ଅବା ➤ ପୃ-୬

### ସମ୍ପତ୍ତି ତାଲିକା ଦେଉନାହାନ୍ତି ସରକାରୀ କର୍ମଚାରୀ

# ପୁଣି ବଢ଼ିଲା ଦାଖଲ ଅବଧି

**ଭୁବନେଶ୍ୱର :** କ୍ୟାବିନେଟ୍ ନିଷ୍ପତ୍ତି , ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିୟମାବଳୀରେ ଆବଶ୍ୟକ ସଂଶୋଧନ ସତ୍ତ୍ୱେ ରାଜ୍ୟର ସରକାରୀ କର୍ମଚାରୀମାନେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରୁନାହାନ୍ତି। ୨୦୨୨ ମସିହା ଶେଷ ହେବାକୁ ଆଉ ମାତ୍ର ୨ମାସ ବାକି ରହିଥିଲେ ବି ୨୦୨୧ ଜାନୁୟାରୀରୁ ଡିସେମ୍ବର ପର୍ଯ୍ୟନ୍ତ ଅବଧିର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ସରକାରୀ କର୍ମଚାରୀମାନେ ଏପର୍ଯ୍ୟନ୍ତ ଆନ୍ତରିକତା ଦେଖାଇନାହାନ୍ତି। ଯେଉଁଥିପାଇଁ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ଆଜି ପୁଣିଥରେ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖି ବହୁ ସଂଖ୍ୟକ କର୍ମଚାରୀ ଏପର୍ଯ୍ୟନ୍ତ ସେମାନଙ୍କର ସମ୍ପତ୍ତି ବିବରଣୀ ଦାଖଲ କରିନଥିବା ଦର୍ଶାଇବା ସହ ସମ୍ପତ୍ତି ବିବରଣୀ ଦାଖଲ ତାରିଖ ଅବଧିକୁ





ପୁଣିଥରେ ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପ୍ରତିବର୍ଷ ଜାନୁୟାରୀ ୩୧ତାରିଖ ସୁଦ୍ଧା ସମ୍ପତ୍ତି ବିବରଣୀ ଦାଖଲ କରିବାର ପ୍ରାବଧାନ ଥିବା ସତ୍ତ୍ୱେ କର୍ମଚାରୀମାନଙ୍କ ସୁବିଧା ନିମନ୍ତେ ସରକାର କ୍ରମାଗତ ଭାବେ ୩ଥରରେ ଏହି ଅବଧିକୁ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ସାଧାରଣ ପ୍ରଶାସନ ବିଭାଗର ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ପ୍ରଥମ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ତାଲିକାକୁ ପ୍ରତିବର୍ଷ ଜାନୁୟାରୀ ୩୧ତାରିଖ ପୂର୍ବରୁ ଅନଲାଇନ ମାଧ୍ୟମରେ ଓଡ଼ିଶା ➤ ପୃ-୬






# ମାତୃଶକ୍ତି ଓ ଯୁବଶକ୍ତି ବିଜେପିକୁ ବିଜୟୀ କରିବ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଧାମନଗରରେ ମାତୃଶକ୍ତି ଓ ଯୁବଶକ୍ତି ଆମ ଦଳ ବିଜେପିକୁ ବିଜୟୀ କରିବ। ଏହି ଉପନିର୍ବାଚନରେ ଜନଆସ୍ଥା ଦ୍ୱାରା ବିଜେପିର ବଡ଼ ବିଜୟ ହେବ ବୋଲି ଧାମନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜଙ୍କ ପାଇଁ ବିଶାଳ ପଦଯାତ୍ରା ଓ ଶୋଭାଯାତ୍ରା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଧାମନଗର ନିର୍ବାଚନମଣ୍ଡଳୀର ଦୋବଲ ବଜାରରୁ ପ୍ରଥମେ ପଦଯାତ୍ରା ଆରମ୍ଭ କରିଥିଲେ। ପରେ ଧାମନଗର ଏନଏସିର ମେଡିକାଲ ବଜାର, କୋଠାର ଗ୍ରାମ ପଞ୍ଚାୟତର କୋଠାର ଛକ, ଅସୁରାଳୀ ଓ ଶହୀଦ ନଗରରେ ନିର୍ବାଚନୀ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀ ସୂରଜଙ୍କୁ ଭୋଟ୍ ଦେବା ପାଇଁ ନାଗରିକଙ୍କୁ ନିବେଦନ କରିଥିଲେ। ଏହି ଅବସରରେ



ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାଭିମାନୀ ଧାମନଗର ଜନତାଙ୍କ ବିଜେପି ପ୍ରତି ଆସ୍ଥା ଅବର୍ଣ୍ଣନୀୟ। ଧାମନଗରର କୋଣ ଅନୁକୋଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଜନତାଙ୍କ ଆସ୍ଥା ବଢ଼ିଛି। ପଦଯାତ୍ରାରେ ଦିବଙ୍ଗତ ବିଷ୍ଣୁ ସେଠୀ, ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଓ ବରିଷ୍ଠ ନେତା ମନମୋହନ ସାମଲଙ୍କ ପ୍ରତି ଥିବା ଶ୍ରଦ୍ଧା ପ୍ରତିଫଳିତ ହୋଇଛି। ବିଶେଷ ଭାବରେ ମାଆ ମାନେ ରାସ୍ତାକୁ ଆସି ଦଳ ପ୍ରତି ଆସ୍ଥାପ୍ରକଟ କରିଥିବା ବେଳେ ଯୁବଶକ୍ତି ସହଯୋଗୀ ହୋଇଛନ୍ତି। ସ୍ୱର୍ଗତ ବିଷ୍ଣୁ ଭାଇ ଏ ଅଞ୍ଚଳର ଦରଦୀ, ପରିଶ୍ରମୀ ଓ ପାରଦର୍ଶୀ ନେତା ଥିଲେ। ତାଙ୍କର ଲୋକପ୍ରିୟତା ଓ ବିଜେପି ପ୍ରତି ଥିବା ଧାମନଗରବାସୀଙ୍କ ବିଶ୍ୱାସ ଆଗରେ ଶାସକ ଦଳର ଅପପ୍ରଚାର କାମ ଦେବ ନାହିଁ। ➤ ପୃ-୬

### ବକ୍ରବାଣୀ



ଧନ୍ୟ ଛାମୁଁ ଆମ ଏକ ନମ୍ବର
ଭକତ ପାଇଁକି ବଡ଼ ଈଶ୍ୱର
ତାଙ୍କରି ବନ୍ଦନା ଗାଇବ ଯେବେ
ଧରମଶାଳାରେ ରହିବ ତେବେ
ଓଡ଼ିଶାବାସୀଙ୍କ ବଡ଼ ଠାକୁର
କହିଥିଲେ ତାଙ୍କ ବୁଢା ଚାକର
କାର୍ତ୍ତିକ ମାସରେ ହବିଷିଆଳି
ବନ୍ଦନା ଗାଇକି ମାଇଲେ ତାଳି
ଧରମ ବେପାରୀ ଲୁଚିଲେ କାହିଁ
ଥାନାରେ କମ୍ପ୍ଲେନ୍ କରିଲେ ନାହିଁ।

——— ଟୁଟୁ

### ସୂର୍ଯ୍ୟୋପରାଗରେ ହେତୁବାଦୀମାନେ ଚିକେନ୍ ବିରିୟାନି ଖାଇବା ପ୍ରସଙ୍ଗ

# ଥାନାରେ ମାମଲା, ତେଜୁଛି ବିବାଦ

**ଭୁବନେଶ୍ୱର, (ଅନିତା ମିଶ୍ରଦାଶ) :** ସୂର୍ଯ୍ୟପରାଗରେ ଚିକେନ୍ ବିରିୟାନି ଖାଇବାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଗୋଟେପଟେ ହେତୁବାଦୀଙ୍କ ବିରୋଧରେ ଥାନାରେ ଏତଲା ଓ ମାମଲା ହୋଇଥିବା ବେଳେ ଅନ୍ୟପଟେ ହତ୍ୟା ଧମକ ଦିଆଯାଇଥିବା ପ୍ରତିପକ୍ଷ ଅଭିଯୋଗ କରିଛନ୍ତି। ୨ ହେତୁବାଦୀ ପ୍ରତାପ ରଥ ଓ ଦେବେନ୍ଦ୍ର ସୂତାରଙ୍କ ନାଁରେ ପୁରୀ ସିଂହଦ୍ୱାର ଥାନାରେ ମାମଲା ହୋଇଛି। ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ଏତଲା ଆଧାରରେ ଏହି ମାମଲା ରୁଜୁ ହୋଇଛି। ସେପଟେ ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ପକ୍ଷରୁ କଟକ ସିଡିଏର ମର୍କତନଗର ଥାନାରେ ହେତୁବାଦୀ ସଂଗଠନ ବିରୋଧରେ ଏତଲା ଦିଆଯାଇଛି। ବ୍ରାହ୍ମଣ ସମାଜ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ଏଥିରେ ଉଲ୍ଲେଖ କରାଯାଇଛି। ଜୟ ଜଗନ୍ନାଥ ଚାରଣ ସମିତି ଏହାକୁ ସମର୍ଥନ କରିଛି। ହେତୁବାଦୀ ସଂଗଠନର ସଦସ୍ୟ ଦେବେନ୍ଦ୍ର ସୂତାର ଓ ପ୍ରତାପ ରଥଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏତଲାରେ ସାମାଜିକ ଶୃଙ୍ଖଳା ଭଙ୍ଗ ଓ ଧର୍ମୀୟ ଭାବନାକୁ ଆଘାତ ଅଭିଯୋଗ କରାଯାଇଛି। ତେବେ ଏହାକୁ ଭିତ୍ତିହୀନ ବୋଲି କହିଛନ୍ତି ହେତୁବାଦୀ ଦେବେନ୍ଦ୍ର ସୂତାର। ତାଙ୍କୁ ହତ୍ୟା ଧମକ ଦିଆଯାଇଛି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ସେ ମର୍କତ ନଗର ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ସୂଚନା ଥାଉକି, ସୂର୍ଯ୍ୟପରାଗ ଦିନ ପାରମ୍ପରିକ ନୀତିକୁ ବିରୋଧ ପ୍ରଦର୍ଶନ କରି ହେତୁବାଦୀ ସଂଗଠନ ପକ୍ଷରୁ ଚିକେନ୍ ବିରିୟାନି ଖାଦ୍ୟ ପରିବେଷଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ହିନ୍ଦୁ ପରମ୍ପରା ମୁତାବକ ସୂର୍ଯ୍ୟପରାଗ ସମୟରେ ଦେବନୀତି ନିଷିଦ୍ଧ ଓ ହାଣ୍ଡିଛାଡ୍ କରାଯାଇଥିଲା। ତେବେ




ଏହାର ଆବଶ୍ୟକତା ନ ଥିବା ଦର୍ଶାଇ ହେତୁବାଦୀମାନେ ବିଭିନ୍ନ ମତ ଉପସ୍ଥାପନ କରିବା ସହ ଚିକେନ୍ ବିରିୟାନି ବାଣ୍ଟି ଥିଲେ। ଯାହା ଏବେ ବିବାଦର ରୂପ ନେଇଛି।

ହେତୁ ବାଦର ଅର୍ଥ ଯୁକ୍ତି ବାଦ। ବିତଣ୍ଡା ଯୁକ୍ତି କରିବାକୁ ବୋଧହୁଏ ହେତୁ ବାଦ କହନ୍ତି। ଜାତି, ଧର୍ମ ସବୁ ସରି ଏବେ ମାନବିକତା ବି ସରି ଆସିଲାଣି। ଛୋଟ ଝିଅଟିଏ ମା' କୋଳରୁ ଖସି ଖେଳିବାକୁ ଚାଲିଗଲେ, ପର କ୍ଷଣି ନାଳ ଭିତରୁ ଶିଶୁ ଟିର ଶବ ମିଳୁଛି। ଏ କଥା ଶୁଣିଲେ ଲାଗେ, ଜଣକର ଶରୀର ଭୋଗ ପାଇଁ ➤ ପୃ-୬

# ଭାରତୀୟ ମୁଦ୍ରାରେ ଲଗାଯାଉ ଲକ୍ଷ୍ମୀ ଓ ଗଣେଶଙ୍କ ଫଟୋ : କେଜ୍ରିୱାଲ

**ନୂଆଦିଲ୍ଲୀ :** ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ଏନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି ବିରୋଧୀ। ହେଲେ କେନ୍ଦ୍ର ଅର୍ଥମନ୍ତ୍ରୀ କହୁଛନ୍ତି, ଭାରତୀୟ ମୁଦ୍ରା ଦୂର୍ବଳ ହେଉନି, ବରଂ ଡଲାର ମଜଭୁତ ହେଉଛି। ନିକଟରେ କେନ୍ଦ୍ରମନ୍ତ୍ରୀ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଏଭଳି ବୟାନକୁ ସମାଲୋଚନା କରିଥିଲେ ଅର୍ଥନୀତିଜ୍ଞ ଓ ବୁଦ୍ଧିଜୀବୀ। ଏବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍ ମଧ ମୁଦ୍ରା ମୂଲ୍ୟ ହ୍ରାସ ନେଇ ପ୍ରଧାନମନ୍ତ୍ରୀଙ୍କୁ ଏମିତି ପରାମର୍ଶ ଦେଇଛନ୍ତି ଯାହାକୁ ନେଇ ସମାଲୋଚନା ଆରମ୍ଭ ହୋଇଗଲାଣି। କେଜରିୱାଲ୍ କହିଛନ୍ତି ଯେ ଭାରତୀୟ ମୁଦ୍ରା ଉପରେ ଶ୍ରୀ ଗଣେଶ ଜୀ ଓ ଶ୍ରୀ ଲକ୍ଷ୍ମୀଜୀଙ୍କ ଫଟୋ ଲଗାଯାଉ। କାରଣ ଦେବୀ ଦେବତାଙ୍କର ଆଶୀର୍ବାଦ ରହିବା ନିହାତି ଦରକାର ବୋଲି କେଜରିୱାଲ୍ କହିଛନ୍ତି। ଏନେଇ ସେ ଇଣ୍ଡୋନେସିଆ କରେନ୍ସିର ଉଦାହରଣ ବି ଦେଇଛନ୍ତି। ଭାରତୀୟ ମୁଦ୍ରା ମୂଲ୍ୟ ହ୍ରାସ ଉପରେ ଆଜି ସାମ୍ବାଦିକ ସମ୍ମିଳନୀ କରିଛନ୍ତି କେଜରିୱାଲ୍। ସେ କହିଛନ୍ତି ଆମେ ଦେଶର ସ୍ଥିତି ସୁଧାରିବାକୁ ପ୍ରୟାଶ କରିବା ଦରକାର।। ହେଲେ ପ୍ରୟାଶ ସଫଳ ହେବାକୁ ଦେବୀ ଦେବତାଙ୍କ ଆଶୀର୍ବାଦ ରହିବା ନିହାତି ଦରକାର। ସମସ୍ତ ବ୍ୟବସାୟୀ ନିଜ ଘରେ ଲକ୍ଷ୍ମୀ ଓ ଗଣେଶଙ୍କର ଫଟୋ ଲଗାଉଛନ୍ତି। ଆଉ କାମ ଆରମ୍ଭ କରିବା ପୂର୍ବରୁ ସେମାନଙ୍କୁ ପୂଜା କରୁଛନ୍ତି। ତେଣୁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ



କରୁଛି ଯେ ଭାରତୀୟ ମୁଦ୍ରା ଉପରେ ଗୋଟିଏ ପଟେ ଗାନ୍ଧୀଜୀଙ୍କ ଫଟୋ ରହିଛି। ତାହା ସେମିତି ରହିବା ଦରକାର। ହେଲେ ଅନ୍ୟପଟେ ଲକ୍ଷ୍ମୀ ଜୀ ଓ ଗଣେଶ ଜୀଙ୍କ ଫଟୋ ଲଗାଯିବା ଉଚିତ୍। ଏଥିରେ ପୂରା ଦେଶକୁ ଆଶୀର୍ବାଦ ମିଳିବ। ଲକ୍ଷ୍ମୀଙ୍କୁ ସମୃଦ୍ଧିର ଦେବୀ ବୋଲି କୁହାଯାଏ ଓ ଗଣେଶଙ୍କୁ ବିଘ୍ନନାଶକ ବୋଲି କୁହାଯାଏ। ତେଣୁ ଏହି ଦୁଇ ଦେବତାଙ୍କ ଫଟୋ ନୋଟ ଉପରେ ଲାଗିବା ଦରକାର ବୋଲି କେଜରିୱାଲ୍ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମୁଁ କହୁନି ସବୁ ଟଙ୍କା ପରିବର୍ତ୍ତନ କର। ହେଲେ ପ୍ରତି ମାସରେ ଛପାଯାଉଥିବା ନୂଆ ନୋଟ୍ ଉପରେ ଏହା ଲାଗୁ କରାଯାଉ। ଧୀରେ ଧୀରେ ନୂଆ ନୋଟର ପ୍ରଚଳନ କରାଯାଇପାରେ ବୋଲି କେଜରିୱାଲ୍ କହିଛନ୍ତି। ଇଣ୍ଡୋନେସିଆର ଉଦାହରଣ ଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଦେଶ ଏକ ମୁସଲିମ ଦେଶ। ଏଠାରେ ୮୦ ପ୍ରତିଶତ ମୁସ୍ଲିମ ଓ ୨ ପ୍ରତିଶତ ହିନ୍ଦୁ ଥିବା ବେଳେ ଇଣ୍ଡୋନେସିଆର କରେନ୍ସିରେ ଗଣେଶ ଜୀଙ୍କ ମୂର୍ତ୍ତି ରହିଛି। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛି ଯେ ଭାରତୀୟ ମୁଦ୍ରା ଉପରେ ଲକ୍ଷ୍ମୀ ଓ ଗଣେଶ ଜୀଙ୍କ ଫଟୋ ଛପାଯାଉ। ଏଥିରେ କାହାର ବିରୋଧରେ କୁହାଯାଉ ନାହିଁ। ଯଦି ଇଣ୍ଡୋନେସିଆ କରିପାରୁଛି ତେବେ ଆମେ କାହିଁକି କରିପାରିବା ନାହିଁ ବୋଲି କେଜରିୱାଲ କହିଛନ୍ତି। ତେବେ ଟଙ୍କାରେ ଠାକୁରଙ୍କ ଛବି ଛାପିଦେଲେ ଯେ ଟଙ୍କା ମଜଭୁତ ହେବ ତାହା ନୁହେଁ, ଏଥିପାଇଁ ସବୁ ଦିଗରେ କାମ କରିବାକୁ ପଡ଼ିବ। ବହୁତ ପଦକ୍ଷେପ ନେବାକୁ ପଡ଼ିବ। ଆମକୁ ବହୁ ସଂଖ୍ୟାରେ ସ୍କୁଲ୍ ଓ ମେଡିକାଲ ଖୋଲିବା ଦରକାର, ବିଜୁଳି, ସଡ଼କ ଓ ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱ ଦେବା ଦରକାର ବୋଲି କହିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ।

# ୨୦୨୪ ସୁଦ୍ଧା ସବୁ ରାଜ୍ୟରେ ଖୋଲିବ ଏନଆଇଏ ଶାଖା : ଶାହା

**ନୂଆଦିଲ୍ଲୀ :** ଦେଶର ସମସ୍ତ ରାଜ୍ୟରେ ୨୦୨୪ ସୁଦ୍ଧା ଜାତୀୟ ତଦନ୍ତକାରୀ ସଂସ୍ଥା – ଏନଆଇଏ'ର ଶାଖା କାର୍ଯ୍ୟାଳୟ ସ୍ଥାପନ ହେବ। ନବ ରାୟପୁରର ଅଟଳ ନଗର ଅଞ୍ଚଳରେ ଏନଆଇଏର ରାୟପୁର ଶାଖା କାର୍ଯ୍ୟାଳୟ ଭବନର ଉଦଘାଟନୀ ଉତ୍ସବରେ ଶାହା ଏହା କହିଛନ୍ତି। ଆଗାମୀ ଦିନରେ ଦେଶରେ ଏନଆଇଏ ତୃତୀୟ ଆତଙ୍କବାଦ ନିରୋଧୀ ନେଟୱର୍କରେ ପରିଣତ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ବାମପନ୍ଥୀ ଉଗ୍ରବାଦର ମୁକାବିଲା କ୍ଷେତ୍ରରେ ସରକାର ସଫଳ ହୋଇଛନ୍ତି। ଶ୍ରୀ ଶାହା କହିଛନ୍ତି, ୨୦୧୪ ପରେ ଏପର୍ଯ୍ୟନ୍ତ ୭୭ % ହିଂସା ହ୍ରାସ ପାଇଥିବା ବେଳେ ଏଥି ଜନିତ ମୃତ୍ୟୁ ସଂଖ୍ୟାରେ ୮୭ % ହ୍ରାସ ପାଇଛି। ୨୦୧୪ରେ ୧୧୩ଟି ଜିଲ୍ଲା ବାମପନ୍ଥୀ ଉଗ୍ରବାଦର ଶିକାର ଥିବା ବେଳେ ଏବେ ମାତ୍ର ୪୬ଟି ଜିଲ୍ଲା ବାମପନ୍ଥୀ ଉଗ୍ରବାଦର



ଶିକାର ହେଉଥିବା ସେ କହିଛନ୍ତି। ଧାରା ୩୧୭ ଉଚ୍ଛେଦ ହେବା ପରେ ଜାମ୍ମୁ କାଶ୍ମୀରରେ ଶାନ୍ତିର ବାତାବରଣ ସ୍ଥାପନ ହୋଇଥିବା ଶ୍ରୀ ଶାହା କହିଛନ୍ତି। ସେ କହିଛନ୍ତି, ଏନଆଇଏ ବର୍ତ୍ତମାନ ଆନ୍ତର୍ଜାତୀୟ ସ୍ତରରେ ଏକ ମୁଖ୍ୟ ଅନୁସନ୍ଧାନକାରୀ ସଂସ୍ଥା ଭାବରେ ସ୍ୱୀକୃତି ପାଇଛି। ଅଳ୍ପ କିଛି ଅବନତି ପରେ ଏଜେନ୍ସି ଏହାର ସମସ୍ତ ଲକ୍ଷ୍ୟ ହାସଲ କରିବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ସେ କହିଛନ୍ତି, ସୀମାପାର ଅପରାଧକୁ ସଫଳତାର ସହ ମୁକାବିଲା କରିବା ରାଜ୍ୟ ତଥା କେନ୍ଦ୍ରର ସାମୂହିକ ଦାୟିତ୍ୱ ଅଟେ। ୨୦୧୯ ପରେ ଜାମ୍ମୁ କାଶ୍ମୀରକୁ ୫୭ ହଜାର କୋଟି ଟଙ୍କା ବିନିଯୋଗ ଆସିଛି। ଏନଜିଓ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି ଯାହା ଭାରତର ଅଭିବୃଦ୍ଧିରେ ବାଧା ସୃଷ୍ଟି କରୁଛି। ଆତଙ୍କବାଦ ତଥା ଆନୁସଙ୍ଗିକ ଅପରାଧ ପାଇଁ ମୋଦୀ ସରକାରଙ୍କ ଶୂନ୍ୟ ସହନଶୀଳତା ନୀତି ରହିଛି ବୋଲି ଦାବି କରି ଶାହା କହିଛନ୍ତି ଯେ ଆତଙ୍କବାଦୀ ଅନୁସନ୍ଧାନରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ଏନଆଇଏ ଏହାର ବିଦେଶୀ ପ୍ରତିପକ୍ଷଙ୍କ ସହ ସମ୍ପର୍କ ସ୍ଥାପନ ଦିଗରେ କାର୍ଯ୍ୟ କରୁଛି।

# 'ବୋହୂଙ୍କୁ ଘର କାମ କରିବାକୁ କହିବା କ୍ରୁରତା ନୁହେଁ'

**ନୂଆଦିଲ୍ଲୀ :** ବିବାହିତ ମହିଳାଙ୍କୁ ଘର କାମ କରିବା ପାଇଁ କହିବା କ୍ରୁରତା ନୁହେଁ ବୋଲି ବେମ୍ବ ହାଇକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚ କହିଛନ୍ତି। ଏହାସହ ଏହାର ତୁଳନା ଚାକରାଣୀଙ୍କ କାମ ସହ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜଣେ ମହିଳା ଅଭିଯୋଗ କରିଥିଲେ ଯେ, ବିବାହର ଗୋଟିଏ ମାସ ଯାଏଁ ତାଙ୍କ ସହ ଭଲ ବ୍ୟବହାର କରାଯାଇଥିଲା, କିନ୍ତୁ ଏହାପରେ ତାଙ୍କ ସହ ଚାକରାଣୀଙ୍କ ପରି ବ୍ୟବହାର କରାଗଲା। ମହିଳାଙ୍କ ଅବେଦନକୁ ଖାରଜ କରି ହାଇକୋର୍ଟ କହିଛନ୍ତି, ଯଦି ଜଣେ ବିବାହିତ ମହିଳାଙ୍କୁ ପରିବାର ଉଦ୍ଦେଶ୍ୟ ପାଇଁ ନିଶ୍ଚିତ ରୂପେ କାମ କରିବାକୁ କୁହାଯାଏ, ଏହାର ଅର୍ଥ ଏହା ନୁହେଁ ଯେ ତାଙ୍କ ସହ ଚାକରାଣୀ ପରି ବ୍ୟବହାର କରାଯାଉଛି। ଯଦି ମହିଳାଙ୍କୁ ଘର କାମ କରିବା ପସନ୍ଦ ନୁହେଁ, ତେବେ ସେ ବିବାହ ପୂର୍ବରୁ ଏହା ଜଣାଇବା ଦରକାର ଥିଲା, ଫଳରେ ବିବାହ ପୂର୍ବରୁ ବର ଏହା ଉପରେ ବିଚାର କରିପାରିବ। ଯଦି ବିବାହ ପରେ ଏହି ସମସ୍ୟା ଆସେ ତେବେ ଏହାକୁ ଶୀଘ୍ର ସମାଧାନ କରାଯିବା ଦରକାର। ହାଇକୋର୍ଟ ନିଜ ଆଦେଶରେ କହିଛନ୍ତଦି, ମହିଳା ଜଣଙ୍କ କେବଳ ତାଙ୍କୁ ନିର୍ଯାତନା ଦିଆଯାଉଥିବା କହିଥିଲେ, କିନ୍ତୁ ନିଜ ଅଭିଯୋଗରେ କୌଣସି କାମ କଥା ଉଲ୍ଲେଖ କରି ନଥିଲେ। କେବଳ ମାନସିକ ଏବଂ ଶାରୀରିକ ରୂପେ ଉତ୍ପୀଡନ ଶବ୍ଦର ପ୍ରୟୋଗ ଆଇପିସିର ଧାରା ୪୯୮ଏ ପାଇଁ ସେ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ନୁହେଁ ଯେପର୍ଯ୍ୟନ୍ତ କୃତ୍ୟକୁ ବର୍ଣ୍ଣନା କରାଯାଇ ନାହିଁ। ଏହାସହ ଜଷ୍ଟିସ ବିଭା କଙ୍କନୱାଡି ଏବଂ ଜଷ୍ଟିସ ରାଜେଶ ପାଟିଲଙ୍କ ଖଣ୍ଡପୀଠ ଅକ୍ଟୋବର ୨୧ରେ ମହିଳାଙ୍କ ସ୍ୱାମୀ ଏବଂ ତାଙ୍କ ବାପା-ମାଆଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ରଦ୍ଦ କରିଥିଲେ । ମହିଳା ଜଣଙ୍କ ନିଜ ସ୍ୱାମୀ ଏବଂ ଶାଶୂ-ଶ୍ୱଶୁରଙ୍କ ବିରୋଧରେ ଘରୋଇ ହିଂସା ଏବଂ କ୍ରୁରତାର ଅଭିଯୋଗ ଆଣି ହାଇକୋର୍ଟରେ ଯାଚିକା ଦାୟର କରିଥିଲେ।

# ପ୍ରଧାନମନ୍ତ୍ରୀ ମୋଦି ମହାନ ଦେଶ ଭକ୍ତ : ପୁଟିନ

**ନୂଆଦିଲ୍ଲୀ :** ନିକଟରେ ଭାରତର ବୈଦେଶିକ ନୀତିକୁ ପ୍ରଶଂସା କରିଥିଲେ ୟୁଏଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ରାଷ୍ଟ୍ରମନ୍ତ୍ରୀ ମନ୍ତ୍ରୀ ଉମାର ସୁଲତାନ ଅଲ ଓଲେମା। ଏବେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ ଭାରତର ସ୍ୱାଧୀନ ବୈଦେଶିକ ନୀତୀକୁ ପ୍ରଶଂସା କରିଛନ୍ତି। ତା ସହିତ ମୋଦିଙ୍କୁ ମହାନ ଦେଶଭକ୍ତ ବୋଲି କହିଛନ୍ତି ପୁଟିନ। ସେ ଆହୁରି ମଧ କହିଛନ୍ତି ଯେ ଭାରତ-ଋଷ ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କ ରହିଛି। ଦୁଇ ଦେଶ ମଧ୍ୟରେ କୌଣସି ପୁରୁଣା ମାମଲା ବା ସମସ୍ୟା ନାହିଁ। ଋଷ ରାଜଧାନୀ ମସ୍କୋରେ ଭାଲଦାଇ କ୍ଲବ ସମ୍ମିଳନୀରେ ଯୋଗ ଦେଇ ଏଭଳି କହିଛନ୍ତି ପୁଟିନ। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି ଜଣେ ମହାନ ଦେଶ ଭକ୍ତ। କିଛି ଅଲଗା ନିଷ୍ପତ୍ତି ନେବା ଓ ରୋକ ଲଗାଇବାକୁ ଚେଷ୍ଟା ଫଳରେ ବି ସେ ତାଙ୍କର ବୈଦେଶିକ ନୀତିକୁ ସ୍ୱାଧୀନ ଭାବେ ରଖିଛନ୍ତି। ମୁଁ ନିଶ୍ଚିତ ଯେ ବିଶ୍ୱସ୍ତରରେ ଭାରତର ଆଗକୁ ଗୋଟେ ବଡ଼ ଭବିଷ୍ୟତ ଅଛି। ବ୍ରିଟେନ୍ ଠାରୁ ସ୍ୱାଧୀନତା ପାଇବା ପରେ ଭାରତ ଯେଉଁଭଳି ଭାବେ ଉନ୍ନତି କରିଛି ତାକୁ ବି ପ୍ରଶଂସା କରିଛନ୍ତି ପୁଟିନ। ସେ କହିଛନ୍ତି ଯେ ଭାରତ ପରାଧିନ ରାଷ୍ଟ୍ରଭାବେ ଦୀର୍ଘ ବର୍ଷ ହେଲା ବ୍ରିଟେନ୍ ଅଧିନରେ ରହିଥିଲା। ହେଲେ ଏବେ ଖୁବ ଉନ୍ନତି କରିଛି। ଭାରତ ଓ ଆମ ଭିତରେ ସ୍ୱତନ୍ତ୍ର ସମ୍ପର୍କ ରହିଛି। ଆମ ଭିତରେ ସମର୍ଥନ ଓ ଅନ୍ୟ ମାମଲାଗୁଡ଼ିକରେ କୌଣସି ସମସ୍ୟା ନାହିଁ। ଯାହା ବର୍ତ୍ତମାନ ବି ଘଟୁଛି। ଏହା ଭବିଷ୍ୟତରେ ବି ହେବ ବୋଲି ମୁଁ ନିଶ୍ଚିତ ବୋଲି ପୁଟିନ କହିଛନ୍ତି। ନିକଟରେ ଋଷ ୟୁକ୍ରେନ୍ ୪ଟି ଅଞ୍ଚଳ ଡୋନେଟ୍ସକ୍, ଲୁହାନ୍ସକ, ଖେରସନ ଏବଂ ଜାପୋରଝଝିଅକୁ ଦଖଲ କରି ନିଜ ଦେଶରେ ମିଶାଇଥିଲା। ଏହା ବିରୋଧରେ ଜାତିସଂଘରେ ଭୋଟ ହୋଇଥିଲା। ହେଲେ ଭାରତ ଏହି ଭୋଟିଂରୁ ବିରତ ରହିଥିଲା। ଏହାକୁ ନେଇ ବିଦେଶନୀତିକୁ ପ୍ରଶଂସା କରିଛନ୍ତି ପୁଟିନ।

# ଗୁଜରାଟରେ ନିର୍ମାଣ ହେବ ସାମରିକ ଟ୍ରାନ୍ସପୋର୍ଟ ବିମାନ

**ଅହମ୍ମଦାବାଦ:** ଗୁରାଟରେ ମେଗା ପ୍ରଳକ୍ଷ ଲାଗି ହାତ ଖୋଲି ଦେଇଛନ୍ତି କେନ୍ଦ୍ର ସରକାର। ଏଠାରେ ଟାଟା ଏବଂ ଏୟାରବସ୍ ପକ୍ଷରୁ ସେନା ପାଇଁ ପରିବହନ ବିମାନ ନିର୍ମାଣ ହେବ। ଏଥିପାଇଁ ବିଶାଳ ପରିମାଣ ଅର୍ଥ ତଥା ୨୨,୦୦୦ କୋଟି ଟଙ୍କା ବିନିମୟ ହେବ। ଯାହା ହେଉଛି ୨.୬୬୬ ବିଲିୟନ୍ ଡଲାର। ଭାରତରେ ପ୍ରଥମଥର ପାଇଁ ଘରୋଇ କମ୍ପାନୀ ପକ୍ଷରୁ ଏହି ସାମରିକ ଏୟାରକ୍ରାଫ୍ଟ ନିର୍ମାଣ ହେବାକୁ ଯାଉଛି। ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ଅଟକଳ ୨୧,୯୩୫ କୋଟି ଟଙ୍କା ଆକଳନ କରାଯାଇଛି। କେବଳ ସାମରିକ ନୁହଁ ବେସାମରିକ ପାଇଁ ମଧ ଏହି ଏୟାର କ୍ରାଫ୍ଟର ବ୍ୟବହୃତ ହେବ। ପ୍ରତିରକ୍ଷା ସଚିବ ଅଜୟ କୁମାର ଏହା କହିଛନ୍ତି। ଏହି ମେଗା ଉତ୍ପାଦନ ପ୍ଲାଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ହଜାର ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି ସେ କହିଛନ୍ତି। ଏ ସଂପର୍କରେ ସୂଚନା ଦେଇ କେନ୍ଦ୍ର ପ୍ରତିରକ୍ଷା



ସଚିବ ଅଜୟ କୁମାର କହିଛନ୍ତି ଯେ, ଭାରତରେ ପ୍ରଥମ ଥର ପାଇଁ କୌଣସି ଘରୋଇ କମ୍ପାନୀ ପକ୍ଷରୁ ମିଲିଟାରି ବିମାନ ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ମୋଟ ୨୧,୯୩୫ କୋଟି ଟଙ୍କା ବିନିଯୋଗ କରାଯିବ। ଏସବୁ ବିମାନ କେବଳ ସାମରିକ ବାହିନୀ ନୁହେଁ, ବେସାମରିକ କାମ ପାଇଁ ବି ବ୍ୟବହାର କରାଯାଇପାରିବ। ବିମାନ ନିର୍ମାଣ କମ୍ପାନୀ ଏୟାରବସ୍‌ଠାରୁ ୫୬ଟି ଟ୍ରାନ୍ସପୋର୍ଟ ବିମାନ କ୍ରୟ ପାଇଁ ଗତ ମାସ କେନ୍ଦ୍ର ସରକାର ମଞ୍ଜୁର କରିଥିଲେ। ଚୁକ୍ତି ଅନୁସାରେ ୧୬ଟି ଏୟାରକ୍ରାଫ୍ଟ ଫ୍ଲାଏ ମୁଡ୍‌ରେ କିଣାଯିବା ସହ ୧୬ଟି ଏୟାରକ୍ରାଫ୍ଟ ଭାରତରେ ନିର୍ମାଣ ହେବ। ଦେଶରେ ପ୍ରଥମଥର ପାଇଁ ଏକ ଘରୋଇ କମ୍ପାନୀ ପକ୍ଷରୁ ସାମରିକ ଏୟାରକ୍ରାଫ୍ଟ ନିର୍ମାଣ କରାଯାଉଥିବା ପ୍ରତିରକ୍ଷା ସଚିବ କହିଛନ୍ତି। ଯାହା ଦେଶର ବିକାଶ ଅଭିଯାନରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ୧୬ଟି ଏୟାର କ୍ରାଫ୍ଟ ଫ୍ଲାଏ ମୁଡରେ ଭାରତକୁ ଆମଦାନୀ ପ୍ରକ୍ରିୟାରେ ରହିଛି। ଆସନ୍ତା ୨୦୨୩ ସେପ୍ଟେମ୍ବରରୁ ଅଗଷ୍ଟ ୨୦୨୫ ମଧ୍ୟରେ ସୁଦ୍ଧା ଏହି ବିମାନ ଭାରତରେ ପହଞ୍ଚିବ। ତେବେ ୨୦୨୬ ସୁଦ୍ଧାର ଗୁଜରାଟରେ ପ୍ରଥମ ଏୟାରକ୍ରାଫ୍ଟ ନିମାର୍ଣ ହେବା ନେଇ ଆଶା କରାଯାଛି। ଏହି ପ୍ରକଳ୍ପ ଦ୍ୱାରା ହଜାର ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ମଧ ମୋଦୀଙ୍କ ମେକ ଇନ ଇଣ୍ଡିଆକୁ ପ୍ରୋତ୍ସାହିତ କରିବ। ଗତ ସେପ୍ଟେମ୍ବର ମାସରେ ବେଦାନ୍ତ ଫକ୍ସକନ ଦ୍ୱାରା ହେବାକୁ ଥିବା ମେଗା ସେମିକଣ୍ଡକ୍ଟର ପ୍ରକଳ୍ପ ମଧ ଗୁଜୁରାଟ ହାତେଇ ଥିଲା। ଏହି ପ୍ରକଳ୍ପଟି ଅହମଦାବାଦ ନିକଟରେ ସ୍ଥାପନ ହେବ।

# ଚା ବାଲା ପୁଅ ବନାମ ଶ୍ରମିକ ପୁଅ

## ପ୍ରଧାନମନ୍ତ୍ରୀ ମୋଦିଙ୍କ ଚା ବାଲା ରଣନୀତିକୁ ଟକ୍କର ଦେବ ଖଡଗେଙ୍କ ଶ୍ରମିକ କାର୍ଡ !

**ନୂଆଦିଲ୍ଲୀ :** ୨୦୧୪ ଲୋକସଭା ନିର୍ବାଚନ ହାରିବା ପରେ କଂଗ୍ରେସର ସ୍ଥିତି କ୍ରମାଗତ ଦୁର୍ବଳ ହେବାରେ ଲାଗିଛି। ଅନେକ ରାଜ୍ୟସଭା ନିର୍ବାଚନ ସହିତ ୨୦୧୯ ଲୋକସଭା ନିର୍ବାଚନରେ ଦଳ ଶୋଚନୀୟ ପରାଜୟ ଭୋଗିଛି। ଦଳ କେବଳ ରାଜସ୍ଥାନ ଏବଂ ଛତିଶଗଡ ଏହି ଦୁଇଟି ରାଜ୍ୟରେ ସରକାର ବଞ୍ଚାଇ ରଖି ପାରିଛି। ଗତ ଅନେକ ନିର୍ବାଚନରେ କଂଗ୍ରେସର ପରାଜୟ ଏବଂ ବିଜେପିର ବିଜୟ ମଧ୍ୟରେ ପ୍ରମୁଖ କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲୋକପ୍ରିୟତା କାହାକୁ ଅଛପା ନୁହେଁ। ମୋଦୀ ଏକ ଗରିବ ପରିବାରରୁ ଜନ୍ମ ନେଇଥିଲେ ଏବଂ ତାଙ୍କ ବାପା ଦାମୋଦର ଦାସ ମୋଦୀ ରେଲୱେ ଷ୍ଟେସନରେ ଚା ବିକ୍ରି କରୁଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପି ଅନେକ ନିର୍ବାଚନୀ ରାଲିରେ ଏହାର ଉଲ୍ଲେଖ କରିଛନ୍ତି। ଦଳ କହିଛି ଜଣେ ତୃଣମୂଳସ୍ତରରୁ ଆସି ପ୍ରଧାନମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚିବା ଏହା କେବଳ ବିଜେପିରେ ସମ୍ଭବ। ଏହାକୁ ନେଇ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଉପରକୁ ମଧ ବିଜେପି ହମଲା କରି ଆସିଛି। ମାତ୍ର ଏବେ ଲାଗୁଛି କଂଗ୍ରେସକୁ ଏହାର ମୁକାବିଲା ପାଇଁ ଅସ୍ତ୍ର ମିଳି ଯାଇଛି। କଂଗ୍ରେସର ନୂତନ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବୁଧବାର ଏମିତି ଏକ ବୟାନ ଦେଇଛନ୍ତି, ଯାହାକୁ ନେଇ କୁହାଯାଉଛି କଂଗ୍ରେସ ଆଗାମୀ ସମୟରେ ବିଜେପି ପିଚ୍‌ରେ ଖେଳି ଏହାର ଜବାବ ଦେବାକୁ ଯାଉଛି।

ଆନୁଷ୍ଠାନିକ ଭାବେ କଂଗ୍ରେସର ଅଧ୍ୟକ୍ଷ ପଦ ଗ୍ରହଣ କରିବା ପରେ ମଲ୍ଲିକାର୍ଜୁନ ଖଡଗେ ନିଜକୁ ଶ୍ରମିକର ପୁଅ କହିଛନ୍ତି। ନିର୍ବାଚନ ପତ୍ର ପ୍ରଦାନ ପରେ ଖଡଗେ କହିଛନ୍ତି, ଏହା ତାଙ୍କ ପାଇଁ ଭାବୁକ ମୁହୂର୍ତ୍ତ। ଜଣେ ଶ୍ରମିକର ପୁଅ ଏବଂ ସାଧାରଣ କର୍ମକର୍ତ୍ତାଙ୍କୁ ପାର୍ଟିର ଅଧ୍ୟକ୍ଷ କରିବା ନେଇ କଂଗ୍ରେସ ନେତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଖଡଗେଙ୍କ ଏହି ବୟାନକୁ ରାଜନୈତିକ ବିଶ୍ଳେଷକ ବେଶ ଗୁରୁତ୍ୱ ଦେଇଛନ୍ତି। ପ୍ରଥମ ଥର ଖଡଗେ ନିଜକୁ ଶ୍ରମିକର ପୁଅ କହି ନାହାନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଖଡଗେଙ୍କ ଏହି ବୟାନ ଜରିଆରେ କଂଗ୍ରେସର ସେହି ଛବିକୁ ଭାଙ୍ଗିବାକୁ ଚେଷ୍ଟା କରିବ, ଯେଉଁଠି ସର୍ବଦା କୁହାଯାଇ ଆସୁଛି ଯେ କଂଗ୍ରେସ ବଡ ପରିବାରର ପାର୍ଟି। ଏଠାରେ ଗରିବ ଘରର ପୁଅକୁ



ସ୍ଥାନ ନାହିଁ। ଏମିତିରେ କଂଗ୍ରେସ ନୂତନ ଅଧ୍ୟକ୍ଷ ଖଡଗେଙ୍କ ଜରିଆରେ ଜନତାଙ୍କୁ ଏହି ସନ୍ଦେଶ ଦେଇ ପାରିବ ଯେ, ପାର୍ଟିରେ ଯେ କେହି ବି ସର୍ବୋଚ୍ଚ ପଦକୁ ଯାଇ ପାରିବେ, ସେ ଧନୀ ହେଉ କି ଗରିବ ବା ଶ୍ରମିକ ଘରର ପୁଅ ହୋଇଥାଉ ନା କାହିଁକି। ଖଡଗେଙ୍କ ରୂପେ କଂଗ୍ରେସକୁ ନୂତନ ଅଧ୍ୟକ୍ଷ ମିଳିବା ପରେ ପାର୍ଟିରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଏହାର ଆରମ୍ଭ ହୋଇ ସାରିଛି। ଆହ୍ୱାନ ମୋଡକୁ ଆସିଛନ୍ତି ଖଡଗେ। କଂଗ୍ରେସ କାର୍ଯ୍ୟକାରିଣୀ କମିଟି ଭଙ୍ଗ କରାଯାଇ ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି। ଦଳକୁ ସାଙ୍ଗଠନିକ ସ୍ତରରେ ମଜବୁତ କରିବା ସହ ଆଗାମୀ ନିର୍ବାଚନରେ ଦଳ କେମିତି ଭଲ ପ୍ରଦର୍ଶନ କରିବ ତାର ଦାୟିତ୍ୱ ଏହି କମିଟି ଉପରେ ରହିବ। ଆଗାମୀ ନିର୍ବାଚନରେ ଦଳ ନିଜର ନୂତନ ଛବି ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବ। ପାର୍ଟି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଚା ବାଲାର ପୁଅ ବିରୋଧରେ ଖଡଗେଙ୍କ ଶ୍ରମିକଙ୍କ ପୁଅ ହେବାର ମାହୋଲ ତିଆରି କରିପାରେ। ଉଲ୍ଲେଖନୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାପା ଦାମୋଦର ଦାସ ମୋଦୀ ଗୁଜରାଟର ବଡନଗର ରେଲୱେ ଷ୍ଟେସନରେ ଦୀର୍ଘ ସମୟ ଧରି ଚା ବିକ୍ରି କରୁଥିଲେ। ଏହି ଷ୍ଟେସନରେ ବି ମୋଦୀଙ୍କ ପିଲାବେଳ କଟିଛି। ପଦଭାର ଗ୍ରହଣ କରିବା ସହିତ ତାଙ୍କ ନିକଟରେ ଚ୍ୟାଲେଞ୍ଜର ପାହାଡ ରହିଛି। ତାଙ୍କ ସାମ୍ନାରେ ଗୋଟିଏ ପଟେ ରାଜସ୍ଥାନର ରାଜନୈତିକ ସଙ୍କଟ ଥିବା ବେଳେ ଅନ୍ୟପଟେ ମୁଣ୍ଡ ଉପରେ ରହିଛି ଗୁଜରାଟ ଏବଂ ହିମାଚଳ ପ୍ରଦେଶ ନିର୍ବାଚନ। ଖଡଗେଙ୍କ ଲାଗି ସବୁଠୁ ବଡ ଅଗ୍ନି ପରୀକ୍ଷା ହେଉଛି ୨୦୨୪ ଲୋକସଭା ନିର୍ବାଚନ। ଖଡଗେଙ୍କୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପାର୍ଟିକୁ ମଜବୁତ କରିବା ପାଇଁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ। ଗୁଜରାଟ ଏବଂ ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ଉନ୍ନତମାନର ପ୍ରଦର୍ଶନ କରିବା ଏକ ବଡ ଚ୍ୟାଲେଞ୍ଜ। ଅନ୍ୟପକ୍ଷେ ରାଜସ୍ଥାନ ଏବଂ କର୍ଣ୍ଣାଟକରେ ପାର୍ଟିରେ ଜାରି ଆଭ୍ୟନ୍ତରୀଣ କନ୍ଦଳ ଦଳର ଚିନ୍ତାକୁ ଆହୁରି ବଢାଇ ଦେଇଛି। ତେଣୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପାର୍ଟିକୁ ଏକଜୁଟ୍ ରଖିବା ଖଡଗେଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ ରହିବ।

## କେମିତି କଟିବ ଏ ସପ୍ତାହ

**ମେଷ** – ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟର ନୂତନ ମାର୍ଗ ଖୋଲିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇକବ। କୌଣସି ଅତି ନିଜ ଲୋକ ଶତ୍ରୁ ହୋଇପାରନ୍ତି। ପ୍ରେମରେ ପ୍ରଗାଢ଼ତା ବଢ଼ିବ। ଗୃହରେ ଶାନ୍ତି ବିଜାୟ ରହିବ। ତୀର୍ଥ ସ୍ଥାନ ଭ୍ରମଣ ଯୋଗ ଅଛି।

**ବୃଷ** – ସ୍ୱାସ୍ଥ୍ୟ ବିଗିଡିପାରେ। ବ୍ୟୟ ଓ ଶତ୍ରୁ ବଢ଼ିପାରନ୍ତି। ଶିକ୍ଷା ପ୍ରତିଯୋଗିତାରେ ସଫଳତା ପାଇବେ। ସନ୍ତାନ ପାଇଁ ଗର୍ବିତ ହୋଇପାରନ୍ତି। ପ୍ରେମୀମାନଙ୍କ ମଧ୍ୟରେ ମତଭେଦ ହୋଇପାରେ। ଶିକ୍ଷାର୍ଥୀମାନେ ପାଠରେ ମନୋନିବେଶ କରିବେ।

**ମିଥୁନ** – ବ୍ୟୟ ଓ ଆୟରେ ବୃଦ୍ଧି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ ଯୋଗ ଅଛି। ଛାତ୍ରମାନେ ପଢ଼ାରେ ମନଦେବେ। କ୍ରୋଧକୁ ନିୟନ୍ତ୍ରଣ ରଖନ୍ତୁ। ଗର୍ଭବତୀ ମାନଙ୍କୁ ଅସୁବିଧାର ସାମାନା କରିପାରନ୍ତି।

**କର୍କଟ** – ବ୍ୟବସାୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ମନ ଅସ୍ଥିର ରହିବ। ଗାଡି ଓ ଜମି କ୍ରୟ କରିପାରନ୍ତି। ବିବାହର ଯୋଗ ଅଛି। ଦମ୍ପତିମାନେ ଅନ୍ୟର ସମ୍ମାନ କରନ୍ତୁ। ବିଦେଶ ଭ୍ରମଣର ଯୋଗ ଅଛି।

**ସିଂହ** – ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ଦିଅନ୍ତୁ। ପିତା ଓ ଉଚ୍ଚ ଅଧିକାରୀଙ୍କ ସହ ସମ୍ବନ୍ଧ ବୃଦ୍ଧି କରନ୍ତୁ। ସମ୍ମାନହାନୀ ହୋଇପାରେ। ନିଷ୍ପତ୍ତି ଠିକ୍ ଭାବରେ ନିଅନ୍ତୁ। ପ୍ରେମ ସମ୍ବନ୍ଧ ନୂଆ ଭାବରେ କରନ୍ତୁ ନାହିଁ। ସଠିକ୍ ମାଗରେ ପରିଚାଳିତ ହୁଅନ୍ତୁ।

**କନ୍ୟା** – ପରିଶ୍ରମର ଫଳ ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ। ପେଟ ସମ୍ବନ୍ଧୀୟ ରୋଗ ହୋଇପାରେ। ନୂତନ ବାହାନ କିଣିପାରନ୍ତି। ଗୃହକୁ ଅତିଥିଙ୍କ ଆଗମନ ହୋଇପାରେ।

**ତୁଳା** – ବିବାଦରୁ ମଧ ଲାଭ ପାଇପାରନ୍ତି। ଶତ୍ରୁଙ୍କ ଉପରେ ବିଜୟ ଲାଭ କରିବେ। କରଜ ନିଅନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ପ୍ରଭାବ ବଢ଼ିବ। ଜୀବନସାଥୀଙ୍କ ସହ ମତଭେଦ ହୋଇପାରେ।

**ବିଛା** – ମନ ଅସ୍ଥିର ରହିବ। ଗୁରୁଜନଙ୍କ ଠାରୁ ପରାମର୍ଶ ନିଅନ୍ତୁ। କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ହେବ। ନୂତନ କାର୍ଯ୍ୟ କରିବା ପୂର୍ବରୁ ବାରମ୍ବାର ପରୀକ୍ଷା ନିରୀକ୍ଷା କରନ୍ତୁ। ଅନାବଶ୍ୟକ ଖର୍ଚ୍ଚ ବଢ଼ିବ।

**ଧନୁ** – ମନକୁ ସ୍ଥିର ରଖନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ କରନ୍ତୁ। ଆୟରେ ଅହେତୁକ ଲାଭ ହୋଇପାରେ। ଗାଡି ଚଳାଇବା ବେଳେ ସାବଧାନ ରହନ୍ତୁ। ସମ୍ମାନ ବଢ଼ିବ। ପ୍ରେମୀଙ୍କ ପାଇଁ ସମୟ ଅନୁକୂଳ ହୋଇପାରେ।

**ମକର** – ହାତ ଗୋଡରେ କଷ୍ଟ ପାଇପାରନ୍ତି। ବାହାନ ଓ ଲୁହାରେ କିଛି ଦୁର୍ଘଟଣା ହୋଇପାରେ। ଅଧିନସ୍ଥ କର୍ମଚାରୀଙ୍କୁ ଖୁସି ରଖନ୍ତୁ। ବ୍ୟବସାୟୀ ପାଇଁ ସମୟ ଠିକ୍ ନାହିଁ। ନିଜ ଲୋକଙ୍କ ସହ ମତଭେଦ ହୋଇପାରେ।

**କୁମ୍ଭ** – ଯାତ୍ରାରେ ସଫଳତା ମିଳିବ। ଶୁଭ ଖବର ପାଇବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ମକଦ୍ଦମାରେ ବିଜୟୀ ହେବେ। ଶତ୍ରୁ ପରାସ୍ତ ହେବେ। ଜୀବନସାଥୀଙ୍କ ସହଯୋଗ ପାଇବେ। ବିଦେଶ ଭ୍ରମଣର ଯୋଗ ଅଛି। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** – ରକ୍ତଚାପ ବଢ଼ିବ। ଯାତ୍ରା ଯୋଗୁଁ ବହୁତ କଷ୍ଟ ପାଇପାରନ୍ତି। ବ୍ୟବସାୟୀମାନଙ୍କୁ କ୍ଷତି ହୋଇପାରେ। ଛାତ୍ରମାନେ ପାଠରୁ ଦୂରେଇ ଯିବେ। ବାଣୀ ଉପରେ ନିୟନ୍ତ୍ରଣ ରଖନ୍ତୁ। ଜୀବନସାଥୀଙ୍କ ସହଯୋଗ ପାଇବେ। ପିଲାମାନେ ପାଠପଢ଼ାରେ ଧ୍ୟାନ ଦିଅନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୪ରେ ନବୀନ-ମମତା ଭେଟଘାଟ !



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ନଭେମ୍ବର ୪ତାରିଖରେ ଦୁଇଦିନିଆ ଗସ୍ତରେ ପଶ୍ଚିମବଙ୍ଗ ଗସ୍ତରେ ଯିବାର ସମ୍ଭାବନା ରହିଛି। ଏହି ଗସ୍ତ ସମୟରେ ଶ୍ରୀ ପଟ୍ଟନାୟକ ପୂର୍ବାଂଚଳ ଜୋନାଲ ପରିଷଦ ବୈଠକରେ ଯୋଗ ଦେବା ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ହେବା ପରେ ଶ୍ରୀ ପଟ୍ଟନାୟକଙ୍କ ପଶ୍ଚିମବଙ୍ଗକୁ ଏହା ପ୍ରଥମ ସରକାରୀ ଗସ୍ତ ହେବ। ମିଳିଥିବା ସୂଚନା ଅନୁସାରେ, ଆସନ୍ତା ନଭେମ୍ବର ୫ତାରିଖରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ କୋଲକାତାସ୍ଥିତ ରାଜ୍ୟ ସଚିବାଳୟ (ନବାନ୍ନା)ରେ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ମମତା ବାନାର୍ଜୀ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଯୋଗ ଦେବାର ସମ୍ଭାବନା ଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅବଗତ କରାଯାଇନଥିବା ଜଣାପଡ଼ିଛି। ଏହି ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆସନ୍ତା ୪ତାରିଖରେ ଦୁଇଦିନିଆ କୋଲକାତା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ଶ୍ରୀ ପଟ୍ଟନାୟକ ସ୍ୱତନ୍ତ୍ର ଭାବେ ମମତା ବାନାର୍ଜୀଙ୍କୁ ସାକ୍ଷାତ କରିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ମମତା ୨ଦିନିଆ ଚେନ୍ନାଇ ଗସ୍ତରେ ଯାଇ ୩ରେ କୋଲକାତା ଫେରି ଆସିବାର କାର୍ଯ୍ୟକ୍ରମ ଥିବାବେଳେ ୪ରେ ନବୀନଙ୍କୁ କୋଲକାତା ବିମାନ ବନ୍ଦରରେ ମମତାଙ୍କ ମନ୍ତ୍ରିମଣ୍ଡଳର ବରିଷ୍ଠ ମନ୍ତ୍ରୀ ସ୍ୱାଗତ କରିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଗସ୍ତ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନି। ତେବେ ପୂର୍ବାଂଚଳ ଜୋନାଲ ପରିଷଦ ବୈଠକରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କୋଲକାତା ଯିବାର ସମ୍ଭାବନା ଅଧିକ ବୋଲି ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

**ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ମାମଲା**

# ଏଣିକି ମୋ' ସେବା କେନ୍ଦ୍ରରେ ଆବେଦନ ସୁବିଧା

**ଭୁବନେଶ୍ୱର :** ଏଣିକି ରାଜ୍ୟର ସମସ୍ତ ମୋ' ସେବା କେନ୍ଦ୍ରରେ ମିଳିବ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ପାଇଁ ବୁକିଂ ସୁବିଧା। ଫଳରେ ଗାଡି ମାଲିକମାନେ ନିଜ ନିଜର ଗାଡି ପାଇଁ ନିକଟସ୍ଥ ମୋ' ସେବା କେନ୍ଦ୍ରକୁ ଯାଇ ବୁକିଂ କରିପାରିବେ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ) ଏନେଇ ପ୍ରେସ୍ ରିଲିଜ ଜାରି କରିଛନ୍ତି। ଏପର୍ଯ୍ୟନ୍ତ କେବଳ ଅନଲାଇନ୍ ପୋର୍ଟାଲ ସିଆମ୍ ଡଟ୍ ଇନ୍‌ରେ ବୁକିଂ କରିହେଉଥିଲା ଫଳରେ ଗ୍ରାମାଞ୍ଚଳ ଲୋକେ ଇଣ୍ଟରନେଟ୍ ସୁବିଧା ନଥିବାରୁ ଏବଂ ଅନଲାଇନ୍ ଅଭିଜ୍ଞତା ଅଭାବ ଯୋଗୁଁ ହଇରାଣ ହେଉଥିଲେ। ଏପରିକି ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ ଅକ୍ଟୋବର ପହିଲାରୁ ଯେଉଁ ଗାଡ଼ି ଗୁଡ଼ିକର ନମ୍ବରର ଶେଷ ଅଙ୍କ ୧,୨,୩ ଓ ୪ ଥିଲା,ସେମାନଙ୍କ ପାଇଁ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବା ବାଧ୍ୟତାମୂଳକ ଥିଲା। ଏହାକୁ ନେଇ ଟେନସନ ଲାଗି ରହିଥିବା ବେଳେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଏହି ଅବଧିକୁ ବଢ଼ାଇ ଦିଆଯାଇଥିଲା।

ହାଇସିକ୍ୟୁଟି ନମ୍ବର ପ୍ଲେଟ ମାମଲାରେ ରାଜ୍ୟ ପରିବହନ ବିଭାଗକୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଲୋକଙ୍କୁ ସହଜରେ ନମ୍ବର ପ୍ଲେଟ ଯୋଗାଇ ଦେବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି, ସେ ବାବଦରେ ବିସ୍ତୃତ ତଥ୍ୟ ସତ୍ୟପାଠ ଜରିଆରେ ଦାଖଲ କରିବାକୁ କୋର୍ଟ କହିଛନ୍ତି। ବିଶେଷ କରି ନମ୍ବର ପ୍ଲେଟ ପାଇଁ ସ୍ଲଟ ବୁକିଂର ସ୍ଥିତି, ଭିତ୍ତିଭୂମି ଓ ନମ୍ବର ପ୍ଲେଟ ଭାଙ୍ଗିଗଲେ କିମ୍ବା ନଷ୍ଟ ହେଲେ ଜୋରିମାନାର ପ୍ରାବଧାନ କ'ଣ ରହିବ, ସେବାବଦରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହଁ ଏଚ୍‌ଏସ୍‌ଆରପି ନିୟମ ଉଲ୍ଲଘନ ହେଲେ କ'ଣ ଜୋରିମାନା ବ୍ୟବସ୍ଥା ରହିଛି ସେନେଇ ସତ୍ୟପାଠ ରେ ଉଲ୍ଲେଖ କରିବାକୁ କୋର୍ଟ କହିଛନ୍ତି। ବିନା ଭିତ୍ତିଭୂମିରେ ଏଚ୍‌ଏସ୍‌ଆରପି ନିୟମ ଲାଗୁ କରିବାକୁ ବିରୋଧ କରି ଦୁଇ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣିରେ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ହାଇସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ସ୍ଲଟ ବୁକିଂ କରିବା ପରେ ଲୋକମାନେ ନାନା ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡିସେମ୍ବର ମାସ ଯାଏ ସ୍ଲଟ ନଥିବା ବେଳେ ଭିତ୍ତିଭୂମିର ମଧ୍ୟ ଅଭାବ ଦେଖାଯାଇଛି। ନମ୍ବର ଲଗାଇବାକୁ ଘଣ୍ଟା ଘଣ୍ଟା ଧରି ଲୋକମାନେ ବିଭିନ୍ନ ଶୋ' ରୁମ ବାହାରେ ଅପେକ୍ଷା କରୁଛନ୍ତି। ଏହି ସବୁ ସମସ୍ୟାର ସମାଧାନ ପାଇଁ କିଛି ଲୋକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଶୁଣାଣିରେ ହାଇକୋର୍ଟ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ଅବଧିକୁ ବୃଦ୍ଧି କରିଥିଲେ। ଅକ୍ଟୋବର ୩୧ରୁ ପୁଣି ଚେକିଂ ଆରମ୍ଭ ହେଉଥିବାରୁ ସ୍ଥିତିବସ୍ଥା ଜାଣିବାକୁ ଚାହିଁଛନ୍ତି ହାଇକୋର୍ଟ। ଶୁଣାଣି ସମ୍ପର୍କରେ ଆବେଦନକାରୀ ଓକିଲ କାଜଲ ସାହୁ କହିଛନ୍ତି, ଶେଷଥର ଶୁଣାଣି ବେଳେ ରାଜ୍ୟ ପରିବହନ ବିଭାଗ ୩୧ ତାରିଖ ଯାଏ ଚେକିଂ ବନ୍ଦ କରିବାକୁ କହିଥିଲେ। କୋର୍ଟ ଶୁଣାଣି ବେଳେ ସ୍ଥିତାବସ୍ଥା ଜାଣିବାକୁ ଚାହିଁଥିଲେ। କେବଳ ମୌଖିକ ଭାବେ ପରିବହନ ବିଭାଗ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କୋର୍ଟଙ୍କୁ ଜଣାଇଥିଲେ। ହେଲେ ଲିଖିତ ଭାବେ କିଛି ବି କହି ନଥିଲେ। ଏହାପରେ କୋର୍ଟ ସ୍ଲଟ କେତେ ଅଛି ଓ ଟେକ୍ନିକାଲ ସମସ୍ୟା କ'ଣ ରହୁଛି, ସେକଥା ଜାଣିବାକୁ ଚାହିଁଥିଲେ। ଆମେ ଡିସେମ୍ବର ମାସ ଯାଏ ସ୍ଲଟ ନଥିବା ଓ ଲୋକମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ପ୍ରକାଶ ପାଇଥିବା ଗୋଟିଏ ନ୍ୟୁଜି ଆର୍ଟିକିଲ କୋର୍ଟଙ୍କୁ ଦେଖାଇଥିଲୁ। ଏଥିସହ ନମ୍ବର ପ୍ଲେଟ ଡ୍ୟାମେଜ ହେଲେ, କ'ଣ ଗାଇଡଲାଇନ ଓ ଜୋରିମାନା ବ୍ୟବସ୍ଥା କେମିତି ହେବ ସେକଥା କେନ୍ଦ୍ରର ବିଜ୍ଞପ୍ତିରେ ରହିଛି। ହେଲେ ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତିରେ ସେ ବିଷୟରେ କିଛି ବି ଉଲ୍ଲେଖ ନାହିଁ। ସେ ବିଷୟରେ ଆମେ ହାଇକୋର୍ଟଙ୍କୁ ଜଣାଇଛୁ। ଏହାକୁ ଜାଣିବା ପରେ କୋର୍ଟ ରାଜ୍ୟ ପରିବହନ ବିଭାଗ ନେଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଜରିଆରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୩୧ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ କୁହାଯାଇଛି। ସତ୍ୟାପଠରେ କେତେ ସ୍ଲଟ ଉପଲବ୍ଧ ରହିଛି ଓ ଜୋରିମାନାର ପ୍ରାବଧାନ କ'ଣ ରହିବ, ସେ ବିଷୟରେ ସରକାର ଜଣାଇବେ ବୋଲି ଆଇନଜୀବୀ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୩୦ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିବା ପରେ ରାଜ୍ୟ ସରକାର ହାଇସିକ୍ୟୁରିଟି ଲଗାଇବା ଅବଧିକୁ ବୃଦ୍ଧି କରିଥିଲେ।



**୨୦୨୩-୨୪ ବାର୍ଷିକ ବଜେଟ୍**

# ଡିସେମ୍ବର ୧୫ସୁଦ୍ଧା ପ୍ରସ୍ତାବ ମାଗିଲା ଅର୍ଥ ବିଭାଗ

**ଭୁବନେଶ୍ୱର :** ୨୦୨୨-୨୩ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ପାଇଁ ବିଭାଗଗୁଡ଼ିକ ପ୍ରସ୍ତୁତି କରୁଥିବାବେଳେ ଡିସେମ୍ବର ୧୫ତାରିଖ ସୁଦ୍ଧା ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତାବ ପଠାଇବାକୁ ଅର୍ଥ ବିଭାଗ କହିଛି। ଏହାସହିତ ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବ୍ୟୟବରାଦ ତୁଳନାରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍ ପରିମାଣ ସର୍ବାଧିକ ୧୨ ପ୍ରତିଶତ ଅଧିକ ହେବ ଓ ବାର୍ଷିକ ବଜେଟ୍ ଆସନ୍ତା ୨୦୨୩ ଫେବୃୟାରୀ ତୃତୀୟ ସପ୍ତାହରେ ବିଧାନସଭାରେ ଉପସ୍ଥାପନ କରାଯିବ ବୋଲି ଅର୍ଥ ବିଭାଗ ପକ୍ଷରୁ ଗତ ସପ୍ତାହରେ ସମସ୍ତ ବିଭାଗ ଚିଠି ପଠାଇ ଅବଗତ କରିଛି। ଅର୍ଥ ବିଭାଗର ଚିଠି ସୂଚନା ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷ ଭଳି ୨୦୨୩-୨୪ରେ ମଧ୍ୟ ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ହାର ୮ ପ୍ରତିଶତ ରହିବ। ତେବେ ଲୁହାପଥର ଦର ହ୍ରାସ ଯୋଗୁ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜସ୍ୱ ହ୍ରାସ ହେବାର ଆଶଙ୍କା ଓ କେନ୍ଦ୍ର ସରକାରଙ୍କଠୁ ମିଳୁଥିବା ସହାୟତା ପରିମାଣ ହ୍ରାସ ମଧ୍ୟରେ ରାଜ୍ୟ ସରକାର ନିଜର ବଜେଟ୍ ପ୍ରସ୍ତୁତ କରିବେ, ଯାହାକି ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବଜେଟ୍ ତୁଳନାରେ ପ୍ରାୟ ୧୨ ପ୍ରତିଶତ ଅଧିକ ରହିବ। ରାଜ୍ୟ ସରକାର ଆଗାମୀ ୫ବର୍ଷିଆ ପ୍ରାଥମିକତାକୁ ଚୂଡ଼ାନ୍ତ କରି ସମସ୍ତଙ୍କୁ ଗୁଣାତ୍ମକମାନର ସାର୍ବଜନୀନ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଜୀବନଜୀବିକା ଦେବାକୁ ମଧ୍ୟବର୍ତ୍ତୀ ରଣନୀତି ପ୍ରସ୍ତୁତ କରିଛନ୍ତି। ସେଥିପାଇଁ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, ଗ୍ରାମ୍ୟ ସଂଯୋଗୀକରଣ, ପରିଚ୍ଛନ୍ନତା ଓ ସହାରାଂଚଳ ଭିତ୍ତିଭୂମି ସୁବିଧା ଆଦି କ୍ଷେତ୍ରରେ ଅଧିକ ପରିମାଣର ପୁଞ୍ଜି ବିନିଯୋଗ କରୁଛନ୍ତି। ଏହାସହିତ ମହିଳାଙ୍କ ସଶକ୍ତିକରଣ ଓ ସେମାନଙ୍କୁ ବିଭିନ୍ନ ଆର୍ଥିକ କ୍ଷେତ୍ରରେ ନିୟୋଜିତ କରିବା ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସମାଜର ବିଭିନ୍ନ ପଛୁଆ, ନିଷ୍ପେଷିତ ବର୍ଗଙ୍କ କଲ୍ୟାଣ ଉପରେ ସରକାର ପ୍ରାଥମିକତା ଦେଉଥିବାରୁ ବଜେଟରେ ଏହାର ଝଲକ ଦେଖିବାକୁ ମିଳିବ। ସେଥିପାଇଁ ଅର୍ଥ ବିଭାଗ ସରକାରଙ୍କ ଆଗାମୀ ୫ବର୍ଷିଆ ରଣନୀତି ସମ୍ପର୍କରେ ଅବଗତ କରିଛି, ଯାହାଫଳରେ ବିଭାଗଗୁଡ଼ିକ ଅନୁରୂପ ଭାବେ ନିଜର ବଜେଟ୍ ପ୍ରସ୍ତୁତ କରିବେ। ୨୦୨୨-୨୩ ସଂଶୋଧିତ ବ୍ୟୟବରାଦ ଓ ୨୦୨୩-୨୪ ବାର୍ଷିକ ବଜେଟରେ ବିତ୍ତୀୟ ନିଅଣ୍ଟ ପରିମାଣକୁ ସର୍ବାଧିକ ୩ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ଅର୍ଥ ବିଭାଗ କହିଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବିଭାଗଗୁଡ଼ିକୁ ଡିସେମ୍ବର ୧୫ତାରିଖ ସୁଦ୍ଧା ପ୍ରସ୍ତାବ ପଠାଇବାକୁ ଓ ଡିସେମ୍ବର ୧୬ରୁ ୩୧ତାରିଖ ପର୍ଯ୍ୟନ୍ତ ଅର୍ଥ ବିଭାଗ ଓ ଯୋଜନା-ସଂଯୋଜନ ବିଭାଗରେ ବଜେଟ୍ ପୂର୍ବର ସମନ୍ୱୟ ବୈଠକ, ଫେବୃୟାରୀ ୬ରେ ସଚିବମାନଙ୍କ ବୈଠକରେ ବଜେଟ୍ ରୂପରେଖ ଚୂଡ଼ାନ୍ତ ଓ ଫେବୃୟାରୀ ୭ରୁ ୧୦ତାରିଖ ମଧ୍ୟରେ ରାଜ୍ୟ ମନ୍ତ୍ରିପରିଷଦ ଦ୍ୱାରା ଚିଠା ବଜେଟକୁ ଅନୁମୋଦନ ହେବ ବୋଲି ଜଣାପଡ଼ିଛି।



# ସଶକ୍ତ ହେବ ସ୍ୱାସ୍ଥ୍ୟ ଭିତ୍ତିଭୂମି

## ନିର୍ମାଣ ହେବ ୩୩୮ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ର



**ଭୁବନେଶ୍ୱର :** ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ଆସିବ। ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକଙ୍କୁ ସହଜରେ ସ୍ୱାସ୍ଥ୍ୟ ସେବା ମିଳିବ। ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଥିବା ଅସୁବିଧାକୁ ଦୂର କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇଛନ୍ତି। ଏଥି ପାଇଁ ସରକାର ଆଗାମୀ ଦିନରେ ୩୩୮ଟି ଉପଖଣ୍ଡ ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି) ନିର୍ମାଣ କରିବେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁସାରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୨ଟି ଉପଖଣ୍ଡ ଡାକ୍ତରଖାନା, ୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୩୦୬ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହେବ। ଏକକାଳୀନ ନୂତନ ଭାବେ ୩୩୮ଟି ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ହେବା ପରେ ବିଶେଷ ଭାବେ ଗ୍ରାମାଞ୍ଚଳର ଲୋକେ ବହୁ ଉପକୃତ ହେବେ। ତେବେ ୩୩୮ଟି ଡାକ୍ତରଖାନା ଓ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ନିର୍ମାଣ ହେଲା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆସିବା ସହିତ ଯୁବକ-ଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ମିଳିପାରିବ। ଡାକ୍ତର, ମେଡିକାଲ ଅଧିକାରୀ, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ ଓ ୪ର୍ଥ କର୍ମଚାରୀଙ୍କୁ ନିଯୁକ୍ତି ମିଳିବ।

# ଏଥର ଅନ୍ତର୍ଜାତୀୟ ଆକର୍ଷଣ ପାଲଟିବ ବାଲିଯାତ୍ରା

**କଟକ :** ଜାତୀୟ ଖ୍ୟାତି ପାଇଥିବା କଟକର ବାଲିଯାତ୍ରା ଉତ୍ସବ ଏଥର ଅନ୍ତର୍ଜାତୀୟ ଆକର୍ଷଣ ପାଲଟିବାକୁ ଯାଉଛି। ବାଲିଯାତ୍ରାକୁ ଇଣ୍ଡୋନେସିଆ ଓ ବାଲିଦ୍ୱୀପ ସହ ଯୋଡ଼ିବାରେ ପ୍ରମୁଖ ଭୂମିକା ନେଇଥିବା 'କଳିଙ୍ଗ ଇଣ୍ଟରନାସନାଲ୍ ୟୁଥ୍ ଫାଉଣ୍ଡେସନ୍ (କେଓ୍ୱାଇଏଫ୍)' ପକ୍ଷରୁ ଏଥର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ଦକ୍ଷିଣ ଏସିଆର ୧୦ଟି ଦେଶର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଛି। ସେମାନଙ୍କ ଭିତରୁ ୫ଟି ଦେଶ ଏହା ଭିତରେ ବାଲିଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। କଟକ ବାଲିଯାତ୍ରାରେ ଏହି ଦେଶଗୁଡ଼ିକର ବାଣିଜ୍ୟିକ ଷ୍ଟଲ୍ ଖୋଲାଯିବା ସହ ଭୁବନେଶ୍ୱରରେ 'ପୂର୍ବାୟନ ଶୀର୍ଷକ ଅନ୍ତରାଷ୍ଟ୍ରୀୟ ଆଲୋଚନାଚକ୍ର' ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କେଓ୍ୱାଇଏଫ୍ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ବିଭୁ ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି। କେଓ୍ୱାଇଏଫ୍ ପକ୍ଷରୁ ଏଥର ବାଲିଯାତ୍ରା ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ କେତେକ ନୂଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ସମୁଦ୍ର ବିଦ୍ୟା ସହ କଳା, ସଂସ୍କୃତି, ବାଣିଜ୍ୟ ଓ ସଭ୍ୟତା ଉପରେ ପାରଦର୍ଶିତା ରଖିଥିବା ବ୍ୟକ୍ତିବିଶେଷଙ୍କୁ ଓଡ଼ିଶା ଆମନ୍ତ୍ରଣ କରାଯାଉଛି। ଆସନ୍ତା ନଭେମ୍ବର ୭ରୁ ୧୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ସେମାନେ ଏହି ଆଲୋଚନାଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଭାଗନେବାକୁ ଥିବାବେଳେ ୮ତାରିଖଠାରୁ କଟକ ବାଲିଯାତ୍ରାରେ ମଧ୍ୟ ଭାଗ ନେବେ। ଭୁବନେଶ୍ୱରର କାର୍ଯ୍ୟକ୍ରମରେ ଓଡ଼ିଶା ଓ ବାଲି ମଧ୍ୟରେ ସମ୍ପର୍କ ସ୍ଥାପନରେ ବିଶେଷ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି କ୍ରମରେ ପ୍ରଥମକରି ରାଜ୍ୟର ଦୁଇ ପ୍ରମୁଖ ନେତା ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପଛର ନାରୀଶକ୍ତି ତତ୍କାଳୀନ ପାଇଲଟ୍ ଜ୍ଞାନ ପଟ୍ଟନାୟକଙ୍କ ନାମରେ ଏକ ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ୧୯୯୨ ମସିହାରେ ଭାରତୀୟ ନୌସେନା ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ସ୍ୱତନ୍ତ୍ର ନୌକା 'ଆଇଏନ୍‌ଏସ୍‌ଭି ସମୁଦ୍ର'ରେ ପାରାଦୀପରୁ ବାଲି ଯାଇଥିବା ଏକମାତ୍ର ମହିଳା ଯାତ୍ରୀ ନିବେଦିତା ଆଚାର୍ଯ୍ୟଙ୍କୁ ଚଳିତବର୍ଷ 'ପ୍ରଥମ ଜ୍ଞାନ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ। ଏଥିସହିତ କଳିଙ୍ଗ ଓ ବାଲି ସମ୍ପର୍କ ପୁନର୍ଜୀବିତ କରିବାରେ ବିଶେଷ ଭୂମିକା ଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କୁ ଖାରବେଳ ସମ୍ମାନ, କାରୁବାକି ସମ୍ମାନ, ଭାରତ ବନ୍ଧୁ ସମ୍ମାନ ଭଳି ଅନ୍ୟ କେତେକ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଡକ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଡକ୍ଟର ସ୍ୱାଇଁଙ୍କ ଉଦ୍ୟମରେ ରାଜ୍ୟ ସରକାର ଓ ଇଣ୍ଡୋନେସିଆ ସରକାରଙ୍କ ସହଯୋଗରେ କଟକର ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ସ୍ୱତନ୍ତ୍ର ଇଣ୍ଡୋନେସିଆ ଗ୍ୟାଲେରି ପ୍ରସ୍ତୁତ କରାଯାଇଛି।

# ନୂଆବର୍ଷରୁ ଭୁବନେଶ୍ୱରରୁ ଗୌହାଟୀକୁ ବିମାନ ଉଡ଼ାଣ



**ଭୁବନେଶ୍ୱର :** ନୂଆବର୍ଷରୁ ଭୁବନେଶ୍ୱରରୁ ଗୌହାଟୀକୁ ସିଧା ବିମାନ ଉଡ଼ାଣ ଆରମ୍ଭ ହେବ। ଜାନୁଆରି ୧ରୁ ଇଣ୍ଡିଗୋ ବିମାନ ସପ୍ତାହକୁ ଚାରିଦିନ ସୋମ, ବୁଧ, ଶୁକ୍ର ଏବଂ ରବିବାର ଭୁବନେଶ୍ୱରରୁ ଗୌହାଟୀ ମଧ୍ୟରେ ଉଡ଼ାଣ କରିବ। ବିମାନ ୬ଇ ୬୯୭୧ ଅପରାହ୍ନ ୨ଟା ୪୫ରୁ ଉଡ଼ାଣ ଆରମ୍ଭ କରି ଗୌହାଟୀରେ ଅପରାହ୍ନ ୪ଟା ୨୦ରେ ଅବତରଣ କରିବ। ସେହିପରି ବିମାନ ୬ଇ ୬୫୭୪ ବିମାନ ଅପରାହ୍ନ ୪ଟା ୫୦ରେ ଭୁବନେଶ୍ୱରରୁ ବାହାରି ଗୌହାଟୀରେ ସଂଧ୍ୟା ୬ଟା ୪୫ରେ ଅବତରଣ କରିବ। ସେହିପରି ଅକ୍ଟୋବର ୩୦ରୁ ଏୟାର ଏସିଆ ଭୁବନେଶ୍ୱରରୁ ନୂଆଦିଲ୍ଲୀ ମଧ୍ୟରେ ସିଧା ବିମାନ ଉଡ଼ାଣ ଆରମ୍ଭ କରିବ। ବିମାନଟି ପ୍ରତିଦିନ ସକାଳ ୧୦ଟା ୩୫ରେ ନୂଆଦିଲ୍ଲୀରୁ ଉଡ଼ାଣ ଆରମ୍ଭ କରି ମଧ୍ୟାହ୍ନ ୧୨ଟା ୪୫ରେ ଭୁବନେଶ୍ୱରରେ ଅବତରଣ କରିବ। ଭୁବନେଶ୍ୱରରୁ ରାତି ୮ଟା ୨୦ରେ ଉଡ଼ାଣ ଆରମ୍ଭ କରି ରାତି ୧୦ଟା ୨୫ରେ ଦିଲ୍ଲୀରେ ପହଞ୍ଚିବ ବୋଲି ଜଣାପଡ଼ିଛି।

# ଡିସେମ୍ବର ପହିଲାରୁ କୋଣାର୍କରେ ଇକୋ ରିଟ୍ରିଟ୍



**କୋଣାର୍କ :** କୋଣାର୍କରେ ଡିସେମ୍ବର ପହିଲାରୁ ହେବ ଇକୋ ରିଟ୍ରିଟର ଚତୁର୍ଥ ସଂସ୍କରଣ। ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଗତକାଲି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଚଳିତବର୍ଷ ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ କରିବାକୁ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା। ସେ କହିଛନ୍ତି, ୭୦ଟି ଲଜ୍ ପାଇଁ ଟେଣ୍ଟ କରାଯିବ। ତାରକା ହୋଟେଲ ଅନୁରୂପ ସୁବିଧା ରହିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ବିଚ ସ୍ପୋର୍ଟସ ଓ ଇଣ୍ଡୋର ଗେମ ଇତ୍ୟାଦି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ନିରବଛିନ୍ନ ବିଦ୍ୟୁତ, ପାଣି, ମୋବାଇଲ ନେଟୱାର୍କ ସହ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ, ସୁରକ୍ଷା ବ୍ୟବସ୍ଥା ଓ ୨୪ ଘଣ୍ଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବାକୁ ସ୍ଥିର ହୋଇଛି। ବିଭାଗ ଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ବୈଠକରେ ପରାମର୍ଶ ଦେଇଛନ୍ତି। ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଓ ଇ-ଫାକ୍ଟର ଏଜେନ୍ସିର ମିଳିତ ସହଯୋଗରେ ଇକୋ ରିଟ୍ରିଟ୍ ଡିସେମ୍ବର ୧ରୁ ୨୦୨୩ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ବ୍ୟବସ୍ଥା କରାଯାଇଛି।

# 'ଧାମନଗରରେ ହେବ ସ୍ୱଚ୍ଛ, ମୁକ୍ତ ଓ ଅବାଧ ଉପନିର୍ବାଚନ'



**ଭୁବନେଶ୍ୱର :** ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ଚାଲୁ ରହିଛି ଓ ସ୍ୱଚ୍ଛ, ମୁକ୍ତ ଓ ଅବାଧ ଉପନିର୍ବାଚନ କରାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଆଗାମୀ ଉପନିର୍ବାଚନକୁ ପରିଚାଳନା କରିବା ପାଇଁ ସମୁଦାୟ ୧୧୦୮ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ଓ ଏହା ମଧ୍ୟରେ ସେମାନଙ୍କର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ସମାପ୍ତ ହୋଇଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଉପନିର୍ବାଚନକୁ ନିରପେକ୍ଷ ଭାବେ ପରିଚାଳନା କରିବା ନିମନ୍ତେ ପ୍ରଶାସନ ତରଫରୁ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ବାସିନ୍ଦା, ନିର୍ବାଚନ ମଣ୍ଡଳୀର ଭୋଟର ହୋଇଥିବା କର୍ମଚାରୀମାନଙ୍କୁ ଉପନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଉକ୍ତ ଉପନିର୍ବାଚନ କାର୍ଯ୍ୟ ପରିଚାଳନା ନିମନ୍ତେ ଧାମନଗର ନିର୍ବାଚନ ମଣ୍ଡଳୀ ବାହାରର କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି ବୋଲି ସେ କହିଛନ୍ତି। ଏପରିକି ଯେଉଁମାନେ ସ୍ଥାୟୀ କର୍ମଚାରୀ ନୁହନ୍ତି, ସେମାନଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇନାହିଁ ଉପନିର୍ବାଚନରେ ସମୁଦାୟ ବୁଥ୍ ଶତକଡ଼ା ୫୦ ଭାଗ ବୁଥରେ ଓ୍ୱେବକାଷ୍ଟିଙ୍ଗ କରାଯିବ ଓ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥରେ ୨୬ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ଧାମନଗର ଉପନିର୍ବାଚନ କାର୍ଯ୍ୟ ପର୍ଯ୍ୟବେକ୍ଷଣ ଲାଗି ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦୁଇଜଣ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସାଧାରଣ ପର୍ଯବେକ୍ଷକ ଭାବେ ପଶ୍ଚିମବଙ୍ଗ କ୍ୟାଡରର ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ନିରଞ୍ଜନ କୁମାର (ମୋବାଇଲ୍ ନଂ-୭୮୫୪୮୨୬୫୦୯)ଙ୍କୁ ନିଯୁକ୍ତ କରାଯାଇଥିବାବେଳେ ବ୍ୟୟ ପର୍ଯ୍ୟବେକ୍ଷକ ଭାବେ ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ପ୍ରଣେଶ୍ ଗୁପ୍ତାଙ୍କୁ (ମୋବାଇଲ୍ ନଂ-୮୨୬୦୭୪୫୬୨୬)ଙ୍କୁ ନିଯୁକ୍ତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି। ଉପନିର୍ବାଚନ ପାଇଁ ଆବଶ୍ୟକ ହେଉଥିବା ପର୍ଯ୍ୟାପ୍ତ ପରିମାଣରେ ଇଭିଏମ୍ ଓ ଭିଭିପ୍ୟାଟ୍ ରିଟର୍ଣ୍ଣିଂ ଅଧିକାରୀଙ୍କ ସ୍ତରରେ ଗଚ୍ଛିତ ଅଛି। ଆସନ୍ତା ନଭେମ୍ବର ୧ ତାରିଖ ଦିନ ପୁଲିଙ୍ଗ୍ ପାର୍ଟିମାନେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ନିର୍ବାଚନ ସାମଗ୍ରୀ ଧରି ଭୋଟଗ୍ରହଣ ନିମନ୍ତେ ନିଜ ନିଜ ବୁଥ୍ ଗୁଡ଼ିକୁ ଯିବେ। ସମୁଦାୟ ୨୫୨ ବୁଥ୍ ମଧ୍ୟରୁ ୧୦୬ ଗୋଟି ବୁଥ୍‌କୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି ଓ ସେସବୁ ବୁଥ୍‌ରେ ଶାନ୍ତିଶୃଙ୍ଖଳା ସହ ଭୋଟ ଗ୍ରହଣ ନିମନ୍ତେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ନିର୍ବାଚନ ମଣ୍ଡଳୀ ମଧ୍ୟରେ ଆଇନଶୃଙ୍ଖଳା ରକ୍ଷା ସହ ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି ଓ ବର୍ତ୍ତମାନ ସୁଦ୍ଧା ୬୪୧ ଗୋଟି ଅସ୍ତ୍ରଶସ୍ତ୍ର ଜବତ ସହ ୧୯୦୯ ଜଣ ବ୍ୟକ୍ତିଙ୍କୁ ସିଆରପିସି ଧାରା ୧୦୭/୧୧୬ ଅନୁସାରେ ଅଟକ କରାଯାଇଛି। ୧୭୨ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ଜାମିନବିହୀନ ପରୱାନା ଜାରି କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି। ଅବକାରୀ ବିଭାଗ ଦ୍ୱାରା ୧୫ ଲକ୍ଷରୁ ଅଧିକ ଟଙ୍କାର ମଦ ଜବତ କରାଯାଇଛି। ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବାବେଳେ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ଏହାର ଉଲଂଘନ କରାଯାଇ ଜନସାଧାରଣଙ୍କ ସଂପତ୍ତି, କୋଠାବାଡ଼ି, ବିଦ୍ୟାଳୟ, ମହାବିଦ୍ୟାଳୟ ଇତ୍ୟାଦିକୁ ବିକୃତ କରି ପୋଷ୍ଟର, ବ୍ୟାନର ଆଦି ମାରିବା ଅଭିଯୋଗରେ ୧୨୮୭ ଗୋଟି କେସ୍ କରାଯାଇଛି ଓ ବ୍ୟକ୍ତିଗତ ସଂପତ୍ତିଗୁଡ଼ିକରେ ପୋଷ୍ଟରବ୍ୟାନର ଇତ୍ୟାଦି ମାରିବା ସହ ଆଦର୍ଶ ଆଚରଣବିଧି ଉଲଂଘନ ଅଭିଯୋଗରେ ୨୭ଗୋଟି କେସ୍ କରାଯାଇଛି। ସେହିପରି ଆଦର୍ଶ ଆଚରଣବିଧି ଉଲଂଘନ କରି ଏକ ନିର୍ଦ୍ଦିଷ୍ଟ ଭିଡ଼ିଓ ଫୁଟେଜ (ଦୁଇଜଣ ମହିଳାଙ୍କ କଥୋପକଥନ) ଲୋକଲୋଚନକୁ ଆସିବା ସଙ୍ଗେ ସଙ୍ଗେ ୪୮ ଘଣ୍ଟା ମଧ୍ୟରେ ଏହାର ତଦନ୍ତ କରାଯାଇ ଧାମନଗର ଥାନା କେସ୍ ନଂ ୩୯୧, ତା.୨୪/୧୦/୨୦୨୨ରିଖରେ ଭାରତୀୟ ପିଙ୍ଗଳ କୋର୍ଡ ଧାରା ୧୭୧(ଇ) ଉପଧାରା ୧୨୩(୧)/୧୩୪ ଲୋକପ୍ରତିନିଧି ଆଇନ ଅନୁସାରେ କେସ୍ ରୁଜୁ କରାଯାଇଛି। ଅନ୍ୟ ଏକ ଭିଡ଼ିଓ ଫୁଟେଜ୍ ଆଦର୍ଶ ଆଚରଣବିଧି ଉଲଂଘନ କରି ଲୋକଲୋଚନକୁ ଆସିବା ପରେ ତତ୍‌କ୍ଷଣାତ୍ ଏହାର ତଦନ୍ତ କରାଯାଇ ୨୪ ଘଣ୍ଟା ମଧ୍ୟରେ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ୧୯୫୧ ଲୋକପ୍ରତିନିଧି ଆଇନର ଧାରା ୧୨୩(୧)/୧୨୩(୨) କ(ଆଇ)/୧୨୩ (୩କ)ରେ ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ କେସ ରୁଜୁ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



# ଆଗାମୀ ପିଢ଼ି ପାଇଁ କିଛି ହେଉ

ଅନନ୍ତ ଅସୀମ ଗଗନକୁ ଯେବେ ମଣିଷ ଜୀବନ ସହ ତୁଳନା କରିବା, ତେବେ ଏହା ଏକ ଧୃଷ୍ଟତା ବୋଲି କୁହାଯିବ। କାରଣ ଖଗୋଳ ବିଜ୍ଞାନର ପରିସୀମା ଓ ବିଜ୍ଞାନର କରାମତି ଉଭୟକୁ ବିଚାର କଲେ ଆମେ ଗୋଟିଏ ଭୂଖଣ୍ଡରୁ ଆଉ ଗୋଟିଏ ଭୂଖଣ୍ଡ ଯିବା ପାଇଁ ସାଧାରଣ ଅର୍ଥରେ ସହଜ ବୋଲି କହିପାରିବା କି ? ଯଦିଓ ବିଜ୍ଞାନ ବଳରେ ମଣିଷ ଏବେ ମଙ୍ଗଳ ଓ ଚନ୍ଦ୍ର ପୃଷ୍ଠରେ ବଞ୍ଚିବାର ସୂତ୍ର ଖୋଜିଚାଲିଛି। ହେଲେ ଏଥିରେ ସଫଳ ହେବାକୁ ବିଜ୍ଞାନୀ ପ୍ରଚେଷ୍ଟା ଏବଂ ପ୍ରକୃତିର ନିୟମ ସମ୍ପୂର୍ଣ୍ଣ ଅଲଗା। କାରଣ ପ୍ରକୃତି ନିଜ ଅଧୀନରେ ରଖିଥିବା ବସ୍ତୁ ବା ଭୂମି ଆମ ନିୟନ୍ତ୍ରଣ ବାହାରେ। ଆମର ଛୋଟିଆ ଚେଷ୍ଟା ଯାହା ଅସଂଖ୍ୟ ବୈଜ୍ଞାନିକଙ୍କ ଦୃଷ୍ଟିଭଙ୍ଗୀ, ଗବେଷଣା ସହ ଜଡିତ ତାହାର ଶେଷ ନିଷ୍କର୍ଷ ଏଯାଏ କେହି ହାସଲ କରିନାହାନ୍ତି। ପିଲାମାନେ ପାଠ ପଢ଼ିଲା ବେଳେ ରଫ ଖାତାର ଆଶ୍ରୟ ନେଲା ଭଳି ବିଜ୍ଞାନକୃତ ନିଷ୍କର୍ଷରେ ଅନେକ ସଫଳତା ଓ ବିଫଳତା ଯୋଡି ହୋଇ ରହିଛି। କିନ୍ତୁ ସାଧାରଣ ମଣିଷ ଯେଉଁମାନେ ସାମାଜିକ ନିୟମରେ ବନ୍ଧା ତାହା ହଜାର ହଜାର ବର୍ଷର ନିଷ୍କର୍ଷ ବୋଲି କୁହାଯାଇ ପାରିବ। ପ୍ରତ୍ୟେକ କଥାକୁ ଯୁକ୍ତିରେ କାଟିବା ହୁଏତ ସହଜ ହୋଇପାରେ। ମାତ୍ର ଏହା ପଛରେ ରହିଥିବା ସିଦ୍ଧାନ୍ତ କେବେ ମିଥ୍ୟା ନୁହେଁ। ଏମିତି ହୋଇଥିଲେ ଆମର ପାରିବାରିକ ଜୀବନ ଆମେ ନିଜେ ନିୟନ୍ତ୍ରଣ କରୁନଥାନ୍ତେ। ଗୋଟେ ବିଶ୍ୱାସ ଉପରେ ପର୍ଯ୍ୟବେସିତ ନିୟମ ଆମକୁ ବାନ୍ଧି ରଖିପାରିନଥାନ୍ତା। ଯେଉଁ ବିଶ୍ୱାସ ଦ୍ୱାରା ଆମର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତିକି କ୍ରିୟା ବା କର୍ମ ହେଉଛି ତାହା ନିମିଷକେ ଧୂଳିସାତ ହୋଇଯିବ। ତେଣୁ ଗୋଟେ ବିଶ୍ୱାସ ଉପରେ ସନ୍ଦେହ ପ୍ରକଟ କରିବା ଅଥବା ବିଶ୍ୱାସକୁ ନେଇ ଅବିଶ୍ୱାସର ପରିସ୍ଥିତି ସୃଷ୍ଟି କରିବା ଦ୍ୱାରା ଏହା ସମାଜ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଲଗାଇବା ସଦୃଶ। ହଜାର ହଜାର ବର୍ଷ ଧରି ସନାତନୀ ହିନ୍ଦୁ ଧର୍ମ ନିଜର ସ୍ୱଚ୍ଛ ବିଚାରାଧାରାକୁ ନେଇ ପରିବାରବାଦକୁ ପୁଷ୍ଟ କରିଚାଲିଛି। ଆମର ଜୀବନଚର୍ଯ୍ୟା ଭଗବତ ବିଶ୍ୱାସ ଉପରେ ତିଷ୍ଠି ରହିଛି। ଏଥିରେ ସାମାନ୍ୟ ଆଞ୍ଚ ଆସିଲେ ବ୍ୟକ୍ତିର ସ୍ୱାଭିମାନ ନିମ୍ନମୁଖୀ ବୋଲି ବିଚାର କରାଯାଏ। ପାଶ୍ଚାତ୍ୟ ସଂସ୍କୃତି ଠାରୁ ଆମର ସଂସ୍କୃତି ଓ ପରମ୍ପରା ସମ୍ପୂର୍ଣ୍ଣ ଅଲଗା। ଆମେ ଶୁଦ୍ଧ ଚିତ୍ତରେ ଈଶ୍ୱରଙ୍କୁ ପ୍ରାର୍ଥନା କରି ସକଳ କାର୍ଯ୍ୟର ଶୁଭାରମ୍ଭ କରିଥାଉ। ପ୍ରାଚୀନ ସଂସ୍କାର, ସଂସ୍କୃତି ଆମକୁ ବୌଦ୍ଧିକ ଚେତନାରେ ଉଦବୁଦ୍ଧ କରିବା ସହିତ ସନ୍ମାର୍ଗରେ ଯିବାକୁ ପ୍ରେରଣା ଦିଏ। ଆମର ସଂସ୍କୃତି, ସଂସ୍କାର ଜୀବନ ଦର୍ଶନର ଗୂଢ ରହସ୍ୟକୁ ପ୍ରତିପାଦିତ କରୁଥିଲା ବେଳେ ପାଶ୍ଚାତ୍ୟ ଅନୁଗାମୀ ମାନଙ୍କ ଭ୍ରାନ୍ତ ଚିନ୍ତାଧାରା ଏହା ପ୍ରତି ବିପଦ ଟାଣିଆଣୁଛି। ଯଦିଓ ପାଶ୍ଚାତ୍ୟ ଦେଶ ଏବେ ଭାରତୀୟ ସଂସ୍କୃତିକୁ ନିଜର କରିବା ପାଇଁ ଆଗେଇ ଆସିଲେଣି।

ଯୌଥ ପରିବାର ହେଉ ଅଥବା ଚଳଣିରେ ଶାଳୀନତା, ଶାନ୍ତି ବଜାୟ ରଖିବା ପରି ଉଦାହରଣ ସେମାନଙ୍କୁ ବଞ୍ଚିବାର ନୂଆ ରାହା ଦେଖାଉଛି। ବସ୍ତୁବାଦ ଜଗତ ଏବଂ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। ଯେମିତିକି ପ୍ରାଚୁର୍ଯ୍ୟ ଓ ମାନସିକ ଶାନ୍ତି କଥା ଉଠିଲେ, ଯାହା ଜଣାପଡେ ମଣିଷ କେବେ ପ୍ରାଚୁର୍ଯ୍ୟ ଦ୍ୱାରା ଶାନ୍ତି ଲାଭ କରିପାରିନାହିଁ। ଅଧିକ ଧନ ସମ୍ପତ୍ତିର ମୋହ ମଣିଷକୁ ମଣିଷ ଠାରୁ ଦୂରେଇ ଦିଏ। ଅତ୍ୟଧିକ ଲୋଭ ଗ୍ରାସ କଲେ ଆସୁରିକ ପ୍ରବୃତ୍ତି ବୃଦ୍ଧି ପାଏ ବୋଲି ନଜିର କିଛି କମ ନୁହେଁ। ଯେଉଁମାନେ ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ ଓ ଅନୁସରଣ କରୁଛନ୍ତି,ସେମାନେ ବୁଝିପାରୁନାହାନ୍ତି ଯେ, ଆମର ସନାତନ ହିନ୍ଦୁ ଧର୍ମର ପ୍ରାଚୀନତା ଅନ୍ୟ ଧର୍ମ ଠାରୁ ଯଥେଷ୍ଟ ପୁରୁଣା ଏବଂ ଏହାର ମୂଳ ଭିତ୍ତିଭୂମି ଅତ୍ୟନ୍ତ ସୁଦୃଢ଼। ତେଣୁ ନୂତନତା ନାଁରେ ଯେଉଁମାନେ ପୁରାତନକୁ ଭୁଲିବା ଚିନ୍ତାରେ ଅଛନ୍ତି, ସେମାନେ ବୁଝିବା ଦରକାର ଯେ, ଭାରତୀୟ ସଂସ୍କୃତିରେ ଆଧୁନିକ ଶିକ୍ଷା, ଗବେଷଣା ଓ ସମସ୍ତ ଉପାଦେୟ ତଥ୍ୟ ରହିଛି ଯାହା ମାନବ ସଭ୍ୟତାକୁ ନୂତନ ଦିଗଦର୍ଶନ ଦେଇପାରିବ। ଆଜିକାଲି ଆମେ ଯେଉଁ ପରିବେଶ କଥା ଚିନ୍ତା କରୁଛେ ସେଭଳି ଚିନ୍ତାଧାରା ହଜାର ହଜାର ବର୍ଷ ଧରି ଆମ ପୂର୍ବପୁରୁଷ ମଧ୍ୟ କରିଥିଲେ। ଆମ ସଂସ୍କୃତିରେ ବୃକ୍ଷକୁ ଦେବତା କହି ଏହାର ପୂଜା କରିବା ସହିତ ସଂରକ୍ଷଣ ପାଇଁ ନାନାବିଧ ଯୋଜନା କରୁଥିଲେ। ବୃକ୍ଷରୋପଣକୁ ଧର୍ମ ସହ ଯୋଡି ଏହାର ବ୍ୟାପକତା ବୃଦ୍ଧି କରିଥିଲେ। ଯାହାଫଳରେ କେହି ବୃକ୍ଷ କାଟି ଜଙ୍ଗଲ ଉଜାଡିବା ଚିନ୍ତା ବି କରୁନଥିଲେ। ସେହିଭଳି ଆଜିର ଜଳ କଷ୍ଟ ଓ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଜଳଦେବତାଙ୍କୁ ପୂଜା କରାଯାଉଥିଲା। ପରିବେଶ ଥଣ୍ଡା ରଖିବା ସହ ପ୍ରାଣୀଜଗତର ସୁରକ୍ଷା ଦୃଷ୍ଟିରୁ ପୁଷ୍କରିଣୀ ଖନନ ଓ ଜଳ ସଂରକ୍ଷଣ ପ୍ରତି ଦୃଷ୍ଟି ଦେଉଥିଲେ। ଯାହାଫଳରେ ଖରାଦିନେ ଲୋକ ଆଉ ଜଳ କ୍ଲିଷ୍ଟର ସାମ୍ନା କରୁନଥିଲେ। ଏପରିକି ବିଭିନ୍ନ ପୁଷ୍କରିଣୀ ଜଳକୁ ମଧ୍ୟ କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। କୂଅ, ପୋଖରୀରେ ଜଳ ଭରି ରହୁଥିବାରୁ ଅସଂଖ୍ୟ ଜୀବଜନ୍ତୁ ଏହାଦ୍ୱାରା ଉପକୃତ ହେଉଥିଲେ। ଗ୍ରାମାଞ୍ଚଳରେ ଏଭଳି ଯୋଜନା ସେତେବେଳେ ସରକାର କରୁନଥିଲେ। ସାଧାରଣଲୋକ ଏବଂ ଗ୍ରାମ ମୁରବୀଙ୍କ ଦ୍ୱାରା ଏହି କାର୍ଯ୍ୟ ହେଉଥିଲା। ଯେଉଁଠାରେ ଅବ୍ୟବହୃତ ଜମି ଥିଲା ସେଠାରେ ଶ୍ରମ ଦାନ ଦ୍ୱାରା ତ ଆଉ କେଉଁଠି ବଦାନ୍ୟ ବ୍ୟକ୍ତି ବିଶେଷ ଏହା ମହତ କାର୍ଯ୍ୟ ଭାବି କରୁଥିଲେ। ପଥପାର୍ଶ୍ୱ ବନୀକରଣ ମଧ୍ୟ ଉକ୍ତ ସମୟରେ ମହାନ କାର୍ଯ୍ୟ ବୋଲି ବିବେଚନା କରାଯାଉଥିଲା। ଧୀରେ ଧୀରେ ବସ୍ତୁବାଦ ମୋହରେ ପଡି ଲୋକ ଏହାକୁ ସରକାରଙ୍କ କାର୍ଯ୍ୟ ଭାବିଲେ। ଯେତେବେଳେ ସମାଜ ମଙ୍ଗଳ ପାଇଁ ବ୍ୟକ୍ତି ନିଜ ଚିନ୍ତାରୁ ଓହରିଯାଏ ସେତେବେଳେ ଅନ୍ୟକୁ ଭରସା କରିବା ଏବଂ କାର୍ଯ୍ୟ ନହେଲେ ଦୋଷ ଦେବା ଏଭଳି ଅଭ୍ୟାସ ଆପଣେଇ ନେଲା। ଫଳସ୍ୱରୂପ ଗ୍ରାମାଞ୍ଚଳରୁ ବୃକ୍ଷ କମି କମି ଆସିଲା ଏବଂ ଜଙ୍ଗଲରୁ କାଠ ଚୋରମାନେ ଗଛ କାଟି ନେବା ଫଳରେ ଜଙ୍ଗଲ କ୍ଷୟ ବଢ଼ିଚାଲିଲା। ଫଳସ୍ୱରୂପ ଆଜିର ତାପମାତ୍ରା ବୃଦ୍ଧି ଏବଂ ଠିକ୍ ସମୟରେ ଋତୁର ଆଗମନ ନହେବା ଭଳି ଘଟଣା ଦେଖାଦେଲା। ସେହିଭଳି ଗ୍ରାମାଞ୍ଚଳରେ ଧୀରେ ଧୀରେ ପୁଷ୍କରିଣୀ ଖୋଳିବା, ଜଳ ସଞ୍ଚୟ କରିବା ଭଳି କାର୍ଯ୍ୟ ଲୋପ ପାଇବାକୁ ବସିଲା। ତେଣୁ ପ୍ରାୟତଃ ଜଳାଶ୍ରୟ ଏବେ ପୋତି ହେବାକୁ ବସିଲାଣି ତ ଆଉ କେଉଁଠି ଏହା ଦଳଭର୍ତ୍ତି ପଙ୍କ ପୋଖରୀରେ ପରିଣତ ହୋଇଗଲାଣି। ଏସବୁ କାର୍ଯ୍ୟକୁ ଏବେ ଗ୍ରାମାଞ୍ଚଳର ଲୋକେ ନିଜର ନୈତିକ କର୍ତ୍ତବ୍ୟ ଭାବେ ନଦେଖି ଏହି କାର୍ଯ୍ୟ ପାଇଁ ସରକାର କିଭଳି ଟଙ୍କା ଖର୍ଚ୍ଚ କରିବେ ଏବଂ ଅଟକଳ ହୋଇଥିବା ଅର୍ଥ କିଭଳି ତୋଷରପାତ ହେବ ସେଭଳି ଚିନ୍ତାରେ ବୁଡି ରହୁଛନ୍ତି। କିନ୍ତୁ ମାନବବାଦ ଓ ସଭ୍ୟତା କହୁଛି ପର ପିଢ଼ି ପାଇଁ ଆମକୁ କିଛି କରିବାକୁ ହେବ। ଏହା ସ୍ୱେଚ୍ଛାକୃତ ହେବା ଦରକାର। ଏଥିପାଇଁ କେହି କାହାକୁ ବାଧ୍ୟ କରିବା ପରିବର୍ତ୍ତେ କେବଳ ପ୍ରେରଣା ଯୋଗାଇ ଦେବା ଦରକାର। ନିଜର ବଳକା ସମୟକୁ ଖରାପ ବାଟରେ ଅପଚୟ ନକରି ଜନସାଧାରଣଙ୍କ ସୁବିଧା ପାଇଁ ଯେତିକି ସମ୍ଭବ ସେତିକି କାର୍ଯ୍ୟ କରିବାରେ ଯେଉଁ ପୂଣ୍ୟ ଫଳ ମିଳିଥାଏ ତାହା ଜୀବନର ସାର୍ଥକତା ବୋଲି ବୁଝିବାକୁ ପଡିବ। ନଚେତ ଅନ୍ୟ ଉପରେ ଦୋଷ ଦେଇ ନିଜର କର୍ତ୍ତବ୍ୟକୁ ଭୁଲିଗଲେ ଭବିଷ୍ୟତ ପିଢ଼ି ଏହାର କଷ୍ଟ ଭୋଗ କରିବା ନିର୍ଦ୍ଧାରିତ।

ସମ୍ପାଦକୀୟ
ତାରକ ମହାନ୍ତି



**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡର ଭିତିରି କଥା

**ଅସିତ ମହାନ୍ତି**

୧୮ ଅକ୍ଟୋବର ୨୦୧୨ରେ କ୍ରିକେଟ୍ ବୋର୍ଡ ଅଫ୍ ଇଣ୍ଡିଆ (ବିସିସିଆଇ)ର ୩୬ ତମ ସଭାପତି ଭାବରେ ରୋଜର ବିନି ନିର୍ବାଚିତ ହୋଇଛନ୍ତି। ସେ ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସ୍ଥାନ ନେବେ। ମୁମ୍ବାଇରେ ବିସିସିଆଇର ୯୧ ତମ ସାଧାରଣ ବାର୍ଷିକ ସାଧାରଣ ପରିଷଦ ବୈଠକରେ(ଏଜିଏମ୍) ରୋଜର ବିନ୍ନି ନିର୍ବିରୋଧ ନିର୍ବାଚିତ ହୋଇଥିଲେ। ୧୯୮୩ ବିଶ୍ୱକପ ବିଜେତା ଭାରତୀୟ ଦଳର ସଦସ୍ୟ ରୋଜର ବିନି। ସେ ସେହି ବିଶ୍ୱକପ୍ରେ ସର୍ବାଧିକ ୱିକେଟ୍ ନେଇଥିଲେ। ଏବେ ତାଙ୍କୁ ଏକ ନୂଆ ଭୂମିକାରେ ଦେଖିବାକୁ ମିଳିବ। ଏହା ସହ ବିସିସିଆଇ ସ୍ପଷ୍ଟ କରିଛି ଯେ ବର୍ତ୍ତମାନର ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ସଭାପତି ଗ୍ରେଗ ବାର୍କଲିଙ୍କୁ ସମର୍ଥନ କରିବେ ଏବଂ ଏହି ପଦବୀ ପାଇଁ ସୌରଭ ଗାଙ୍ଗୁଲିଙ୍କ ନାମକୁ ସମର୍ଥନ କରିବେ ନାହିଁ। ଆଇସିସିରେ ବିସିସିଆଇ ପ୍ରତିନିଧୀ ଚୟନ ଏବଂ ଏଜିଏମ୍ରେ ସିଇସିରେ ନିଷ୍ପତ୍ତି ନେବାକୁ ଅଫିସ୍ ଧାରକମାନଙ୍କୁ ଅଧିକାର ଦିଆଯାଇଛି। ଏଥିରୁ ସ୍ପଷ୍ଟ ଯେ କ୍ରିକେଟ ର ଭିତର ସ୍ଥିତି କିଛି ଠିକ ନାହିଁ ।ଏହା ଏକ କ୍ରିକେଟ୍ ର କାହାଣୀ – ଯାହାର କ୍ରୀଡା ସହିତ କୌଣସି ସମ୍ପର୍କ ନାହିଁ, କିନ୍ତୁ ରାଜନୀତି ସହିତ ଅନେକ କିଛି ସମ୍ପର୍କ ଅଛି, ଅର୍ଥାତ କ୍ରିକେଟ୍ କମ ରାଜନୀତି ଅଧିକ। ହେବା ମଧ୍ୟ ଆବଶ୍ୟକ , କାରଣ ରାଜନୀତି ଜୀବନର ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରିଥାଏ, କିନ୍ତୁ ଯେତେବେଳେ ଏହି ରାଜନୀତି ନୀତି ନୈତିକତା ଏବଂ ମାନବିକ ମୂଲ୍ୟବୋଧ ହରାଇ ବସେ ସେତେବେଳେ ଏହା ସେବା ମନୋଭାବକୁ ହରାଇ ଏକଛତ୍ରବାଦର ଶିକାର ହୁଏ। ବାସ୍ତବରେ ଆମେ ଏଠାରେ କୋଲକାତାର ପ୍ରିନ୍ସ କୁହାଯାଉଥିବା 'ଦାଦାଙ୍କୁ ' (ସୌରଭ ଗାଙ୍ଗୁଲି ) ବିସିସିଆଇ ଅଧ୍ୟକ୍ଷ ପଦରୁ ଦ୍ୱିତୀୟ ଥର ପଦାସୀନ ପାଇଁ ବାହାରର ରାସ୍ତା ଦେଖାଇ ଦିଆଯାଇଛି। କିନ୍ତୁ ଜୟ ଶାହାଙ୍କୁ ଦ୍ୱିତୀୟ ଥର କାହିଁକି ଦିଆଗଲା ଏବଂ ଦାଦାଙ୍କୁ ତାଙ୍କ ପଦରୁ ବହିଷ୍କାର କରାଗଲା ? ଏଠାରେ ରହିଛି ରାଜନୀତି ଏବଂ ଅହଂ କିନ୍ତୁ ପ୍ରକୃତରେ ଏଠାରେ ନାହିଁ କ୍ରିକେଟ୍। ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବର୍ତ୍ତମାନ ବିସିସିଆଇର ପୂର୍ବତନ ସଭାପତି ଅଛନ୍ତି। ରାଜନୀତି କ୍ରୀଡ଼ା ଜଗତରେ ଏବଂ ବିଶେଷକରି କ୍ରିକେଟ୍ରେ ପ୍ରବେଶ କରିଛି। ବର୍ତ୍ତମାନ ୧୯୮୩ ଚାମ୍ପିଅନ୍ ରୋଜର ବିନି ବିସିସିଆଇର ସଭାପତି ଅଟନ୍ତି। ବାସ୍ତବରେ ପରିବର୍ତ୍ତନ ହେଉଛି ଜୀବନର ଏକ ଅଂଶ। ଦାଦା (ଗାଙ୍ଗୁଲି) କୁହନ୍ତି, "ତୁମେ ସବୁଦିନ ପାଇଁ ଖେଳି ପାରିବ ନାହିଁ। ଆପଣ ସବୁଦିନ ପାଇଁ ଜଣେ ପ୍ରଶାସକ ହୋଇପାରିବେ ନାହିଁ, କିନ୍ତୁ ମୁଦ୍ରାର ଉଭୟ ପାର୍ଶ୍ୱକୁ ଦେଖିବା ମଜା ଲାଗେ'। କିନ୍ତୁ ଏଠାରେ ଏକ ମୋଡ଼ ଅଛି। ଗାଙ୍ଗୁଲିଙ୍କ ନିକଟ ସୂତ୍ରରୁ ପ୍ରକାଶ ଯେ ସୌରଭ ବିସିସିଆଇର ସଭାପତି ଭାବେ ଆଗାମୀ ୩ ବର୍ଷ ଜାରି ରଖିବାକୁ ଆଗ୍ରହୀ ଥିଲେ। ବାସ୍ତବରେ ସୁପ୍ରିମ କୋର୍ଟ ଏପରି କରିବାପାଇଁ ଗାଙ୍ଗୁଲୀଙ୍କୁ ଅନୁମତି ଦେଇଥିଲେ। ସେ ଜଣେ ବିଶ୍ୱ ସ୍ତରୀୟ ଖେଳାଳି ଥିଲେ ଏବଂ ଶୀର୍ଷ ସ୍ଥାନ ତାଙ୍କୁ ସର୍ବୋତ୍ତମ ଉପଯୁକ୍ତ କରିଥିଲା। ଏସସି ଅନ୍ୟ ଏକ ଟର୍ମକୁ ଅନୁମୋଦନ କଲେ .. କିନ୍ତୁ ବର୍ତ୍ତମାନ ଗାଙ୍ଗୁଲି ଚାଲିଯାଇଥିବାବେଳେ ସଚିବ ରହିଛନ୍ତି। ଆଇସିସି ଅଧ୍ୟକ୍ଷ ହେବାର ସମ୍ଭାବନା ନାହିଁ ... ଅନ୍ୟ ଦୁଇଟି ନାମ ବିବାଦରେ ଅଛି। ବିସିସିଆଇର ସଭାପତି ଭାବରେ ଗାଙ୍ଗୁଲିଙ୍କ କାର୍ଯ୍ୟକାଳ ଶେଷ ହେବା ପଛରେ ରାଜନୀତି ହେଉଛି ସବୁଠାରୁ ବଡ କାରଣ।ଯେହେତୁ ସେ ବିଜେପି ରାଜନୀତି ରେ ଯୋଗ ଦେବା ପାଇଁ ଅନିଚ୍ଛା ପ୍ରକାଶ କଲେ , ପରିଣାମ ସ୍ୱରୂପ ତାଙ୍କୁ ମୂଲ୍ୟ ଦେବାକୁ ପଡିଲା . ଅଫର ଧରିବା ପାଇଁ ଥିଲା କିନ୍ତୁ 'ଦାଦା' ମନା କରିଦେଇଥିଲା। ୨୦୨୧ ମସିହାରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଗାଙ୍ଗୁଲି ବିଜେପିର ଚେହେରା ହେବାକୁ ମନା କରିଦେଇଥିଲେ। ୨୦୧୯ ରେ ଅଧ୍ୟକ୍ଷ ଭାବରେ ତାଙ୍କର ନିଯୁକ୍ତି ଦାଦାଙ୍କୁ ସମ୍ମାନ ଜଣାଇବାକୁ ଏକ ଅର୍ଦ୍ଧ-ରାଜନୈତିକ ପ୍ରୟାସ ହୋଇପାରେ। ଏହା ଅନୁମାନ କରାଯାଉଛି ଯେ ସୌରଭ ଗାଙ୍ଗୁଲିଙ୍କୁ କୋଲକାତାର ରାଜକୁମାର କୁହାଯାଏ, କିନ୍ତୁ ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପି ହାରିଗଲା। କୌତୁହଳର ବିଷୟ, ନିର୍ବାଚନରେ ପରାଜୟ ପରେ କେନ୍ଦ୍ର ମନ୍ତ୍ରୀ ଅମିତ ଶାହା ଗାଙ୍ଗୁଲିଙ୍କ ବାସଭବନ ପରିଦର୍ଶନ କରି ସେଠାରେ ରାତ୍ରୀ ଭୋଜନ କରିଥିଲେ। ଏହା ସତ୍ତ୍ୱେ ଦାଦା ରାଜନୀତିରେ ଯୋଗ ଦେଇନଥିଲେ। ବିଜେପିର ଉଦ୍ଦେଶ୍ୟ ଥିଲା ୨୦୨୪ ଆଗାମୀ ନିର୍ବାଚନ ଏବଂ ପଶ୍ଚିମ ବଙ୍ଗ ବିଜେପି ପାଇଁ ଏକ ପ୍ରମୁଖ ରାଜ୍ୟ, କିନ୍ତୁ ଦାଦାଙ୍କୁ ପ୍ରଭାବିତ କରିବାରେ ବିଫଳ ହୋଇଥିଲା। ଗୋଟିଏ ପାର୍ଶ୍ୱରେ ବିଜେପି ସହିତ ଏବଂ ଅନ୍ୟ ପଟେ ମମତାଙ୍କୁ ପ୍ରଶଂସା କରିବା। ଏହି ରାଜନୀତିରେ ବିଜେପି ସହମତ ନୁହେଁ। ବିଜେପି ଅନୁଯାୟୀ, ଆପଣଙ୍କୁ ବାଛିବାକୁ ପଡିବ। ବର୍ତ୍ତମାନ ଅନୁମୋଦନ ସମ୍ବନ୍ଧରେ ଗମ୍ଭୀର ଅଭିଯୋଗ ହେଉଛି ... ସେ ତାଙ୍କର ବ୍ୟବସାୟିକ ସ୍ୱାର୍ଥକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି। କୁହାଯାଏ ଯେ ଗାଙ୍ଗୁଲି ବିସିସିଆଇ ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ଅଭିଯୋଗ ହେଉଛି ଯେ ସୌରଭ ଗାଙ୍ଗୁଲି ତାଙ୍କ ବ୍ୟକ୍ତିଗତ ବ୍ରାଣ୍ଡକୁ ପ୍ରୋତ୍ସାହିତ କରିବା ପାଇଁ ଏହି ପୋଷ୍ଟକୁ ବ୍ୟବହାର କରିଥିଲେ ... ରାଜନେତାମାନେ ମଧ୍ୟ ବ୍ୟକ୍ତିଗତ ବ୍ରାଣ୍ଡ ତିଆରି କରନ୍ତି, ଏଥିରେ ଭୁଲ୍ କ'ଣ ? ଏନ ଶ୍ରୀନିବାସନ୍ ଗାଙ୍ଗୁଲିଙ୍କୁ ବିସିସିଆଇକୁ ବଦନାମ କରିଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଅଧ୍ୟକ୍ଷ କେବେ ବି ତାଙ୍କ ବ୍ରାଣ୍ଡକୁ ଉତ୍ସାହିତ କରନ୍ତି ନାହିଁ। ବାସ୍ତବରେ 'ମାଇଁ ୧୧ ସର୍କଲ୍' ଗାଙ୍ଗୁଲି ଦ୍ୱାରା ପ୍ରମୋଟ ହେଉଥିଲା ବେଳେ ଭାରତୀୟ ଦଳ ସରକାରୀ ପ୍ରଯୋଜକ ଡ୍ରିମ୍ ୧୧ କୁ ପ୍ରମୋଟ କରୁଥିଲେ। ତେଣୁ, ଶେଷରେ, ଏହା ବ୍ରାଣ୍ଡ ଏବଂ ଅର୍ଥର ପ୍ରଶ୍ନ ହେଲା। କିନ୍ତୁ ସବୁଠୁ ବଡ ବିବାଦ ହେଉଛି, ଗାଙ୍ଗୁଲି ତାଙ୍କ ଅଧିକାରର ଅପବ୍ୟବହାର କରିଛନ୍ତି, ଗାଙ୍ଗୁଲି, ଅଧ୍ୟକ୍ଷ ଭାବରେ ଦଳ ଭାରତ ଚୟନ ବୈଠକରେ ବସି ନିଷ୍ପତ୍ତି ଉପରେ ପ୍ରଭାବ ପକାଉଥିଲେ। ଏହା ଅବଶ୍ୟ ପୂର୍ବତନ ଅଧିନାୟକତ୍ୱ ହରାଇବା ସହିତ କୋହଲି ଏବଂ ଗାଙ୍ଗୁଲିଙ୍କ ମଧ୍ୟରେ ବିବାଦକୁ ଦର୍ଶାଏ। ବର୍ତ୍ତମାନ ରୋଜର ବିନି ସୋରାଭ ଗାଙ୍ଗୁଲିଙ୍କ ସ୍ଥାନ ନେଇଛନ୍ତି ... ଏହି ପସନ୍ଦକୁ କେହି ପ୍ରଶ୍ନ କରିପାରିବେ ନାହିଁ, କାରଣ ୧୯୮୩ ମସିହାରେ ରୋଜର ବିନ୍ନି ବିଶ୍ୱକପ୍ ବିଜେତା ଦଳର ହିରୋ ଥିଲେ। ୨୦୧୯ ରେ ବିନିଙ୍କୁ କର୍ଣ୍ଣାଟକ କ୍ରିକେଟ୍ ସଭାପତି ଭାବରେ ମନୋନୀତ କରାଯାଇଥିଲା ଏବଂ ସେ ତାଙ୍କ କାର୍ଯ୍ୟକାଳରେ ସଠିକ କାର୍ଯ୍ୟ କରିଛନ୍ତି। ସେ ରାଜ୍ୟ ଦଳରେ ଷ୍ଟୁଆର୍ଟ ବିନ୍ନି (ତାଙ୍କ ପୁଅ) ଚୟନ ଉପରେ ଆଲୋଚନାର ଅଂଶ ହେବାକୁ ମନା କରି ଦେଇଥିଲେ। ତେଣୁ ନୂତନ ଦଳ ସଚିବଙ୍କ ପାଇଁ ଜୟ ଶାହା, କୋଷାଧ୍ୟକ୍ଷ ଆଶିଷ ଶେଲାର, ଯୁଗ୍ମ ସଚିବଙ୍କ ପାଇଁ ଦେବଜିତ୍ ସାକିଆ, ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଏବଂ ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୁମଲ। ଏହି ନାମଗୁଡିକ କାହିଁକି ଆଲୋଚନା ହେଉଛି ? ନିକଟରେ ନରେନ୍ଦ୍ର ମୋଦୀ ଏକ ସମାରୋହକୁ ସମ୍ବୋଧିତ କରି କହିଥିଲେ : ଭାଇ ଭତିଯା ବାଦ, ଦୁର୍ନୀତି ପୂର୍ବରୁ କ୍ରୀଡ଼ାକୁ ଆଘାତ ଦେଇଥିଲା। ଆସନ୍ତୁ ଦେଖିବା ଆତ୍ମୀୟତାର ଅବସ୍ଥା କ'ଣ – ଜୟ ଶାହା (ଆଲୋଚନା କରିବାର ଆବଶ୍ୟକତା ନାହିଁ), ଅରୁଣ ଧୁମଲ (ହିମାଚଳ ପ୍ରଦେଶର ପ୍ରେମ କୁମାର ଧୁମଲ, ୨ ଥର ମୁଖ୍ୟ ମନ୍ତ୍ରୀ ), ଆଶିଷ ଶେଲାର (ବିଜେପି ବିଧାୟକ ଏବଂ ମୁମ୍ବାଇ ବିଜେପି ସଭାପତି) ଦେବଜିତ୍ ସାଇକିଆ ( ଆସାମ ମୁଖ୍ୟ ମନ୍ତ୍ରୀଙ୍କ ପାଖ ଲୋକ) ତେଣୁ, ଅଧ୍ୟକ୍ଷଙ୍କ ବ୍ୟତୀତ ସମସ୍ତେ ଅଣ-କ୍ରିକେଟର ଏବଂ ଯେଉଁମାନେ ବିସିସିଆଇ ଚଳାଉଛନ୍ତି ସେମାନେ ରାଜନୀତିରେ ଭଲ ଭାବରେ ପରିଚାଳିତ ହେଉଛନ୍ତି। କ୍ରିକେଟ୍ ରେ ରାଜନେତାମାନେ ପାର୍ଟି ଲାଇନରେ ପରସ୍ପରକୁ ସମର୍ଥନ କରନ୍ତି। ଶରଦ ପାୱାର, ଏନସିପି ସମର୍ଥକ ଆଶିଷ ଶେଲାର, ବିଜେପି ଏମ ଏଲ ଏ ... ଅଂଶୀଦାର ପୱାର କ୍ରିକେଟ୍ ଶାସକ ଦଳରେ ଶକ୍ତିଶାଳୀ ପଦବୀରେ ରହିଥିଲେ। କଂଗ୍ରେସ ସଦସ୍ୟ ରାଜୀବ ଶୁକ୍ଲା ଦୀର୍ଘ ଦିନ ଧରି କ୍ରିକେଟ୍ ସହ ଜଡିତ ଥିଲେ, ବିସିସିଆଇରେ ତାଙ୍କର ସ୍ଥିତିକୁ ବିଜେପି ବିରୋଧ କରୁନାହିଁ। କ୍ରିକେଟ୍ ଖେଳର ଉନ୍ନତି ପାଇଁ ସ୍ୱଚ୍ଛତା ଏବଂ ଉନ୍ନତ ପ୍ରଶାସନ ଆଣିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଲୋଧା କମିଟି ଗଠନ କରାଯାଇଥିଲା। ଅଳ୍ପ କିଛି ପରାମର୍ଶ କାର୍ଯ୍ୟକାରୀ କରାଯାଇଥିଲା କିନ୍ତୁ ଅନେକ ମହତ୍ୱପୂର୍ଣ୍ଣ ବିନ୍ଦୁ ଗୁଡିକୁ କୋଣକୁ ଠେଲି ଦିଆଯାଇଥିଲା। କାରଣ ସେଠାରେ କୌଣସି ସ୍ୱଚ୍ଛତା ନାହିଁ, କେବଳ ଅଧ୍ୟକ୍ଷ ଜଣେ ପୂର୍ବତନ କ୍ରିକେଟର। ଦାଦାଙ୍କ ଅବସ୍ଥା ଏମିତି କାହିଁକି ହେଲା ? ସୌରଭ ଗାଙ୍ଗୁଲି ରାଜନୀତିରେ ପ୍ରବେଶ କରିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ ଏବଂ ତାଙ୍କର ରାଜନୈତିକ ଆଭିମୁଖ୍ୟକୁ ନିଶ୍ଚିତ କଲେ ନାହିଁ। ଏଥିପାଇଁ ଦାଦାଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡିଲା।

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

# ଅଣ୍ଡାର ପୌଷ୍ଟିକତା



**ଡାଃ. ବୀର କିଶୋର ପରିଡ଼ା**

ଅଣ୍ଡା ହେଉଛି ଆମ ସମସ୍ତଙ୍କର ସାର୍ବଜନୀନ ଖାଦ୍ୟ । ଏଥିରେ ପୁଷ୍ଟିସାର ସହିତ ବିଭିନ୍ନ ଧାତବ ଲବଣ ଓ ଭିଟାମିନ୍ ଭରପୁର ଥିବାରୁ ଏହାକୁ ଖାଦ୍ୟ ରୂପେ ଗ୍ରହଣ କଲେ ଆମର ପୁଷ୍ଟିହୀନତା ଦୂର ହେବା ସଙ୍ଗେ ସଙ୍ଗେ ଆର୍ଥିକ ରୋଜଗାର ସମ୍ଭବ ହୋଇପାରିବ । ଚଳିତ ବର୍ଷ ଅକ୍ଟୋବର୧୪ ରେ ବିଶ୍ୱ ଅଣ୍ଡା ଦିବସ ସମଗ୍ର ବିଶ୍ୱରେ ପାଳିତ ହେଉଅଛି। ୧୯୯୬ ମସିହାଠାରୁ ପ୍ରତିବର୍ଷ ଅକ୍ଟୋବର ମାସ ୨ୟ ଶୁକ୍ରବାର ଦିନ ଏହି ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇ ଆସୁଅଛି। ଦିବସ ଆନ୍ତର୍ଜାତିକ ଅଣ୍ଡା କମିଶନ ଦ୍ୱାରା ୧୯୯୬ରେ ଭିଏନାର ଏକ ସମ୍ମିଳନୀରେ ଆରମ୍ଭ ହୋଇଥିଲା। ସେହି ବର୍ଷଠାରୁ ଅଣ୍ଡାର ଗୁଣବତ୍ତାକୁ ଅନୁଭବ କରି ସମଗ୍ର ବିଶ୍ୱରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହେଉଛି । ବିଶ୍ୱ ଅଣ୍ଡା ଦିବସରେ ଅଣ୍ଡାର ମହତ୍ୱ ଓ ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ନେଇ ଏକ ସୁଯୋଗର ବାତାବରଣ ସୃଷ୍ଟି କରିଥାଏ।

ଏହି ଅଣ୍ଡା ଦିବସର ମୂଳ ଉଦ୍ଦେଶ୍ୟ ହେଲା- ମନୁଷ୍ୟ ସ୍ୱାସ୍ଥ୍ୟର ଉପକାରିତ ନେଇ ସମସ୍ତଙ୍କୁ ଅଣ୍ଡା ଖାଇବା ନିମନ୍ତେ ପ୍ରବର୍ତ୍ତାଇବା ଏବଂ ଅଣ୍ଡା ଶିଳ୍ପର ସମୃଦ୍ଧୀକରଣ କରାଇବା। ଅଣ୍ଡାରେ ସର୍ବୋତ୍କୃଷ୍ଟ ପୁଷ୍ଟିସାର ନିହିତ ଥିବାରୁ ଏବଂ ଏହା ସହଜ ଓ ସସ୍ତାରେ ମିଳୁଥିବାରୁ ଅଣ୍ଡା ସମସ୍ତଙ୍କର ଖାଦ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି। ଏହି ଦିବସ ଉପଲକ୍ଷେ ବିଭିନ୍ନ ଗଣମାଧ୍ୟମରେ ବ୍ୟାପକ ଜନସଚେତନ କାର୍ଯ୍ୟକ୍ରମ, ଅଣ୍ଡା ଉପରେ ପର୍ଯ୍ୟବେଶିତ ଭିନ୍ନ ଭିନ୍ନ କୌତୁକିଆ କାର୍ଯ୍ୟକ୍ରମ, ଲୋଗ ଡିଜାଇନ୍ ପ୍ରତିଯୋଗିତା, ଅଣ୍ଡା ଖାଇବା ପାଇଁ ଉତ୍ସାହିତ କରିବା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ପ୍ରତ୍ୟେକଦିନ ଅଣ୍ଡା ଉତ୍ପାଦନକାରୀ କୃଷକ/ଉଦ୍ୟୋଗୀ/ଶିଳ୍ପ ସଂସ୍ଥାମାନେ ବିଶ୍ୱରେ କ୍ଷୁଧାର୍ଥ ଲୋକମାନଙ୍କର ଉଚ୍ଚ ପୁଷ୍ଟିସାର ସମ୍ପନ୍ନ ଅଣ୍ଡାରୂପକ ଖାଦ୍ୟର ଚାହିଦା ମେଣ୍ଟାଇବାରେ ପ୍ରତିଶ୍ରୁତିବଦ୍ଧ ।

ଅଣ୍ଡା ହେଉଛି ପୁଷ୍ଟିସାର, ଖଣିଜଲବଣ ଓ ଭିଟାମିନ୍ର ଗନ୍ତାଘର। ଜାତି, ବର୍ଣ୍ଣ, ଧର୍ମ, ସଂସ୍କୃତି, ଲିଙ୍ଗ ନିର୍ବିଶେଷରେ ସମଗ୍ର ବିଶ୍ୱରେ ଅଣ୍ଡା ଏକ ସଂପୂର୍ଣ୍ଣ, ସୁଲଭ, ସୁସ୍ୱାଦୁ, ସହଜ ଉପଲବ୍ଧ ଓ ଶସ୍ତା ପ୍ରାଣୀଜ ଖାଦ୍ୟଦ୍ରବ୍ୟ ଭାବେ ବେଶ୍ ଆଦୃତ। ଯଦି ଅଣ୍ଡା ଭଳି ଭଲ ଖାଦ୍ୟ ରୂପେ ଗ୍ରହଣ କରାଯାଏ, ତେବେ ଆମମାନଙ୍କ ଦ୍ୱାରା ଯେକୌଣସି କାର୍ଯ୍ୟ ବେଶ୍ ଭଲଭାବେ ସଂପାଦିତ ହୁଏ। ଅଣ୍ଡା ହେଉଛି ଆମ ଜୀବନ ଧାରଣ ନିମନ୍ତେ ଏକ ଉତ୍ତମ ପୁଷ୍ଟିସାରଯୁକ୍ତ ଖାଦ୍ୟ ଯାହାକି ଆମ ସ୍ୱାସ୍ଥ୍ୟବର୍ଦ୍ଧନ ବା ଜୀବନର ସମସ୍ତ ଆବଶ୍ୟକତା ପୂରଣ କରିଥାଏ । କାରଣ ଆମର ହାଡ଼, ମାଂସ, ଚର୍ମ ଓ ଜୀବକୋଷ ଆଦି ଗଠନ କ୍ଷେତ୍ରରେ ଅଣ୍ଡାରୂପକ ପୁଷ୍ଟିସାର ଶରୀର ପାଇଁ ଅତ୍ୟାବଶ୍ୟକ । ଜୀବନର ପ୍ରତ୍ୟେକ ପାହାଚ ଯଥା ଜନ୍ମ ପୂର୍ବରୁ, ଗର୍ଭାବସ୍ଥାରେ, ଶିଶୁ, କଠିନ ପରିଶ୍ରମ, ଅଧିକଦିନ ଧରି ସୁସ୍ଥ ରହିବା ଆଦି କ୍ଷେତ୍ରରେ ଅଣ୍ଡାର ମହତ୍ୱ ଅତୁଳନୀୟ । ସାଧାରଣତଃ ଅଣ୍ଡାରେ ଉଚ୍ଚମାନ ସମ୍ପନ୍ନ ପୁଷ୍ଟିସାର ସହିତ ୧୪ଟି ଗୁରୁତ୍ୱପୂର୍ଣ୍ଣ ଅତ୍ୟାବଶ୍ୟକୀୟ ଖାଦ୍ୟସାର ଯଥା- ସ୍ନେହସାର, ଶ୍ୱେତସାର, ସୋଡିୟମ୍, ପଟାସିୟମ୍, କୋଲେଷ୍ଟିରଲ, ଲୌହ, ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-ଇ, ଭିଟାମିନ୍-ବି୨, ୫, ୧୨, ଫୋଲେଟ୍, ସେଲେନିୟମ୍, ଲ୍ୟୁଟିନ୍ ଓ ଜିଆଜାନ୍ଥିନ୍, କୋଲିନ୍ ଆଦି ନିହିତ ଥିବା ହେତୁ ଏହା ଆମ ଶରୀରକୁ ଆବଶ୍ୟକୀୟ ଶକ୍ତି ଯୋଗାଇବା ସହିତ ସୁସ୍ଥ ରଖିଥାଏ। ଅନ୍ୟାନ୍ୟ କେତେକ ସୀମିତ ଖାଦ୍ୟରେ ଅଣ୍ଡାରେ ଥିବା ସଂପୂର୍ଣ୍ଣ ପୁଷ୍ଟିସାର ସହିତ ଆମ ଶରୀର ପାଇଁ ଆବଶ୍ୟକ ହେଉଥିବା ୯ଟି ଅତ୍ୟାବଶ୍ୟକୀୟ ଆମିନୋ ଏସିଡ୍ ନିହିତ ଥାଏ। ସାଧାରଣତଃ ସ୍ୱାସ୍ଥ୍ୟର ଅଭିବୃଦ୍ଧି ଓ ଗଠନରେ ଦୁଇ ପ୍ରକାରର ଖାଦ୍ୟସାରର ଆବଶ୍ୟକ ହୋଇଥାଏ। ପ୍ରଥମଟି ହେଲା- ପ୍ରୋଟିନ୍ ବା ପୁଷ୍ଟିସାର, ଦ୍ୱିତିୟଟି ହେଲା- ଲୌହ ବା ଆଇରନ୍। ଶରୀରର ପ୍ରତ୍ୟେକ ଜୀବକୋଷ ଗଠନ ନିମନ୍ତେ ପୁଷ୍ଟିସାର ଆବଶ୍ୟକ ଥିବାବେଳେ ସୁସ୍ଥ ରକ୍ତ ପ୍ରସ୍ତୁତ ପାଇଁ ଲୌହର ଆବଶ୍ୟକତା ଢେର୍ ରହିଥାଏ। ଉପରୋକ୍ତ ଦୁଇ ଖାଦ୍ୟସାର ଉଭୟ ଶିଶୁ ଓ ମହିଳାଙ୍କ (ଗର୍ଭବତୀ) ପାଇଁ ବେଶ୍ ଉପଯୋଗୀ। ଆମ ରାଜ୍ୟ ତଥା ଦେଶରେ ଲୋକମାନଙ୍କ ଦୈନନ୍ଦିନ ଖାଦ୍ୟରେ ଉପରୋକ୍ତ ଦୁଇପ୍ରକାର ଖାଦ୍ୟସାର ପ୍ରାୟତଃ ମିଳିନଥାଏ। ଯାହାଫଳରେ ସେମାନେ ପୁଷ୍ଟିହୀନତାର ଶୀକାର ହୋଇ ଅସୁସ୍ଥତା ଯୋଗୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଅଣ୍ଡାରେ ଏସବୁ ଖାଦ୍ୟସାର ଭରପୁର ଥାଏ।

କଥାରେ ଅଛି - "ସଣ୍ଡେ ଔର ମଣ୍ଡେ, ରୋଜ ଖାଓ ଅଣ୍ଡେ ।" ଅଣ୍ଡା ହେଉଛି ଏକ ସାର୍ବଜନୀନ ଖାଦ୍ୟ । ଯାହାକି ଆମ ପାକ ପ୍ରଣାଳୀର ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଗ୍ରହଣ କରାଯାଏ । ଅଣ୍ଡାରେ ଉପର ଖୋଳପା ଥିବାରୁ ଏଥିରେ କେହି ମିଶ୍ରଣ କରିପାରନ୍ତି ନାହିଁ । ଅଣ୍ଡା ଗୋଟେ ହେଲେ ମଧ୍ୟ ଏହାର ସ୍ୱାଦ ଭିନ୍ନଭିନ୍ନ । ଅଣ୍ଡାକୁ ନେଇ ଭିନ୍ନଭିନ୍ନ ସ୍ୱାଦ ବା ଫ୍ଲେଭର୍ ଅଣ୍ଡାଜାତୀୟ ଦ୍ରବ୍ୟ ତେଲ ମସଲା ଦେଇ ପ୍ରସ୍ତୁତ କରାଗଲେ ମଧ୍ୟ ଅଧିକାଂଶ ଅଣ୍ଡା ପ୍ରସ୍ତୁତି ଦ୍ରବ୍ୟର ସ୍ୱାଦ ପ୍ରାୟ ଏକାପରି। ଅଣ୍ଡାରୁ ପ୍ରସ୍ତୁତ ଅଣ୍ଡା ଓମ୍ଲେଟ୍, ଅଣ୍ଡା ପୋଚ୍, ସିଝା ଅଣ୍ଡା, ଅଣ୍ଡା ଭୁଜିଆ, ଅଣ୍ଡା ରୋଲ୍, ଅଣ୍ଡା ବିରିୟାନୀ, ଅଣ୍ଡା ଝୋଳ, ଅଣ୍ଡା କେକ୍ ଆଦି ଆମ ଖାଦ୍ୟ ରୁଚି ଅନୁସାରେ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରିକାଳୀନ ଖାଦ୍ୟ ଭାବେ ବିଶେଷ ଲୋକାଦୃତ ହୋଇପାରିଛି । ସବୁ ବୟସ୍କର ଲୋକମାନେ ବର୍ଷର ଯେକୌଣସି ସମୟରେ ଯେକୌଣସି ଭୋଜନରେ ଅଣ୍ଡା ବ୍ୟବହାର କରୁଛନ୍ତି। ଏହା ସହଜରେ ରନ୍ଧା ବା ସିଝା ଯାଇପାରିବ ଏବଂ ଅନ୍ୟାନ୍ୟ ଖାଦ୍ୟରେ ସହଜରେ ମିଶାଯାଇ ପାରିବ। ଅଣ୍ଡା, ବାପା ଓ ମା ପାଇଁ ଯେତିକି ଆବଶ୍ୟକ, ସେମାନଙ୍କ ସନ୍ତାନସନ୍ତତିଙ୍କ ପାଇଁ ମଧ୍ୟ ସେତିକି ଆବଶ୍ୟକ।

ପ୍ରକୃତରେ କହିବାକୁ ଗଲେ ଅଣ୍ଡା ହେଉଛି ପ୍ରକୃତିଦତ୍ତ ଭିଟାମିନ୍ ପିଲ୍ ବା କ୍ୟାପସୁଲ । ଅଣ୍ଡାରେ ଅନେକ ପ୍ରକାର ଭିଟାମିନ୍ ସହିତ ଧାତବଲବଣ ଓ ଖାଦ୍ୟସାର ଥିବା ଯୋଗୁଁ ଅଣ୍ଡାକୁ ପ୍ରକୃତି'ର ଭିଟାମିନ୍ ପିଲ୍ ବା ବଟିକା ବୋଲି କହିଥାନ୍ତି। ଗୋଟିଏ ବଡ଼ 'ଏ'ଗ୍ରେଡ୍ ଅଣ୍ଡାରେ ୭ଗ୍ରାମ ପ୍ରୋଟିନ୍ ସହିତ ୭୦ କ୍ୟାଲୋରୀ ଶକ୍ତି ନିହିତ ଥାଏ। ଅଣ୍ଡାରେ ଥିବା କେତେକ ଭିଟାମିନ୍ ସହିତ ଧାତବଲବଣ ଗୁଡିକ ହେଲା (୧) ଲୌହ- ଅଣ୍ଡାରେ ଥିବା ଲୌହ ସହଜରେ ଶରୀରରେ ଅବଶୋଷଣ ହେବା ସହିତ ଏହା ରକ୍ତହୀନତା ଦୂରକରିବା ସଙ୍ଗେ ସଙ୍ଗେ ଜୀବକୋଷ ଗୁଡିକ ନିକଟକୁ ଅମ୍ଳଜାନ ବହନ କରିଥାଏ। (୨) ଭିଟାମିନ୍-ଏ: ଏହା ଅନ୍ଧାରକଣା ଦୂର କରିବା ସହିତ ଚର୍ମ ଓ ଆଖିର ଜୀବକୋଷକୁ ସୁସ୍ଥ ରଖେ। (୩) ଭିଟାମିନ୍-ଡି: ଏହା ହାଡ଼ ଓ ଦାନ୍ତକୁ ସୁଦୃଢ଼ କରେ। କେତେକ କ୍ୟାନସର ଭଳି ରୋଗରେ ଶରୀରକୁ ସୁରକ୍ଷା ପ୍ରଦାନ କରେ। ଦୃଷ୍ଟିଶକ୍ତି ବୃଦ୍ଧିକରେ। ମାଂସ ଜୀବକୋଷ କ୍ଷୟ ବା ଅବନତିରେ ବିଳମ୍ବ ଘଟାଇଥାଏ। (୪) ଭିଟାମିନ୍-ଇ: ଏହା ଆଣ୍ଟିଅକ୍ସିଡାଣ୍ଟ ଭାବେ ବିଭିନ୍ନ ରୋଗ ଦାଉରୁ ଶରୀରକୁ ସୁରକ୍ଷା ପ୍ରଦାନ କରେ। ପ୍ରଜନନ ଦକ୍ଷତା ବୃଦ୍ଧିକରେ। ସ୍ନାୟୁ ଓ ମାଂସପେଶୀ ସୁଦୃଢ଼ କରେ। (୫) ଭିଟାମିନ୍ ବି୧୨– ଏହା ବିଭିନ୍ନ ହୃଦ୍‌ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବା ସହିତ ରକ୍ତହୀନତା ଦୂରକରେ। (୬) ଫୋଲିକ୍ ଏସିଡ୍ (ଫୋଲେଟ୍)- ନୂତନ ଜୀବକୋଷ ସୃଷ୍ଟିରେ ସାହାଯ୍ୟ କରେ, ରକ୍ତହୀନତା ଦୂର କରେ। ଜନ୍ମ ତ୍ରୁଟିରେ ସୁରକ୍ଷା ଆଣେ। (୭) ପ୍ରୋଟିନ୍- ମାଂସ, ଅଙ୍ଗ, ଚର୍ମ, ଲୋମ ଓ ଅନ୍ୟାନ୍ୟ ଶରୀର ଜୀବକୋଷ ଗଠନ କରେ। ହରମୋନ୍, ଏନ୍‌ଜାଇମ୍ ଓ ପ୍ରତିପିଣ୍ଡ ଉତ୍ପାଦନ କରେ। (୮) ସେଲେନିୟମ୍: ଏହା ଭିଟାମିନ୍-ଇ ସହିତ ମିଶି ଆଣ୍ଟିଅକ୍ସିଡେଣ୍ଟ ଭାବେ କାର୍ଯ୍ୟକରେ ଏବଂ ଶରୀରରେ ଜୀବକୋଷର କ୍ଷୟକ୍ଷତି ପୂରଣ କରେ। ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ଥାଏରଏଡ୍ ଗ୍ରନ୍ଥି ସୁସ୍ଥ ରଖେ। (୯) ଲ୍ୟୁଟିନ୍ ଓ ଜିଆଜାନ୍ଥିନ୍- ଏହା ଦୃଷ୍ଟିଶକ୍ତି ବଢ଼ାଏ, ବୟସ୍କ ଲୋକଙ୍କ ମୋତିଆବିନ୍ଦୁ ଦୂର କରିବାରେ ସହାୟକ ହୁଏ। (୧୦)କୋଲିନ୍- ଏହା ମସ୍ତିଷ୍କ ଗଠନ ଓ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରେ। ସ୍ନାୟୁ ଓ ସ୍ମରଣଶକ୍ତି ବଢ଼ାଏ। (୧୧) ଆୟୋଡିନ୍: ଥାଇରଏଡ୍ ହରମୋନ୍ ପ୍ରସ୍ତୁତିରେ ଆୟୋଡିନ୍‌ର ଆବଶ୍ୟକତା ରହିଛି, ତେଣୁ ଥାଏରଏଡ୍ ଗ୍ରନ୍ଥିର ସାଧାରଣ ଗୁଣଧର୍ମ ପ୍ରକାଶରେ ଆୟୋଡିନ୍ ପ୍ରମୁଖ ଭୂମିକା ଗ୍ରହଣ କରେ। (୧୨) ଭିଟାବିନ୍- ବି୨ (ରାଇବୋଫ୍ଲାବିନ୍): ରାଇବୋଫ୍ଲାବିନ୍ ଭିଟାମିନ୍ ଚର୍ମ ଓ ଆଖିକୁ ସୁସ୍ଥ ରଖେ। (୧୩) ଭିଟାମିନ୍- ବି୫ (ପାଣ୍ଟୋଥେନିକ ଏସିଡ୍) ଏହା ଶରୀରରେ ପରିପାକ ବା ବିପାକ କ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଖାଦ୍ୟରୁ ଶକ୍ତି ନିର୍ଗତ ଓ ମାନସିକ କାର୍ଯ୍ୟକଳାପରେ ଏହି ଭିଟାମିନ୍ ସାହାଯ୍ୟ କରେ।

ସାଧାରଣତଃ ୧୦୦ ଗ୍ରାମ୍ ଅଣ୍ଡାରେ ଜଳ ଅଂଶ ୭୫% ଥିବା ବେଳେ ପୁଷ୍ଟିସାର ୧୩%, ସ୍ନେହସାର ୧୦%, ଶ୍ୱେତସାର ୧%, ଧାତବଲବଣ ଓ ଭିଟାମିନ୍ ୧% ଏବଂ ୧୫୪ କ୍ୟାଲୋରୀ ଶକ୍ତି ନିହିତ ଥାଏ। ଆମ ଶରୀର ପାଇଁ ଦୈନିକ ୨୦୦୦ ମିଲିଗ୍ରାମ୍ କୋଲେଷ୍ଟିରେଲ ଆବଶ୍ୟକ ଥିବାବେଳେ ଗୋଟିଏ ଅଣ୍ଡାରେ ମାତ୍ର ୨୭୫ ମିଲିଗ୍ରାମ୍ ଏବଂ ୧୦୦ ଗ୍ରାମ୍ ଅଣ୍ଡାରେ ୫୫୦ ମିଲିଗ୍ରାମ କୋଲେଷ୍ଟିରେଲ ଥାଏ। ଜୈବିକ ମୂଲ୍ୟ ଦୃଷ୍ଟିକୋଣରୁ ବିଚାର କଲେ, ସଂପୂର୍ଣ୍ଣ ଅଣ୍ଡାରେ ଜୈବିକ ମୂଲ୍ୟ ୯୩.୭ ଥିବାବେଳେ ଦୁଗ୍ଧରେ ୮୪.୫, ମାଛରେ ୭୬.୦ ଓ ମାଂସରେ ୭୪.୪ ଭାଗ ରହିଥାଏ।

ସର୍ବୋତ୍ତମ ପୁଷ୍ଟିସାର ଥିବା ଅଣ୍ଡାକୁ ଆପଣମାନେ କ୍ରୟ କରିପାରିବେ। ସିଝା ବା କଞ୍ଚାଅଣ୍ଡା ଜାଣିବା ପାଇଁ- ଯଦି ସିଝାଅଣ୍ଡା ତେବେ ଟାଣ ରହିବ ବା ଭାଙ୍ଗିଯିବ। କଞ୍ଚାଥିଲେ ଏହା ଟଳଟଳ ବା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଳ୍ପ କେତେକ ଖାଦ୍ୟ ମଧ୍ୟରେ ଅଣ୍ଡା କେଶରରେ ଭିଟାମିନ୍-ଡି ର ଉତ୍ତମ ପ୍ରାକୃତିକ ଉତ୍ପତ୍ତି ସ୍ଥଳ। ଅଣ୍ଡା ଯଦି ତଳେ ପଡିଥାଏ, ତେବେ ଏହା ଉପରେ ଲୁଣ ସିଞ୍ଚନ କରି ସଫା ସହଜରେ କରିହୁଏ। ମାଇ କୁକୁଡ଼ାର ଖାଦ୍ୟ ଉପରେ ହିଁ ଅଣ୍ଡାର କେଶରର ରଙ୍ଗ ନିର୍ଭର କରିଥାଏ। ବାହାରେ ଗୋଟିଏ ଦିନର ଅଣ୍ଡା ରେଫ୍ରିଜରେଟରର ୭ ଦିନ ଅଣ୍ଡାର ବୟସ ଠାରୁ ଅଧିକ। ଗୋଟିଏ ବଡ଼ ଅଣ୍ଡାରେ ମାତ୍ର ୭୦ କ୍ୟାଲୋରୀ ଶକ୍ତି ଥିବାବେଳେ ୫ଗ୍ରାମ୍ ସ୍ନେହସାର ଥାଏ। ମାନବ ଶରୀରରେ ଜୀବକୋଷ ଗଠନ ପାଇଁ ଅତ୍ୟାବଶ୍ୟକୀୟ ଆମିନୋ ଏସିଡ୍ ମିଶ୍ରିତ ଅଣ୍ଡା ପୁଷ୍ଟିସାର ଯୋଗାଏ। ମା' କ୍ଷୀର ପରେ ପୁଷ୍ଟି ଦୃଷ୍ଟିରୁ ଅଣ୍ଡା ହେଉଛି ଦ୍ୱିତୀୟ। ଗୋଟିଏ ମାଇ କୁକୁଡ଼ା ବର୍ଷକୁ ୩୦୦ ରୁ ୩୨୫ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ଗୋଟିଏ ମାଇ କୁକୁଡ଼ା ଗୋଟିଏ ଅଣ୍ଡା ଉତ୍ପାଦନ ପାଇଁ ୨୪ ରୁ ୨୬ ଘଣ୍ଟା ସମୟ ନିଏ। କୁକୁଡ଼ାର ବୟସ ଯେତେ ବଢ଼ିବ, ଅଣ୍ଡା ଦେବାର ଆକାର ମଧ୍ୟ ସେତେ ବଢ଼ିବ।

ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଅଣ୍ଡାର ଉପକାରିତା ଓ ଅଣ୍ଡା ଶିଳ୍ପର ବିକାଶ ନେଇ ଜନ ସଚେତନତା ସୃଷ୍ଟି କରିବା ହେଉଛି ଏହି ଅଣ୍ଡା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମନୁଷ୍ୟକୁ ଅଧିକଦିନ ବଞ୍ଚିବାର ସାହାଯ୍ୟ କରିବା ସହିତ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ଉପାଦେୟ ଖାଦ୍ୟ ହେଉଛି ଅଣ୍ଡା। ଅଣ୍ଡା ଶସ୍ତା, ସହଜ ଓ ଅମିଶ୍ରଣ ଖାଦ୍ୟ ଭାବେ ବେଶ୍ ପରିଚିତ। କୁକୁଡ଼ା ପାଳନ କଲେ ଆମର ଆର୍ଥିକ ସ୍ୱଚ୍ଛଳତା ବଢ଼ିବା ସହିତ ପୁଷ୍ଟିହୀନତା ହୋଇପାରିବ।

*ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତସିଂହପୁର*
*ଦୂରଭାଷ : ୯୪୩୭୬୦୭୩୧୨*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୩୧




*(ପୂର୍ବପ୍ରକାଶ ଉତ୍ତାରୁ)*

ଆଜି ଖାତାରେ ସେ କଣସବୁ ଲେଖିଛି ମନେନାହିଁ। ଦେହସାରା ବେପଥୁ ଶୀହରଣ।

କେହି କଣ ତାକୁ ଏଭଳିଭାବେ ପରାଜିତ କରିପାରେ ନିର୍ବିଘ୍ନରେ ? ତାର ଏ ଅପୂର୍ବ ରୁପକାନ୍ତି କଣ ସମାପ୍ତ ? ଯୁବତୀରୁ ସେ କଣ ପ୍ରୌଢା ଏବେ ? ତେବେ କାହିଁ ସେ ଅନିମେଶର ଏତେ ଦର୍ପ..ଏତେ ଗର୍ବ ? ସେ କଣ ପୁରୁଷ ନୁହେଁ ? ତା ଭିତରେ କଣ ପୁରୁଷସୁଲଭ ପାଗଳାମୀ ନାହିଁ ? ସୌନ୍ଦର୍ଯ୍ୟର ପିପାସା କଣ ତା ମନତଳେ କେବେ ବି ଉଦିତ ହୁଏ ନାହିଁ ? ସେ କଣ ନାରୀ ଦେହରେ ମାଂସରେ ନିଜ ଇଚ୍ଛାକୁ ଚରିତାର୍ଥ କରିବାକୁ ଚାହେଁନି ? ସେ କଣ ନାରୀର ସଂଗୁପ୍ତ ସୌନ୍ଦର୍ଯ୍ୟରେ ଆତ୍ମହରା ହେବାକୁ ଇଚ୍ଛା କରେନି ? ସେ ତ ଝିଅଟିଏ ହୋଇ କେତେ କଣ କରିସାରିଛି। ସୀମା ଲଂଘନ କରି ଅନେକ ଅଶାଙ୍କୁ ଚରିତାର୍ଥ କରିସାରିଛି ! ନିଜର ପରିସୀମା ଟପି ଆକାଶକୁ ଉଣ୍ଡାଳି ଚାଲିଛି। ଅଥଚ ପୁଅଟିଏ ହୋଇ ଅନିମେଶ୍ ଏପରି କାହିଁକି ? ସେ କଣ ଅଭିନୟ କରୁଛନ୍ତି ? ଛଳନାର ରଙ୍ଗ ମାଖି ସେ କଣ ବୁଦ୍ଧୁ ବନାଉଛନ୍ତି ? ମନତଳେ ହଜାରେ ବିସ୍ଫୋରଣ, ଅଥଚ ପାଟିଖୋଲି ମନିଷା କାହାକୁ ତା ମନକଥା କହି ବି ପାରିବ ନାହିଁ। ଅନ୍ୟକୁ ତାର ଦୁର୍ବଳତା ଦର୍ଶାଇପାରିବ ନାହିଁ ?

ସେ ହିଁ ତ ଦିନେ ତାର ସାଙ୍ଗମାନଂକୁ କହିଥିଲା- ନା ତୁମେମାନେ କେହି ବି ତାକୁ ମୋ ମନତଳର ଦୁର୍ଦ୍ଦଶା କଥା କୁହନାହିଁ। ତାକୁ ଛାଡିଦିଅ ତା ବାଟରେ। ଦିନେ ବଳେ ଆସି ପହଂଚିବ ମୋ ନିକଟରେ। ଏଇ ତ, ପରୀକ୍ଷା ସରିଗଲା। କାଲିଠାରୁ କିଏ କୋଉ ଦିଗରେ ଚାଲିଯିବ। ଆଉ ତାର ଦୁର୍ବଳତା ତାକୁ ଅହରହ ଟିକିଟିକି କରି ହାଣି ଚାଲିବ। ଏ ପରାଜୟର ଗ୍ଲାନିନେଇ ସେ ବଂଚିପାରିବନି ନିଜ ଭିତରେ। ପରୋକ୍ଷରେ ଅନିମେଶର ପ୍ରତ୍ୟାଖ୍ୟାନ ତାକୁ ରକ୍ତାକ୍ତ କରୁଥିବ ଅହରହ।

ମୁଣ୍ଡ ଉପରର ସିଲିଂ ଫ୍ୟାନ୍‌ଟା ଘର୍ ଘର୍ ହୋଇ ଶବ୍ଦ କରୁଥିଲା। ଲାଗୁଥିଲା ସେ ବି ତାକୁ ଛିଗୁଲେଇ ହେଉଛି। ତା ପରାଜୟକୁ ବଖାଣି ହୋଇଛି। ଦମ୍ଭ ଭାଙ୍ଗିଯାଉଛି ତାର। ଆଉ ପାରୁନି..ସେ । ତା ବ୍ୟାଗରୁ ଧାରୁଆ ଛୁରୀଟିଏ ବାହାର କଲା। ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା । ନାଁ କେହି ନାହାନ୍ତି ଆଖପାଖରେ ଦେଖିବାକୁ। କଲେଜ କ୍ୟାମ୍ପସ୍‌ରେ ଚାପା ଗୁଞ୍ଜରଣ..। ମନିଷା ଓବେରୟ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଛି ! ସେ ତା ହାତକୁ କୌଣସି ଧାରୁଆ ଅସ୍ତ୍ରରେ କାଟିପକାଇଛି। ସମସ୍ତେ ସ୍ତବ୍ଧ ! ତା ଭଳି ଦୃଢମନା ଝିଅମାନେ ଏପରି କରିବା ସମ୍ଭବ ନୁହେଁ। ନିଶ୍ଚୟ କିଛି ରହସ୍ୟ ଅଛି। ଅନେକ ଭ୍ରୂକୁଟି କୁଂଚନ କରୁଛନ୍ତି ମନିଷାର ଏ ଦୁର୍ଦ୍ଦଶାରେ। କଣ ହୋଇପାରେ ତାର କାରଣ ? ୟା' ଭିତରେ ପରୀକ୍ଷା ଶେଷ ହୋଇଯାଇଥିଲା। ତା ନିକଟତର ସାଙ୍ଗମାନେ ବି ତାର ଏତାଦୃଶ କାର୍ଯ୍ୟକଳାପର ପ୍ରକୃତରେ କୌଣସି ଟେର୍ ପାଇନଥିଲେ।

ସେଦିନ ପରୀକ୍ଷାରେ ଶିଘ୍ର ଉତ୍ତରଖାତା ଦେଇ ଅନିମେଶ୍ ଚାଲିଆସିଥିଲେ ତାଙ୍କ ଘରକୁ। ସେଦିନ ଧାଇମାଆକୁ ନେଇ ହସ୍ପିଟାଲ୍ ଯିବାର ଥିଲା। ତାଙ୍କ ଦେହ ପ୍ରାୟତଃ ଅସୁସ୍ଥ ରହୁଛି ଆଜିକାଲି। କିଛି ଗୋଟାଏ ଚିନ୍ତା ବାରମ୍ବାର ତାଙ୍କୁ ଆଘାତ କରୁଛି। ସେ ଯେପରି ବିଂଚିହୋଇ ଯାଉଛନ୍ତି ଚାରିଆଡେ। ନିଜକୁ ସଂଭାଳି ପାରୁନାହାନ୍ତି ଠିକ୍ ଭାବେ। ତାଙ୍କର କେହି ବି ତ ନିଜର ନାହାନ୍ତି। ତା ସହିତ ପୁଣି ଛୋଟିଆ ନାତୁଣୀର ଦାୟିତ୍ୱ..!

ସତରେ ଧାଇମା' ହିଁ ତା ଆଦର୍ଶ। ତାଙ୍କ ନିଷ୍ଠାପରତା, ଆତ୍ମସଂଯମତା, ଧୈର୍ଯ୍ୟ, ତ୍ୟାଗ, ନିଷ୍କପଟ ଭଲପାଇବା ଓ ତା ସହିତ ସରଳ ସହଜ ମନଟି..ଖୁବ୍ ଆକୃଷ୍ଟ କରେ। ସେ ସମସ୍ତଙ୍କୁ ଆଦର କରନ୍ତି। ସଂସାରର ସବୁତକ ଭଲପାଇବା ଖୁନ୍ଦି ହୋଇ ରହିଛି ତାଙ୍କ ଭିତରେ। ଠିକ୍ ତାଙ୍କରି ଗୁଣନେଇ ତାଙ୍କ ନାତୁଣୀଟି ଜନ୍ମ ନେଇଛି ! ଭାରି ସ୍ନେହୀ..ନିରୀହା ଓ ଚୁଲ୍‌ବୁଲି। କବାଟ ଫାଙ୍କରେ ସେ ସବୁବେଳେ ତାକୁ ନିରୀକ୍ଷଣ କରୁଥାଏ, ଆଉ ଅନିମେଶ୍ ତାକୁ ଦେଖିଦେଲେ ସେ ଚଟାପଟ୍ ପଶିଯାଏ ଭିତରକୁ। ଗୋଟାପଣେ ସେ ଭିଜିଯାଏ ଲାଜରେ। ଝାଉଁଳିପଡେ ନିଜ ଭିତରେ ଲାଜକୁଳି ଲତାଟିଏ ପରି। ପୁଣି କେମିତି କଣେଇ ଚାହେଁ ଜାଣିବାକୁ ଅନିମେଶର ପସନ୍ଦ ଓ ନାପସନ୍ଦ ସବୁକିଛି। ଏତେ ନିକଟରୁ ସେ ଅନୁଧ୍ୟାନ କରେ ଯେ ଅନିମେଶ୍ ଶତଚେଷ୍ଟା କରି ବି ନିଜକୁ ତାଠାରୁ ଲୁଚାଇପାରେନି। ହେଲେ ସେ ଭଲପାଠ ପଢେ। ପାଠ ପଢିବାର ଆଗ୍ରହ ଅଛି ବୋଲି ସେ ନିଜେ ତାକୁ ପଢାଇବାର ଦାୟିତ୍ୱ ନେଇଛି।


ଆଜିକାଲି ଇଂଲିଶର ନ୍ୟୁଜ୍ ଚ୍ୟାନେଲ ଦେଖି ସେ ଅନେକ କିଛି ବୁଝିପାରେ। ପଢାଇଲାବେଳେ ସେ ପୁରା ଚୁପ୍ ଚାପ୍.. ସାମ୍ନାସାମ୍ନି ବସିଲେ ବି ସେ କେବେ ସିଧା ଚାହେଁନି ଅନିମେଶକୁ। କିଛି ଗୋଟାଏ ବାହାନା କରି ଲୁଚିକି ଦେଖେ। *(କ୍ରମଶଃ)*

---

## ପ୍ରେମର ପରିଧି

ବିଜୟ କୁମାର ପଣ୍ଡା





*(ପୂର୍ବପ୍ରକାଶ ଉତ୍ତାରୁ)*

ବାମ ପାଖେ ଦେବବାବୁ ଡାହାଣ ପାଖେ ମାନସୀ ଏବଂ ମଝିରେ କୁନି ଟ୍ରଫି ସହ ଷ୍ଟେଜରେ ଫୋଟୋ ଉଠିଲା ବେଳେ ଭାବ ବିହ୍ୱଳିତ ହୋଇଯାଇଥିଲା ମାନସୀ। ଆଖି ଛଳ ଛଳ ହେଇ ଆସୁଥିଲା। ନିଜ ଲୁହ ଏବଂ କୋହକୁ ଛାତିରେ ଚାପି ନିଜକୁ ସମ୍ଭାଳିଲା ମାନସୀ।

କୁନି ତା'ବାପା ମା ଉଭୟଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛି ଏକଥା କେବଳ ମାନସୀ ଛଡ଼ା ସେଠି ଉପସ୍ଥିତ ଅନ୍ୟ କାହାକୁବି ଜଣାନଥାଏ।

ସଭା ସରିଲା ପରେ ଅତିଥିଙ୍କୁ ଜଳଖିଆ ପାଇଁ ଆମନ୍ତ୍ରଣ କରାଯାଇଥିଲା। ମାନସୀ କୁନି ସହ କଥାହେଉଥାନ୍ତି। ଏଣେ କୁନି ବିଷୟରେ ଜାଣିବା ପାଇଁ ଦେବ୍ ବାବୁଙ୍କର କୌତୁହଳ ବଢ଼ି ବଢ଼ି ଯାଉଥାଏ। ମନରେ କାହିଁ କେତେ ଭାବନା ଜାଗ୍ରତ ହେଉଥାଏ। ଏହି ବିରତି ସମୟରେ ଦେବ ସ୍କୁଲ୍ ଶିକ୍ଷୟିତ୍ରୀଙ୍କୁ କୁନିର ବାପାଙ୍କ କଥା ପଚାରି ବୁଝିବାକୁ ଚେଷ୍ଟା କରୁଥିଲେ ଦେବ।

: 'କୁନିର ବାପାଙ୍କୁ ଆମେ କେହି ଦେଖିନୁ କି ଜାଣିନୁ। ସେ କେବେ ତା ବାପାଙ୍କୁ ଦେଖିନି ବୋଲି ଆଡ଼ମିସନ ବେଳେ କହିଥିଲା। ତା' ବାପା ତାଙ୍କ ସହ ରୁହନ୍ତିନାହିଁ ବୋଲି କୁନି କହିଥିଲା। ତା ଛଡ଼ା, ମାନସୀ ମାଡ଼ାମ ଏ ଜାଗାକୁ ବଦଳି ହୋଇ ଆସିଛନ୍ତି। ଶିକ୍ଷା ବିଭାଗର ଉପରରିସ୍ଥ ଅଫିସର ଭାବେ ଇନ୍ସପେକ୍ସନରେ ଆସିଥିଲେ। ତା'ପରେ ଦିନେ କୁନିକୁ ଆଡ଼ମିସନ କରାଇବାକୁ ଆଣିଲେ ଯେତେବେଳେ ଆମେ କିଛି ପଚରା ଉଚରା ନକରି ତା'ର ଆଡ଼ମିସନ କରିଦେଇଥିଲୁ।' ଶିକ୍ଷୟତ୍ରୀ ଉତ୍ତର ଦେଲେ।

:'ତଥାପି ତାଙ୍କ ବାପାଙ୍କ ବିଷୟରେ କିଛି ତଥ୍ୟ ରଖିବାଟା ଆପଣଙ୍କର ଦାୟିତ୍ୱ'। ମାନସୀଙ୍କୁ ଅପେକ୍ଷା କଲେ ଦେବ।

: 'କୁନି ସ୍ୱେଲବି ରାଜ୍ୟ ସ୍ତରୀୟ ପରୀକ୍ଷାରେ ପ୍ରଥମ ହୋଇଥିବାର ସାର୍ଟିଫିକେଟ ସହ ଆଉ କେତୋଟି ସାର୍ଟିଫିକେଟର ଜେରକ୍ସ ଆଡ଼ମିସନ ଫର୍ମ ସହ ଦେଇଥିଲେ ମାନସୀ ମାଡ଼ାମ। ତେଣୁ ପ୍ରିନ୍ସିପାଲଙ୍କୁ କିଛି ପଚାରିବାର ଅବକାଶ ନଥିଲା।' ଶିକ୍ଷୟିତ୍ରୀ ଉତ୍ତର ଦେଇଥିଲେ।

ଅତିଥିଙ୍କ ପାଇଁ ଔପଚାରିକତା ହିସାବରେ ଆୟୋଜନ କରାଯାଇଥିବା ଭୋଜନ ସାରିବା ପରେ ସାହସ ଯୁଟାଇ କୁନିର ବାପା ବିଷୟରେ ଜାଣିବାକୁ ମାନସୀଙ୍କୁ ସହ କଥା ଆରମ୍ଭ କଲେ।

: 'କୁନିର ସଫଳତା ପାଇଁ ଅଜସ୍ର ଅଭିନନ୍ଦନ। ତର୍କ ପ୍ରତିଯୋଗିତାରେ ତାର ବକ୍ତବ୍ୟ ଶୁଣି ମୋତେ ଲାଗିଥିଲା ତାର ବାପା ମା ନିଶ୍ଚୟ ଗୁଣି ଜ୍ଞାନୀ ହୋଇଥିବେ ଆଉ ତୁମ ତାର ମା ବୋଲି ଜାଣିବା ପରେ ସେ କଥା ପ୍ରମାଣିତ ହୋଇଗଲା..(ସ୍ମିତହାସ୍ୟ)। କେତେ ବର୍ଷ ହେଲାଣି ଏଠି ପୋଷ୍ଟିଙ୍ଗ ?'

: 'ଝିଅ ଜନ୍ମ ହେବାର ଦିନ କେତେଟା ଭିତରେ ଚାକିରୀ ପାଇଥିଲି, ବର୍ଷକ ପରେ ଚାକିରୀ ଆରମ୍ଭ କରିଥିଲି। ଏ ଜାଗାକୁ ବର୍ଷେ ହେବ ବଦଳି ହେଇ ଆସିଛି।' ମାନସୀ ଉତ୍ତର ଦେଲେ।

: 'ଆଉ ତୁମ ସ୍ୱାମୀ ?' କୌତୁହଳ ରେ ପଚାରିଲେ ଦେବ।

: 'ସେ ମୋ ସହ ରୁହନ୍ତିନି।'

: 'ମାନେ .. ମାନେ ଡିଭୋର୍ସ !' ଟିକେ ଅଙ୍ଗେଇ ଅଙ୍ଗେଇ ପଚାରିଲେ ଦେବ।

*(କ୍ରମଶଃ)*


---

## କବିତାର କଥା

(ଭାଗ-୯୩)



ଉମାକାନ୍ତ ରାଉତ



### ଗାଈଆଳ ଟୋକାର ବଂଶୀସ୍ୱନ

ତଥାକଥିତ ମୁଣ୍ଡିଆଳ, ନବାବଗିରି କରୁଥିବା ଆତ୍ମଘୋଷିତ ଚିନ୍ତକ, ପଦପଦବୀ,ପ୍ରତିଷ୍ଠା ଓ କ୍ଷମତାଧାରୀ ଅମଲାଙ୍କ ପାଖରେ ଲୋଳଜିହ୍ୱ ହୋଇ କଲମକୁ ବନ୍ଧା ପକେଇଦେଉଥିବା କବି/ଲେଖକ/ ବୁଦ୍ଧବାଦୀମାନେ କେବଳ ନିଜକୁ ବନ୍ଧା ପକେଇଲେ ଚଳନ୍ତା। ହେଲେ ସେମାନେ ଆଦୌ ବୁଝିପାରୁନଥିବା, ସଚେତନ ନଥିବା କିମ୍ବା ଅତ୍ୟଧିକ ମହତ୍ତ୍ୱାକାଂକ୍ଷାର ବଶବର୍ତ୍ତୀ ହୋଇ ସେଭଳି ପତଙ୍ଗୀୟ ଆକର୍ଷଣରେ ସାମିଲ୍ ହେବାଦ୍ୱାରା ସାରସ୍ୱତ ରାଇଜର ବାସ୍ତବ ବାଜି ରାଉତ, ଧର୍ମପଦ, ବକ୍ସି, ସୁରେନ୍ଦ୍ର କି ଗୋପବନ୍ଧୁମାନଙ୍କୁ ଆତ୍ମ ବିସର୍ଜନ କରିବାକୁ ପରୋକ୍ଷରେ ବାଧ କରିଦେଇଥିଲାଭଳି ଲାଗୁଛି।

ସୁତରାଂ ଏ ବିଡମ୍ବନାକୁ ବୁଝି ଏହାର ନିରାକରଣ କରିବାକୁ ପଡ଼ିବ। ବୁଝିବାକୁ ପଡ଼ିବ କବିତା କାହାପାଖରୁ ଧାର ସୂତ୍ରରେ କି ଦାନସୂତ୍ରରେ ଅଣାଯାଇପାରୁଥିବା କୌଣସି ଉପାଦାନ ନୁହେଁ। ଏହା ଏକ ସୂକ୍ଷ୍ମ କଳା, ଏକ ସ୍ୱତଃ ପ୍ରବାହ, ହୃଦୟର ଉଚ୍ଛ୍ୱାସ, ସ୍ୱଅନୁଭବର ସାନ୍ଦ୍ର ପରିପ୍ରକାଶ ; ଯାହା ପ୍ରବାହିତ ହୋଇ କାଳିମା କି କର୍ଦ୍ଦମ ନୁହେଁ ....ସୃଷ୍ଟି କରିପାରେ କେବଳ ସବୁଜିମା....ଅମୃତର ଫଲ୍ଗୁ...ମରିଯାଉଥିବା ଜୀବନ ପାଇଁ ଜୀଇବାର ଜୀବନୀକା... ସୌମ୍ୟ ସଂଜୀବନୀ ...ଜୀବନର ସାରେଗାମା......।

ହୃଦୟର ଭାଷା ପାଇଁ (Language of heart) ହୃଦୟଟେ ଥିବା ନିହାତି ଦରକାର।

ସତରେ ଛାତିଫୁଲେଇ ଆମେ ନିଜକୁ କବି ବୋଲି ଦାବି କରିବାପାଇଁ ସେମିତି ହୃଦୟଟେ ଅଧିକାର କରିପାରିଛନ୍ତି ତ ?

ହୃଦୟଙ୍ଗମ କରିବାକୁ ପଡ଼ିବ ଯେ କାବ୍ୟ କବିତାର କ୍ଷେତ୍ର ଏକ ସ୍ୱଳ୍ପକାଳୀନ ରାଜନୀତିର କ୍ଷେତ୍ର ନୁହେଁ। ଏହା ଏକ ପ୍ରଲମ୍ବିତ ଆତ୍ମ ଅନ୍ୱେଷଣର ପ୍ରବାହ। ତୁଚ୍ଛତାର ମୃଣ୍ମୟ ବେଦୀ ଉପରେ ସାଧନାର ଚିନ୍ମୟ ସାମଗାନ। ଖୁବ୍ ଅର୍ଥ ପ୍ରଦାନ କରି ନାନା ଯୋଗାଡଯନ୍ତ୍ରର ଆୟୋଜନ କରି ସୁପର୍ ଲକ୍‌ଜୁରୀ କ୍ଲାସ୍ ରେ ଟିକେଟ୍ କିଣି ହାୱାଇ ଜାହାଜରେ ଉଡୁଥିବା ନାନା ଆନୁଷ୍ଠାନିକ ପ୍ରମାଣପତ୍ରଧାରୀ ନାମ କମେଇପାରିଥିବା କୌଣସି ପଦପଦବୀ - ପ୍ରତିଷ୍ଠା- କ୍ଷମତାଧାରୀ ବଂଶୀବାଦକଠାରୁ ବଂଶୀବାଦନ ଶୁଣିବା ମୋ' ପାଇଁ ଆନନ୍ଦର କଥା ନୁହେଁ , ସୁତରାଂ କବିତାର କଥା ନୁହେଁ। ଦୁମ୍ ଦୁମିଆ ଦ୍ୱିପହରବେଳେ ବିନା ସମୟ ନିର୍ଘଣ୍ଟ , ପୁଣି ଆଦୌ ଅର୍ଥର ପ୍ରଶ୍ନ ନଥାଇ ଆକାଶକୁ ଚୁମୁଥିବା ମାଟି ଉପରେ ଥିବା ବରଗଛ ଛାଇରେ ବସି କିଛିପ୍ରତି ନିଘା ନଥିବା ପ୍ରମାଣପତ୍ରଶୂନ୍ୟ ଅବୋଧ ଗାଈଆଳ ଟୋକାଟିର ସ୍ୱତଃପ୍ରବୃତ୍ତ ବଇଁଶୀସ୍ୱରର ହୃଦଛୁଆଁ ଅଭୁଲା ରାଗିଣୀ ହିଁ ମୋ' ପାଇଁ ଅସଲ କବିତା।

ଏହିଭଳି ହୃଦଛୁଆଁ ରାଗିଣୀର ମୃଦୁ ମନ୍ଦ ସ୍ୱର ଅନୁରଣିତ ହୋଇ ଉଠିଥିଲା ବୋଲି କ୍ରୌଞ୍ଚ ପକ୍ଷୀଙ୍କର ବିରହାନ୍ତକ ଦୃଶ୍ୟ ଦେଖି ଆଦିକବିଙ୍କ କଣ୍ଠରୁ ସ୍ୱତଃ ନିଃସୃତ ହୋଇଥିଲା --

ମା ନିଷାଦ ! ପ୍ରତିଷ୍ଠାଂ ତ୍ୱମ୍ ଗମଃ ଶାସ୍ୱତି ସମାଃ

ଯତ୍ କ୍ରୋଞ୍ଚେନାଂ ମିଥୁନାଦେକଂଅବଧି କାମମୋହିତଂ

କହିବା ବାହୁଲ୍ୟ ଯେ ବ୍ୟକ୍ତିକୈନ୍ଦ୍ରିକ ପୁଞ୍ଜିପ୍ରଧାନ ସାମାଜିକ ବ୍ୟବସ୍ଥା , ପ୍ରଶସ୍ତ ଓ ପ୍ରଲମ୍ବିତଭାବେ ଶକ୍ତିଶାଳୀ ହୋଇଥିବା ସମୟରେ ଓଡ଼ିଆ ସାହିତ୍ୟର ରେନେସାଁ ଯୁଗରେ ଘନ ବଣଜଙ୍ଗଲପୂର୍ଣ୍ଣ ଗଡ଼ଜାତ ମୂଲକରୁ ମାନବ ଜାତିର ମୁକ୍ତିପାଇଁ ରାଜାରାଜୁଡ଼ା, ଜମିଦାର, ସାଆନ୍ତ ଓ ପୁରୋହିତଙ୍କ ଭଳି ବର୍ଣ୍ଣବୈଷମବାଦୀ ଓ ଶୋଷଣକାରୀ ତତ୍ତ୍ୱଙ୍କ ବିରୁଦ୍ଧରେ ଯିଏ ମସୀଯୁଦ୍ଧ କରିଥିଲେ ସିଏ ହେଲେ ମହାକବି ସନ୍ଥ ଭୀମଭୋଇ।

ସୁତରାଂ ମୋ' ବିଚାରରେ ନିଜପାଇଁ ବ୍ରିଟିଶ୍ ମାନଙ୍କଠାରୁ ରାୟବାହାଦୁର ଉପାଧି କିମ୍ବା କୌଣସି ଗଡ଼ଜାତ ରାଜାଙ୍କଠାରୁ ଗୌନ୍ତିଆର ଖିତାବ ହାସଲ କରିବାକୁ ଆଦୌ ବ୍ୟାକୁଳ ହୋଇନଥିବା ନିର୍ମଳ କବି ଭୀମଭୋଇ ହିଁ ପ୍ରକୃତରେ ଆଧୁନିକ ଓଡ଼ିଆ କବିତାର ମାର୍ଗଦର୍ଶକ। ନହେଲେ ଅନ୍ଧାର ଘରଭିତରେ ହାତଗୋଡରେ ବେଡ଼ି ପକାଯାଇ ରାଜକର୍ମଚାରୀଙ୍କ ଚାବୁକ୍ ମାଡ଼ ଖାଇଲା ପରେ ଜଣଙ୍କର ହୃଦତନ୍ତ୍ରୀରୁ ଉକୁଟି ଉଠିଥା'ନ୍ତା କି ?

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ"

ମାଟିକୁ ଛାଡ଼ି ଅଥବା ଅଖିଳର ବ୍ୟଥାବେଦନାକୁ ଛାଡ଼ି ତାଙ୍କର କୌଣସି ଚିନ୍ତା , କର୍ମ ଓ ସର୍ଜନା ନଥିଲା।

ଅତଏବ ଆସନ୍ତୁ ଆମେ, କାହାକୁ ନିଘା ନଥିବା ସେଇ ଭୌତିକ ପ୍ରମାଣପତ୍ରଶୂନ୍ୟ ଅବୋଧ ଗାଈଆଳ ଟୋକାର ବଂଶୀସ୍ୱନକୁ ଶୁଣିବା , ସେ ସ୍ୱରର ଅନୁରଣନକୁ କାୟାଗ୍ରସ୍ତ କରିବା ଏବଂ ବାସ୍ତବ କବି ଭୀମଭୋଇଙ୍କ ଭାବଧାରାର ନିର୍ମଳ ଉତ୍ତରପୁରୁଷଙ୍କୁ ଅନ୍ୱେଷଣ କରିବା।

*(କ୍ରମଶଃ)*

**କଥା ହୁଅନ୍ତୁ : ୯୪୩୭୨୬୭୧୨୫**

---

## ଚିତ୍ରଭାଷା କବିତା

### ଛାତି ଧକଧକ

ପିନାକୀ ମିଶ୍ର



ପରାଜୟ ପରେ
ଆଉ କି ବିଜୟ ଦେବୁ !
ମୋ ହାରିବାଟା
ତୋର ବି ତ ପରାଜୟ,
ମୁଁ ମୋ ସମର୍ପଣ ସଜାଏ ବୋଲି ତ ତୁ 'ବିଜୟା'
ନହେଲେ ତୁ ଗୋଟେ ଅପରିଚିତ ବାଆ।
ମା ମା ଡାକିବି ନା ଖୁଁ ଖୁଁ କାଶିବି
କରପତ୍ର ଯୋଡିବି ନା
ରୋଗିଣାଖଟରୁ ମୁକୁଳିବି
ଘରେ ତୋ ଲାଗି ଆଳତିଆଲୁଅ ହବ
ନା' ମୋ ଘରଫେରିବା ବାଟକୁ
ଜଗି ଦୋସର ଥରୁଥିବ !
କଉଟା ହବ ଲୋ !
ଦେଖି, ହାରିବାର ପରିଣତିରେ
ଭୟଶଂକାରେ ଭାଙ୍ଗିପଡୁଛି ମୁଁ,
ଲିଭିଯିବ କି ଅଧାଜଳା ସଳିତା !
ତୁ ଦଶମୀତିଥିରେ ଚମକୁଛୁ,
ମେଲାଣି ନେଉଛୁ
ରୋଗିଣାଖଟରେ ପଡିଛି ଭଙ୍ଗାଖପରା,
ପଠେଇଥିଲୁ ସଂସାରକୁ
ଜଞ୍ଜାଳ ସମ୍ଭାଳି ନେଲି,
ଝଡପରେ ପୁଣି ଉଠିଲି,
ହେଲେ ଛାତି ଧକଧକ, ପେଲୁଛି ପ୍ରଶ୍ୱାସ
ପଥରସନ୍ଧିରେ ପଚିଯିବ କି କଅଁଳପତ୍ର ?
ଆଲୋ କାଳମାତା, ଦୟିନୀ।
ଭୋକର ଠିଆନାଚ
ମଶାଣିଧୂଆଁର ଦିଗବୁଲା,
ତୋଲାଗି ଫର୍ଚ୍ଚା ଦଶୁଛି
ଲୋହିତପୂର୍ବାଶା ଯେ' -
ମୁଁ ପରା ଦୋଛକିରେ ଧଇଁପେଲୁଛି
ଆସନ୍ନ ଅସ୍ତଲଗ୍ନ।
ନିନ୍ଦିବିନି ତୋତେ
ଦେଇଛୁ ପୋଖରୀଏ ମାଛ
ଦେଇଛୁ ତାରାଭର୍ତ୍ତି ଆକାଶେ ପ୍ରଣୟ
ଦେଇଛୁ ବାହୁବଳର ବାଜିମାତ୍
ଦେଇଛୁ ବି ଅନ୍ଧାର ଚିରିବାର ଅଦମ୍ୟ,
ତୁ ମୋର କେତେ ଆକର୍ଷଣ,
କେଡେ ଆଲୋଡନ ମାଆ,
ସବୁ ଦେଲୁ ଯେ'
କି ରୋଗ ଇଏ ? ମୂର୍ଚ୍ଛିତସକାଳ।
କହ ତ
ମୋ ଜୀବନନଈ ଶୁଖିଗଲେ
ତୋ ମହତ ରହିବ ତ !
ଯେତେ ପାରୁଛୁ ବୁଲା ଚକ୍ର, କରବାଳ
ଦେଖା ତୋ ଦର୍ପଆଖି
ମୁକୁଳାକେଶୀର ଭୀମକାୟ,
ମୁଁ ପା ତତଲାବାଲିରେ ଫୁଟୁଥିବା ଦଦରା
ବନ୍ୟା ଆସିଲେ ଭାସିଯିବି
ନହେଲେ ଜାଳକାଠ ହେବି।
ଏ କାହାର କଳାଛାଇ
ଏ କାହାର କବଳ
ଏତେ ଶାସ୍ତି ଦେ ନା ଲୋ ଦେବୀ,
ଗାଁ କୁ ପଶୁଥିଲା ହଇଜା ଠାକୁରାଣୀ
ଏଠି ତ ସବୁ ପିଣ୍ଡାରେ ଗଡିଲେଣି
ତୋ ବେକର ମୁଣ୍ଡମାଳ ପାତାଳ ଛୁଇଁଲାଣି।
ଦେଖୁନୁ, ଦେହରେ ଧାଉଁଛି ଜ୍ୱର,
ଅଶୁଭ ଝାଳ, ଛାତିରେ ଅଚିହ୍ନା ଧକ
ସଜ ବାଉଁଶ କଡମଡ ଭାଙ୍ଗିଯିବକି ମାଆ ?

*ଚର୍ଚ୍ଚ ପାଖ, ଜେଲ୍ ରୋଡ, କେନ୍ଦୁଝର*
*ଦୂରଭାଷ: ୯୪୩୮୧୧୮୩୯୭*

### ମିଛ ଅହମିକା




ଅନସୂୟା ପଣ୍ଡା

ଅହଂକାର ସବୁ ସୀମା ଲଙ୍ଘି ଯାଇ ପାରେ
ଜଡ ମାନବିକତାର
ଦ୍ୱେଷାକ୍ତ ଭାବନାର ଆଢୁଆଳରେ
ସମ୍ପର୍କମାନେ ଖଣ୍ଡି ଉଡା ଦିଅନ୍ତି
ଅହଂକାରର ମୋହ ବନରେ।
ସ୍ୱାର୍ଥର ଶ୍ଳୋକ ଲେଖା ଥାଏ
ଶାନ୍ତି କପୋତର ଡେଣାରେ
କେବଳ ଯାହା ସୂଚନା ପତ୍ରଟିଏ
ହେଇ ଝୁଲୁଥାଏ ବିବାକ୍ୟରେ।
କେତେବେଳୁ ଉଶୃଙ୍ଖଳ ରାଜପଥ
ଆଧୁନିକ ସଭ୍ୟତାର ଦ୍ୱାହି ଦେଇ
ଜୀର୍ଣ୍ଣ ଶୀର୍ଣ୍ଣ ମନ୍ତ୍ରରେ ଉଦ୍ଧିତ
କିଏ ପିତାର ସ୍ୱପ୍ନକୁ ହତ୍ୟା କରୁଛିତ
କିଏ ମାଆର ସ୍ନେହକୁ କରେ କ୍ଷତବିକ୍ଷତ।
ଏମିତି ଅନେକ ଅପରାଧ
କବାଟ ଫାଙ୍କରେ ପଶି ଆସୁଛି
ଅହଙ୍କାରର ଅନୀଳରେ
ଦଳଦଳିତ କରୁଛି ସୁନାର ସଂସାର।
ରୋଜ୍ ବିଭୀଷିକା ମୁଣ୍ଡ ଟେକେ
ଧର୍ମର ଦ୍ୱାହି ଦେଇ
ସାମ୍ପ୍ରଦାୟିକତାର ପୋଡାଜଳା ପଥପ୍ରାନ୍ତେ ଘଟେ
ସବୁଠି ଜବର ଦଖଲର ପ୍ରତିଧ୍ୱନି
ଅସହିଷ୍ଣୁତାର ବିଳାପ।
ସମ୍ବେଦନା ଶୂନ୍ୟ ମଣିଷ
ଚେତନାଶୂନ୍ୟ ସତ୍ତା ଅହଂକାର ବଶୀଭୂତ
ତମିସ୍ରାରେ ହୋଇ ପଥଭ୍ରଷ୍ଟ
ବିଳାସର ବାସ୍ନାରେ କଲ୍ଲୋଳିତ ମନର ନଗରୀ
ମଣିଷ ଘୁଷୁରୁଥାଏ ବୋହି ବୋହି
ମିଛ ଅହମିକାର ବୈକୁଣ୍ଠ ପୁରୀ।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ : ୯୪୩୯୨୧୧୯୭୧*

---






ଶ୍ରୀୟା ମୁଦୁଲି
ଷ୍ଟାଣ୍ଡାର୍ଡ - ୨
ତପୋବନ ଏକାଡେମୀ
ସିରୋଲ, ଟିଟିଲାଗଡ, ବଲାଙ୍ଗିର

## ଗ୍ରାମାଞ୍ଚଳରେ ବିକାଶ ଏମିତି !

# ପକ୍ଷାଘାତ ରୋଗୀଙ୍କୁ ମୁଣ୍ଡକୁ ଛାତ, ପେଟକୁ ଭାତ ସାତସପନ



**ଆନନ୍ଦପୁର :** କେନ୍ଦୁଝର ଜିଲା ଘସିପୁରା ବ୍ଲକର ଅନେକ ଗ୍ରାମାଞ୍ଚଳରେ ଏବେବି ଅନେକ ନିରାଶ୍ରୟ ଲୋକ ଅସହାୟ ଅବସ୍ଥାରେ ଜୀବନ ବିତାଉଥିବା ବେଳେ ଏହାର ନିଛକ ଚିତ୍ର ଦେଖିବାକୁ ମିଳିଛି ଦରଡିପାଳ ପଞ୍ଚାୟତର ବରମାଳ ଗ୍ରାମରେ। ଜଣେ ନିରାଶ୍ରୟ ପକ୍ଷାଘାତ ରୋଗୀ ବାରଦୁଆର ବୁଲି ଜୀବନ ବିତାଉଥିଲେ ମଧ୍ୟ ପ୍ରଶାସନ କୁମ୍ଭା ରାଜନେତା କାହାରି ଦୃଷ୍ଟି ପଡୁନଥିବା ଅତ୍ୟନ୍ତ ପରିତାପର ବିଷୟ। ଘସିପୁରା ବ୍ଲକ ଅନ୍ତର୍ଗତ ଦରଡିପାଳ ପନଚାୟତର ବରମାଳ ଗ୍ରାମରେ ଥିବା ନିରାଶ୍ରୟ ବୃଦ୍ଧ ପକ୍ଷାଘାତ ରୋଗୀ ଯଦୁମଣୀ ମଲିକ ଭତା ପାଇବାରୁ ବଂଚିତ ହୋଇଛନ୍ତି । ମାତ୍ର ଏଯାଏ ନିରାଶ୍ରୟ ବୃଦ୍ଧଙ୍କ ଉପରେ ପ୍ରଶାସନର ନଜର ପଡୁନି। ଖବର ନେବାରୁ ଜଣାଯାଇଛି କି ଏହି ଗ୍ରାମର ଯଦୁମଣୀ (୬୫) ଜଣେ ନିରାଶ୍ରୟ ପକ୍ଷାଘାତ ରୋଗୀ ଅଟନ୍ତି। ତାଙ୍କୁ ଛାଡିଲେ ଅନ୍ୟ କୌଣସି ପରିବାର ବର୍ଗ ନଥିବାରୁ ଗାଁର କେତେକ ଯୁବକ ପାଳିକରି ଖାଇବାକୁ ଦେଇଥାନ୍ତି। ଆଜକୁ ବର୍ଷେ ହେବ ଭତା ପାଇଁ ଅନଲାଇନରେ ଦରଖାସ୍ତ କରିଥିଲେ ମଧ୍ୟ ଏଯାଏଁ ତାଙ୍କୁ ଭତା ମିଳିନାହିଁ। ସେହିପରି ତାଙ୍କୁ ରାସନକାର୍ଡ ଯୋଗେ ମିଳିଥିବା ଚାଉଳ ବନ୍ଦ କରିଦିଆଯାଇଛି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ମଧ୍ୟ ନାହିଁ। ଫଳରେ ପେଟକୁ ଭାତ ଓ ମୁଣ୍ଡକୁ ଛାତ ନଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଯଦୁମଣୀଙ୍କର ଏପରି ଅବସ୍ଥା ଦେଖିଲେ, ରାଜ୍ୟ ସରକାରଙ୍କ ବିକାଶର ଚିତ୍ର ସ୍ପଷ୍ଟ ବାରି ହୁଏ। ଖବରପାଇ ବିଜେପି ନେତା ପୃଥ୍ୱୀରାଜ କୁଅଁର ତାଙ୍କ ବରମାଳ ଗ୍ରାମରେ ପହଞ୍ଚି ଯଦୁମଣୀଙ୍କୁ ଠାବ କରି ତାଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିବା ପରେ ଶାସକ ଦଳ ଓ ପ୍ରଶାସନକୁ ନିନ୍ଦା କରିବା ସହିତ ବିଡିଓ ଓ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ବୃଦ୍ଧ ଓ ବୃଦ୍ଧାମାନେ ଭତା ପାଇବା ପାଇଁ ଆବେଦନ କରି କରି ପରିଣତ ବୟସରଙ୍କ ପହଁଚିଥିଲେ ମଧ୍ୟ ଏଯାଏଁ ଭତା ପାଇପାରୁନଥିବା ଓ ଅନେକ ଆବେଦନ କରି ବୟସାଧିକ ଯୋଗୁ ମୃତ୍ୟୁବରଣ କରିବା ଘଟଣାରେ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପନଚାୟତ ଜରିଆରେ ହିତାଧିକାରୀ ଚିହ୍ନଟ କରାଯାଉଥିଲେ ମଧ୍ୟ ଅନେକ ଆବେଦନକାରୀ ଏଯାଏଁ ଭତା ପାଇନଥିଲେ ମଧ୍ୟ ବ୍ଲକ ପ୍ରଶାସନ ଜାଣି ପାରୁନଥିବା ଚିନ୍ତାର କାରଣ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମୟ ଆସିଲେ ...

ଏଫଆଇଆର ଇଡି ନିକଟରେ ଦାଖଲ କରାଯାଇଛି। ନୟାପଲ୍ଲୀ ଓ ଖଣ୍ଡଗିରି ଥାନାରେ ହୋଇଥିବା ଦୁଇଟି ପୃଥକ ପୃଥକ ଏଫ୍ଆଇଆଇର କପି ଇଡିକୁ ହସ୍ତାନ୍ତର ହୋଇଛି। ହନିଟ୍ରାପ୍ କୁଇନ୍ ଅର୍ଚ୍ଚନା ନାଗ ବିରୋଧରେ ନୟାପଲ୍ଲୀ ଥାନାରେ ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜା ଏଫଆଇଆର କରିଥିଲେ। କିଛି ଆପତ୍ତିଜନକ ଫଟୋ ଦେଖାଇ ଅର୍ଚ୍ଚନା ଓ ତାଙ୍କ ସହଯୋଗୀ ଶ୍ରୀ ପରିଜାଙ୍କୁ ୩ କୋଟି ଟଙ୍କାର ବଟି ମାଗୁଥିଲେ। ଏଥିସହ ଟଙ୍କା ନ ଦେଲେ ସେମାନେ ହତ୍ୟା କରିବାକୁ ମଧ ପଛାଇବେ ନାହିଁ ବୋଲି ଧମକ ଦେଇଥିବା ଶ୍ରୀ ପରିଜା ଏଫଆଇଆରରେ ଦର୍ଶାଇଥିଲେ। ସେହିପରି ଖଣ୍ଡଗିରି ଥାନାରେ ଅର୍ଚ୍ଚନାଙ୍କ ବିରୋଧରେ ଅନ୍ୟ ଜଣେ ଯୁବତୀ ଦାଖଲ କରିଥିବା ଏଫ୍ଆଇଆର କପି ମଧ ପୁଲିସ ଇଡି ନିକଟରେ ଦାଖଲ କରିଛି। ଅର୍ଚ୍ଚନା ପୀଡ଼ିତା ଯୁବତୀଙ୍କ କିଛି ଅଶ୍ଳୀଳ ଫଟୋ ଉଠାଇ ତାଙ୍କୁ ନିଜ ଇସାରରେ ଅନ୍ୟମାନଙ୍କୁ ଫସାଇବାକୁ କହୁଥିବା ଏଫଆଇଆରରେ ଅଭିଯୋଗ ହୋଇଥିଲା। ଇଡିକୁ ଏଫ୍ଆଇଆର କପି ମିଳିବା ପରେ ତଦନ୍ତକାରୀ ସଂସ୍ଥାର ପରବର୍ତ୍ତୀ ପଦକ୍ଷେପ ନେଇ ବାଟ ଫିଟିଛି। ଖୁବଶୀଘ୍ର ଅର୍ଚ୍ଚନା ଠୁଳ କରିଥିବା ଅମାପ ସମ୍ପତ୍ତିର ଛାନଭିନ୍ ଇଡି କରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। କାରଣ ଇଡି ହିଁ ପୁଲିସ୍‌କୁ ଏଫଆଇଆର କପି ମାଗିଥିଲା। ଇଡି ଏହି ମାମଲାରେ ହସ୍ତକ୍ଷେପ କଲେ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କ ଆକାଉଣ୍ଟକୁ ନେଇ ଖୋଳତାଡ଼ ହେବ। ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ଆକାଉଣ୍ଟକୁ କେଉଁ ନେତା, ମନ୍ତ୍ରୀ, ଫିଲ୍ମ ପ୍ରଯୋଜକ, ଅଫିସ୍‌ର ଓ ବଡ଼ବଡ଼ିଆ ଟଙ୍କା ପଠାଇଛନ୍ତି, ତାହାର ଗୁମର ଖୋଲିବ। ଖୁବ୍ କମ୍ ଦିନ ଭିତରେ ଏହି ଦମ୍ପତି କିପରି କୋଟିପତି ହେଲେ ଓ ସେମାନଙ୍କୁ କେଉଁମାନେ ଏବଂ କାହିଁକି ଟଙ୍କା ଦେଇଛନ୍ତି, ତାହା ଇଡି ତଦନ୍ତ କରିବା ପରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ଅନ୍ୟପଟେ ନିକଟରେ ଅର୍ଚ୍ଚନା ନାଗ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର ହୋଇଥିବା ବେଳେ ସେ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ, ପ୍ରମାଣ ନଥାଇ କୌଣସି ମିଛ ଖବର ପ୍ରସାରଣ କରନ୍ତୁ ନାହିଁ। ସମୟ ଆସିଲେ ସବୁ କହିବି।

### ଧଉଳି ପାହାଡରୁ ...

ଯୁଦ୍ଧରୁ ଶାନ୍ତି। ଏହି ଧଉଳିରୁ ହିଁ ଆରମ୍ଭ ହୋଇଥିଲା ଓଡ଼ିଶା ଇତିହାସ। ସଂପୂର୍ଣ୍ଣ ମାନବଜାତି ଲାଗି ଗାଇଥିଲା ନୈତିକତାର ଗୀତ। ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଅବସର ଏହା ଇତିହାସକୁ ପୁଣି ମନେ ପକାଇ ଦେଉଛି। ଧଉଳି ଓ କଳିଙ୍ଗ ଯୁଦ୍ଧ ବିନା ଓଡ଼ିଶାର ଇତିହାସ ଲେଖାଯାଇପାରିବନି। ରକ୍ତରଞ୍ଜିତ ଧଉଳି ଯୁଦ୍ଧର ଅବସାନ ପରେ ଏହିଠାରୁ ସମ୍ରାଟ ଅଶୋକଙ୍କ ମନୋଭାବରେ ବିରାଟ ପରିବର୍ତ୍ତନ ଆସିଥିଲା। ଶାନ୍ତି ପାଇଁ ସେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ। ତାପରଠାରୁ ଧଉଳି ବିଶ୍ୱ ଶାନ୍ତିର ବାର୍ତ୍ତାବହ ହୋଇ ଇତିହାସର ମୋଡ ବଦଳାଇ ଦେଇଥିଲା। ଶୁକ୍ରବାର ଧଉଳି ଶାନ୍ତିସ୍ତୂପର ୫୦ତମ ଜୟନ୍ତୀ ଏକ ଗର୍ବ ଓ ଗୌରବର ମୁହୂର୍ତ୍ତ। ଇଏ ହେଉଛି ସେହି ବୀରଭୂମି ଯେଉଁଠି ସମ୍ରାଟ ଅଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ। ଶାନ୍ତିସ୍ତୂପ ସଦର୍ପେ ସେହି ବାର୍ତ୍ତାକୁ ବହନ କରି ଶାନ୍ତିର ସହ ସହଅସ୍ଥାନ ଲାଗି ପ୍ରଚାର କରୁଛି। ଶାନ୍ତିସ୍ତୂପ ଆଧୁନିକ ସ୍ଥାପତ୍ୟର ଏକ ଅନବଦ୍ୟ ସୃଷ୍ଟି। ଏହା ଭାରତ-ଜାପାନ ବନ୍ଧୁତା ଓ ସହବନ୍ଧନର ମୂକସାକ୍ଷୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଫୁଜି ଗୁରୁଜୀ ନିପ୍ପୋଜାନ ମିହୋଜୀଙ୍କୁ ବହୁମୂଲ୍ୟ ଅବଦାନ ଲାଗି କୃତଜ୍ଞତା ଜଣାଇଥିଲେ। ଫୁଜି ଗୁରୁଜୀଙ୍କ ଉଦ୍ୟମରେ ବିଶ୍ୱ ଶାନ୍ତିସ୍ତୂପ ନିର୍ମାଣ ସମ୍ଭବ ହୋଇପାରିଥିଲା। ଓଡ଼ିଶା ସରକାର ଏହି ଶାନ୍ତିସ୍ତୂପକୁ ଏକି ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀରେ ପରିବର୍ତ୍ତନ କରିବା ଦିଗରେ ନିରନ୍ତର କାମ କରିଚାଲିଛନ୍ତି। ଏହାର ସୌନ୍ଦର୍ଯ୍ୟକରଣ କାମ କରାଯାଇଛି। ଦୟା ନଦୀରେ ଏକ ଇନଷ୍ଟିଟ୍ ଷ୍ଟୋରେଜ ନିର୍ମାଣ ଲାଗି ଘୋଷଣା କରିବା ସହିତ ୧୫ କୋଟିର ବଜେଟ ଘୋଷଣା ମଧ୍ୟ କରିଛନ୍ତି। ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଭବ୍ୟ ପରିବେଶରେ ମୁଖ୍ୟମନ୍ତ୍ରୀ ସମସ୍ତ ଉପସ୍ଥିତ ବୌଦ୍ଧ ଭିକ୍ଷୁ, ଶ୍ରମଣଙ୍କୁ ଧନ୍ୟବାଦ ଦେବା ସହ ବିଶ୍ୱର ଅନେକ ଦେଶରୁ ଆସିଥିବା ସନ୍ୟାସୀଙ୍କୁ କୃତଜ୍ଞତା ଜ୍ଞାପନ।

### ଦେବାକୁ ପଡ଼ିବ ...

ପାଖାପାଖି ୮ ଲକ୍ଷ ଟଙ୍କା ଦେବାକୁ ପଡିବ। ଅର୍ଥାତ ଜମି ମୂଲ୍ୟର ୩୦ ପ୍ରତିଶତ କେବଳ ପ୍ଲାନ ଅନୁମୋଦନରେ ଖର୍ଚ୍ଚ ହୋଇଯିବ। ମଧ୍ୟବିତ୍ତଙ୍କ ଉପରେ ବେଡି ଉପରେ କରୋଡା ସଦୃଶ ଆଉ ଏକ କୁଳ ହେଉଛି, ଜଣେ ଯେତିକି ଜମି କିଣିଥିବେ, ତାକୁ ଫ୍ଲୋର ଏରିଆ ବିବେଚନା କରି ପ୍ଲାନ ଅପ୍ରୁଭାଲ ଦେବ। ଅର୍ଥାତ୍ ଜଣେ ୧୨ଶହ ବର୍ଗଫୁଟ ଜମି କିଣି ୮ ଶହ ବର୍ଗଫୁଟ୍ ଘର କଲେ ମଧ ତାଙ୍କୁ ୧୨ଶହ ବର୍ଗ ଫୁଟ ହିସାବରେ ଫି' ଦେବାକୁ ପଡିବ। ତେବେ ଅଭିଯୋଗ ଓ ପ୍ରସ୍ତାବ ଦାଖଲ ଲାଗି ୧୫ ଦିନ ସମୟ ଦେଇଛି ନଗର ଉନ୍ନୟନ ବିଭାଗ। କୌଣସି ଅଭିଯୋଗ ନ ଆସିଲେ ୧୫ ଦିନ ପରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ଡ୍ରାଫ୍ଟ ପଲିସିକୁ ନେଇ ପ୍ରକାଶ ପାଇଛି ପ୍ରବଳ ଜନ ଅସନ୍ତୋଷ ଡ୍ରାଫ୍ଟ। ପଲିସି ଘର ଖଣ୍ଡେ ତୋଳିବାକୁ ଯୋଜନା କରିଥିବା ଲୋକଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଇଥିବା ଅଭିଯୋଗ ଉଠିଛି। ତେଣୁ ପ୍ରବଳ ଜନ ଅସନ୍ତୋଷ ଓ ବିରୋଧ ଭିତରେ ଡ୍ରାଫ୍ଟ ପଲିସିର ଭବିଷ୍ୟତ କଣ ହେଉଛି ଦେଖିବାର କଥା।

### ମହଙ୍ଗା ପଡିବ ...

ସେମାନଙ୍କ ସହ ସଲାସୂତ୍ରାରେ ଥିବେ ସେମାନଙ୍କ ବିରୁଦ୍ଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେଡିକାଲ ମୁଖ୍ୟ ଅଧିକାରୀମାନଙ୍କୁ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସମସ୍ତ ଅଧ୍ୟାପକ, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ ହସ୍ପିଟାଲର ଅନ୍ୟ କର୍ମଚାରୀଙ୍କୁ ଏଭଳି ଦଲାଲଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେବା ସହ ସରକାରୀ ହସ୍ପିଟାଲଗୁଡ଼ିକ ପରିସରରେ ଯଦି କେହି ଏଭଳି କରୁଥିବାର ଦେଖିବାକୁ ମିଳିବ ତୁରନ୍ତ ଅଟକ ରଖି ନିକଟସ୍ଥ ଥାନାକୁ ଅବଗତ କରାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀମତୀ ପଣ୍ଡିତ ପରାମର୍ଶ ଦେଇଛନ୍ତି। ରୋଗୀ ଓ ସେମାନଙ୍କର ସମ୍ପର୍କୀୟଙ୍କ ସୁବିଧା ନିମନ୍ତେ ହସ୍ପିଟାଲର ମୁଖ୍ୟ ପ୍ରବେଶ ପଥରେ ବିଭିନ୍ନ ଓପିଡି (ବହିର୍ବିଭାଗ ରୋଗୀ)କୁ ଯିବାର ମାର୍ଗ ସ୍ପଷ୍ଟ ଭାବେ ଓଡ଼ିଆ ଓ ଇଂରାଜୀ ଭାଷାର ସାଇନ ବୋର୍ଡରେ ଲେଖିବା ତଥା ସମସ୍ତ ଓପିଡି ସାମ୍ନାରେ ମଧ୍ୟ ଉଭୟ ଭାଷାରେ ସୂଚନା ଦେବାକୁ ଶ୍ରୀମତୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରନ୍ତି, ତେବେ ବିଭାଗ ଦ୍ୱାରା ଏହାକୁ ଗୁରୁତର ସହ ବିଚାରକୁ ନିଆଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି।

### ପୁଣି ବଢ଼ିଲା ...

ସରକାରଙ୍କ ଏଚଆରଏମଏସ୍ ପୋର୍ଟାଲରେ ଅପଲୋଡ୍ କରିବାର ନିୟମ ରହିଛି। ଏଥିପାଇଁ ରାଜ୍ୟ ସରକାର କ୍ୟାବିନେଟରେ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ(ସଂଶୋଧନ) ନିୟମାବଳୀ-୨୦୨୧କୁ ଅନୁମୋଦନ କରାଇବା ସହ ପ୍ରତ୍ୟେକ ରାଜ୍ୟ ସରକାରୀ କର୍ମଚାରୀଙ୍କ ନିମନ୍ତେ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲକୁ ବାଧ୍ୟତାମୂଳକ କରିଥିଲେ। କିନ୍ତୁ ପରିତାପର ବିଷୟ, ୨୦୨୧ ମସିହାର ବାର୍ଷିକ ସମ୍ପତ୍ତି ବିବରଣୀ ତାଲିକାକୁ କର୍ମଚାରୀମାନେ ୨୦୨୨ ଜାନୁୟାରୀ ୩୧ତାରିଖ ସୁଦ୍ଧା ଦାଖଲ କରିବାର ପ୍ରାବଧାନକୁ ଗୁରୁତ୍ୱ ଦେଇନଥିଲେ। ଯେଉଁଥିପାଇଁ ସରକାର ୩ଟି ପର୍ଯ୍ୟାୟରେ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଏହି ଅବଧିକୁ ବୃଦ୍ଧି କରିଥିଲେ। କିନ୍ତୁ ବାରମ୍ବାର ଅବଧି ବୃଦ୍ଧିର ପ୍ରଭାବ ସରକାରୀ କର୍ମଚାରୀମାନଙ୍କ ଉପରେ ପଡ଼ିନି ଓ ଏବେବି ବହୁ ସଂଖ୍ୟକ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିନାହାନ୍ତି ବୋଲି ସାଧାରଣ ପ୍ରଶାସନ ବିଭାଗ କହିଛି। ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲକୁ ସରକାରୀ କର୍ମଚାରୀଙ୍କ ପଦୋନ୍ନତି ପାଇଁ ଆବଶ୍ୟକ ପ୍ରାକ୍ ଯୋଗ୍ୟତା ଭାବେ ବିବେଚନା କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେଣୁ ବର୍ଦ୍ଧିତ ଅବଧି ଶେଷ ହେବାକୁ ଅପେକ୍ଷା ନକରି ତା'ପୂର୍ବରୁ କର୍ମଚାରୀମାନେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପରାମର୍ଶ ଦେଇଛି। ଉଲ୍ଲେଖଯୋଗ୍ୟ, ୨୦୨୦-୨୧ ଆର୍ଥିକ ବର୍ଷରେ ମୋଟ ୩୩୦୦୬ଜଣ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ରାଜ୍ୟ ସରକାରୀ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୩୯୪୧୯ଜଣ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିଛନ୍ତି। ସେଥିରେ ସର୍ବାଧିକ ୨୫୮୭ଜଣ ପଞ୍ଚାୟତିରାଜ ବିଭାଗ ଓ ୨୫୩୨ଜଣ ଜଳସମ୍ପଦ ବିଭାଗର କର୍ମଚାରୀ ସାମିଲ ଅଛନ୍ତି। ସୂଚନାଯୋଗ୍ୟ, ସରପଞ୍ଚଠୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଥିଲେ ମଧ ଲୋକ ପ୍ରତିନିଧିମାନେ ସେମାନଙ୍କର ସମ୍ପତ୍ତି ବିବରଣୀ ଦାଖଲ କରିବା କେବଳ ଭାଷଣବାଜିରେ ସୀମିତ ହୋଇ ରହିଥିବା ଜଣାପଡ଼ିଛି।

### ମାତୃଶକ୍ତି ଓ ଯୁବଶକ୍ତି ...

ଧାମନଗରର ଜନତା ପୁନର୍ବାର ଭାରତୀୟ ଜନତା ପାର୍ଟିକୁ ଜିତାଇବେ ଓ ମୋଦି ସରକାରଙ୍କ ବିକାଶରେ ଭାଗିଦାରୀ ହେବେ। ରାଜ୍ୟରେ ଦୀର୍ଘ ୨୨ ବର୍ଷର ଶାସନରେ ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଓ ଲୋକମାନଙ୍କ ପାଇଁ ଅନେକ ମୌଳିକ ସୁବିଧା ନାହିଁ। ଧାମନଗରର ଲୋକମାନେ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟରେ ଶାସକ ଦଳ ପ୍ରତି ଆଉ ଜନସମର୍ଥନ ନାହିଁ। ଏଥିପାଇଁ ବିଭିନ୍ନ ଅପପ୍ରଚାର କରାଯାଇ ନିର୍ବାଚନକୁ ପ୍ରଭାବିତ କରିବାର ଅପଚେଷ୍ଟା କରାଯାଉଛି। ପ୍ରଜାତନ୍ତ୍ରରେ ଅହଙ୍କାର କରିବା ଠିକ୍ ନୁହେଁ। ଦୁର୍ଯ୍ୟୋଧନ ଓ ରାବଣର ଅହଂକାରକୁ ବାନର ସେନା ପରାଜିତ କରିଥିଲେ। ମାଆ ଓ ଯୁବ ଭୋଟରମାନେ ବିଜେପିକୁ ଭୋଟ୍ ଦେଇ ଶାସକ ଦଳର ଅହଂକାର ଭାଙ୍ଗିବେ। ଜନଆସ୍ଥା ଦ୍ୱାରା ଏହି ଉପନିର୍ବାଚନରେ ବିଜେପିର ବଡ଼ ବିଜୟୀ ହେବ। ଅତୀତରେ ସ୍ୱାଧୀନତା ସଂଗ୍ରାମର ପବିତ୍ର କ୍ଷେତ୍ର ଧାମନଗର ପୁର୍ନବାର ଏକବିଂଶ ଶତାବ୍ଦୀରେ ନୂଆ ଇତିହାସ ରଚିବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରଚାର ସମୟରେ ଶ୍ରୀ ପ୍ରଧାନ ଧାମନଗର ଏନଏସି ସ୍ଥିତ 'ମହତାବ ସେବା ସଦନ' ପରିସରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡା. ହରେକୃଷ୍ଣ ମହତାବ ଏବଂ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ସାଗର ଭୂୟାଁ ଶିଶୁ ଉଦ୍ୟାନ' ପ୍ରାଙ୍ଗଣରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସାଗର ଭୂୟାଁଙ୍କ ପବିତ୍ର ସ୍ମୃତି ପୀଠ ଓ ଶହୀଦ ନଗର ସ୍ଥିତ ଲୁଣିଆ ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଧାମନଗର ଯିବାବେଳେ କେନ୍ଦ୍ରମନ୍ତ୍ରୀଙ୍କୁ ଚଣ୍ଡିଖୋଲ, ଧର୍ମଶାଳା, କୂଆଖିଆ, ପାଣିକୋଇଲି, ଧାମନଗର ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟକର୍ତ୍ତା ଓ ନାଗରିକଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଥାନାରେ ମାମଲା ...

ଜୀବନଟି ସଂସାରକୁ ଆସିଥିଲା ଆଉ ଚାଲିଗଲା। ଏ ସବୁ ବିଶୃଙ୍ଖଳା ନୁହେଁ ତ ଆଉ କ'ଣ ? ଝିଅ ଟିଏ ପାଠ ପଢିବାକୁ ବହି ପତ୍ର ଧରି ଯାଉଛି, କଲେଜ୍ ପାଖରେ ପହଞ୍ଚିବା ପରେ ବାପା ପାଖକୁ ପହଞ୍ଚିବା କଥା ଜଣାଇଦେଇ, ଚାଲୁଛି ହୋଟେଲ୍ ରୁମ୍ ଭିତରକୁ। ଝିଅ ଆର ପାରିକୁ ଗଲା ପରେ ବାପା ପୁଣି ଖବର ପାଉଛି ଝିଅ ପାଠ ପଢିବାକୁ ଯାଇ ଜୀବନ ହାରିଦେଲା। ଏ ବିଶୃଙ୍ଖଳା ନୁହେଁ ତ ଆଉ କ'ଣ ? କାହାର ଦାଣ୍ଡରେ ଝିଅଟିଏ ଶଙ୍ଖା, ସିନ୍ଦୁର ପିନ୍ଧି ଧାରଣା ଦେଉଛି, ଛୁଆକୁ ତା'ର ବାପର ପରିଚୟ ଦରକାର। ବାପ ପଢୁଛି କଲେଜରେ, ଛୁଆକୁ ବାପର ପରିଚୟ ପାଇଁ ଧାରଣା ଚାଲିଛି, ଘର ଦାଣ୍ଡରେ। ସେ କୁମାରୀ ମା' କୁ କେହି ପ୍ରଶ୍ନ କରୁନାହାଁନ୍ତି, କାହିଁକି ସେ ବିବାହର ପଚ୍ଛା ନଧରି ଏ ଅପକର୍ମ କଲା.. ? ଶଙ୍ଖା, ସିନ୍ଦୁର କେଉଁଠି ଆଉ କେମିତି ଧାରଣ କରାଯାଏ.. ? ନୂଆ ଜୀବନଟିଏ କାହିଁକି ସେ ଆଣିଲା ? ଏ କ'ଣ ଶୃଙ୍ଖଳିତ ମଣିଷର କର୍ମ ? ଏ ବିଶୃଙ୍ଖଳିତ ଖବର ଯେଉଁ ପିଲା ଶୁଣିଲେ ବା ଦେଖିଲେ, ସେମାନଙ୍କ ମନରେ କ'ଣ ବା ପ୍ରଭାବ ନପଡିବ। ସାଧାରଣ ଭାଷାରେ କହିବାକୁ ଗଲେ ମଣିଷ ଆଜି ମନୁଷ୍ୟତ୍ୱ ହରାଇ ବସିଲାଣି। ନବ ବିବାହିତା ପତ୍ନୀ ପାଖରୁ ପତି ଲଭ ୟୁ କହି ନୂତନ ପ୍ରେମିକା ସହିତ ସମୟ ଅତିବାହିତ କରିବାକୁ ପସନ୍ଦ କରୁଛି। ଘରେ ଗୋଟିଏ ବାହାରେ ଗୋଟିଏ। ବିବିତ ପୁରୁଷ ମାନଙ୍କୁ ଦେଖି ଝିଅ ମାନେ ଖୋଜି ହୁଅନ୍ତି କାହାର ସ୍ତ୍ରୀ ସହିତ କାହାର ସମ୍ପର୍କ ଭଲ ନାହିଁ। ସମୟ ଦେଖି ଆମେ ଏଣ୍ଟ୍ରି ମାରିବା। ଆଇନ୍ ପାଠ କହୁଛି, ମନ ଯେଉଁଠି ଲାଗିଲା ସେଇଠି ରୁହ। ପତ୍ନୀକୁ ତା'ର ସନ୍ତାନକୁ କ୍ଷତିପୂରଣ ଦେଇଦିଅ। ଏ ପରିସ୍ଥିତିରେ ଶୃଙ୍ଖଳିତ ପରିବାର ଟିଏ ସୃଷ୍ଟି ହେବ କେମିତି ? ଆଗ କାଳରେ ରଜା ମହାରାଜ ମାନେ ଯେଉଁଠି ସେଇଠି କର୍ମ କରି କିଛି କିଛି କ୍ଷତିପୂରଣ ସାଙ୍ଗକୁ ରଜାଙ୍କର ନାମ ବି ସନ୍ତାନକୁ ଦେଉଥିଲେ। ଆମର ଚାଳିଶ୍ ପଚାଶ ହଜାର ଟଙ୍କା ଦରମା ପାଉଥିବା ରଜା ମାନେ ଯଦି ରାଜକୀୟ ଶୈଳୀରେ ଜୀବନଯାପନ କରିବେ, କ୍ଷତିପୂରଣ କେତେ ଦେବେ କେମିତି ଚଳିବେ.. ? ମାଷ୍ଟ୍ର ବାପ ନ ଖାଇ ନପିଇ ଯାହା ରଖିଥିବ ସେଥିରୁ ମଧ ପୁଅର ଅବୈଧ ସନ୍ତାନ ଭାଗ ନେବ। ଏ ପାଠ ଦେଖିଲେ ମନ କହେ, ସନ୍ତାନ, ବୃଦ୍ଧ କାଳର ସାହାରା କ'ଣ ହେବ, ଉପରେ ଲୋକ ହସା କରାଇ ଜୀବନକୁ ଦୁର୍ବିସହ କରିପକାଉଛି। ଏମିତି ଗାଥା ଆଉ ବ୍ୟଥା ଚାଲିଥିବା ବେଳରେ ଏବର୍ଷ ସୂର୍ଯ୍ୟ ପରାଗ ହେଲା। ସୂର୍ଯ୍ୟ ପରାଗ ସମୟରେ ଆମୀଷ ଖାଦ୍ୟ ବଣ୍ଟନ କରି କିଛି ବରିଷ୍ଠ ନାଗରିକ ନିଜକୁ ହେତୁବାଦୀର ପରିଚୟ ଦେଲେ। ମାଗଣା ଚିକେନ୍ ବଣ୍ଟନ ଦେଖି ଲୋକ ବି ଖାଇବାକୁ ଚାଲିଲେ। ଖାଇବା ବେଳେ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ ଯାହାର ଖାଇବେ ତା'ର ତ ଗାଇବେ, ସେଥିପାଇଁ କହିଲେଣି ଗ୍ରହଣ ବୋଲି କିଛି ନାହିଁ। ଏବେ ଆଉ ରାହୁ ନାହିଁ କି କେତୁ ନାହିଁ। କେବଳ ଚନ୍ଦ୍ରର ଛାୟା ପୃଥିବୀ ଉପରେ ପଡିଗଲା। ଆମେ ମାଗଣା ଖାଇବା ମିଳୁଛି କାହିଁକି ଖାଇବୁନି..

କିନ୍ତୁ ସମସ୍ତେ ଜାଣନ୍ତି ଯେ ସୂର୍ଯ୍ୟ, ଚନ୍ଦ୍ର, ଆଉ ପୃଥିବୀ ଗୋଟିଏ ସରଳ ରେଖାରେ ରହିଲେ ସୂର୍ଯ୍ୟ ପରାଗ ହୁଏ। ହେଲେ ମଧ ପ୍ରକୃତିକୁ ଉପାସନା କରି ପୃଥିବୀ କୋଳରେ ଆଶ୍ରୟ ପାଇଥିବା ମଣିଷ, ଚନ୍ଦ୍ରର ଛାୟା ପଡିବା ସମୟରେ ପାକତ୍ୟାଗ ପାଳୁଛନ୍ତି। ଦେବ ନୀତି ବିରତ ରହୁଛି। ପୁଣି ଉଦୟ ସୂର୍ଯ୍ୟଙ୍କ ସହିତ ଦେବ ନୀତି ପାଳିତ କରାଗଲା। ଚତୁଃପାର୍ଶ୍ୱରେ ଉଚ୍ଛୃଙ୍ଖଳବାଦୀ ମାନେ ଉଚ୍ଛୃଙ୍ଖଳ ମନାଉଥିବା ବେଳେ ଏ ହେତୁବାଦୀ ନିଜ ଘରେ ଆମିଷ ଭକ୍ଷଣ ନକରି ବାହାରେ ଆସି ଆମିଷ ବଣ୍ଟନ କଲେ। କହିଦେଲେ, ଗ୍ରହଣ କହିଲେ କିଛି ନାହିଁ। ଏ ସବୁ ଅନ୍ଧ ବିଶ୍ୱାସ। ସେମାନଙ୍କ ଦୃଷ୍ଟିରେ ଈଶ୍ୱର ଉପାସନା ବି ଅନ୍ଧ ବିଶ୍ୱାସ। ବୈଦିକ ରୀତିର ବିବାହ କର୍ମ ବି କୁସଂସ୍କାର, ଅନ୍ଧ ବିଶ୍ୱାସ। ଏବେ ଗ୍ରହଣ ବେଳେ ମାଗଣା ଆମିଷ ଖାଦ୍ୟ ବଣ୍ଟନ କଲେ, ପରେ ଶିବ ରାତ୍ରି, ଜନ୍ମାଷ୍ଟମୀ, ରାମ ନବମୀରେ ବି ଆମିଷ ବଣ୍ଟନ କରିବେ। କହିବେ ରାମ, କୃଷ୍ଣ, ଶିବ ବୋଲି କିଛିନାହିଁ। ଏମାନଙ୍କ ଜନ୍ମ ସମୟରେ ଉପବାସ ରହିବା ଉଚିତ ନୁହେଁ, ଉପବାସ ରହିବା ଦୀପ ପ୍ରଜ୍ୱଳନ କରିବା ବି ଅନ୍ଧ ବିଶ୍ୱାସ। ବିତଣ୍ଡା ଯୁକ୍ତିରୁ ଏ ହେତୁବାଦର ଜନ୍ମ। ହିନ୍ଦୁ ଧର୍ମ କୁ ଯିଏ ଯାହା କହିଲେ ଚଳିଯିବ। ଅନ୍ୟ ଧର୍ମରେ ପାଟିଟା ଖୋଲିଦେଲେ ସମୟ ଲାଗିବନି, ମୁଣ୍ଡ କାଟ ହେବାକୁ। ଆମ ଉଦାର ବାଦରେ ହେତୁବାଦ ବା ବିତଣ୍ଡା ତର୍କ ବାଦ ଆଜି ମୁଣ୍ଡ ଟେକିଛି।

# ଗିରି ଗୋବର୍ଦ୍ଧନ ପୂଜା ପାଳିତ




**ବରଗଡ :** ପ୍ରତେକ ବର୍ଷ ଭଳି ଚଳିତ ବର୍ଷ କାର୍ତ୍ତିକ ମାସର ଶୁକ୍ଳାପକ୍ଷ ପ୍ରତିପଦାରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅନ୍ତର୍ଗତ କେନ୍ଦୁପାଳି ଗ୍ରାମରେ ଶ୍ରୀ ଶ୍ରୀ ଗିରି ଗୋବର୍ଦ୍ଧନ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ଶ୍ରୀକୃଷ୍ଣ ଭଗବାନ ଗିରି ପର୍ବତ ଧାରଣ କରିଥିଲେ ବୋଲି ବିଶ୍ୱାସ ରହିଛି। ଏହି ଗ୍ରାମରେ ପୂର୍ବ ପୁରୁଷ ବର୍ଷରୁ ଚଳି ଆସୁଥିବା ବେଳେ ଶିବ ପ୍ରସାତ ଗଁଡିଆ ଘରୁ ପ୍ରଥମେ ଗିରି ଗୋବର୍ଦ୍ଧନଙ୍କ ଫୋଟୋ ଚିତ୍ରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବାଜାଗଜା ଶଙ୍ଖ ଘଣ୍ଟ ଓ ହୁଳହୁଳି ସହ ଗଁଡିଆଙ୍କ ଘରୁ ବିଭିନ୍ନ ପ୍ରକାର ବନ୍ୟଡାଳ, ଫଳମୂଳ ଓ ଯୁଗାର ଯାତ୍ରା ହୋଇଥିଲା। ଗାଁ ମୁଣ୍ଡର ବର ଗଛ ମୂଳେ ଏକ ପର୍ବତ ତିଆରି କରି ବିଭିନ୍ନ ପ୍ରକାର ବନ୍ୟଡାଳ ଲଗେଇ ଗିରି ଗୋବର୍ଦ୍ଧନ ପର୍ବତକୁ ପୂଜା କରାଯାଇଥାଏ। ପଣ୍ଡିତ ଭାବେ ଲୋକେଶ୍ୱର ଦାସ, ସହକର୍ମୀ କାମେଶ୍ୱର ମହାପାତ୍ର ପୂଜାର୍ଚ୍ଚନା ରହିଥିଲେ। କର୍ତ୍ତା ଭାବେ ସରୋଜ କୁମାର ଭୋଇ ଓ ସହଯୋଗୀ ଶିବ ପ୍ରସାତ ବାରିକ ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଗୋବର୍ଦ୍ଧନ ପୂଜା ଉତ୍ସବରେ ଆଖପାଖ ଗାଁ ଗଣ୍ଡା ଅଞ୍ଚଳବାସୀଙ୍କ ସମାଗମ ହୋଇଥାଏ। ଗୋବର୍ଦ୍ଧନ ପୂଜାକୁ ଅନ୍ନକୁଟ ପୂଜା ନାମରେ ମଧ ଜଣାଶୁଣା ହୋଇଥିବା ବେଳେ ଏହି ଦିନରେ ଚାଉଳ, ଡାଳି, ବିଭିନ୍ନ ପ୍ରକାର ପନିପରିବାରେ ତିଆରି ତରକାରୀ ଖାଦ୍ୟ ରନ୍ଧା ଯାଇ ଶ୍ରୀ କୃଷ୍ଣ ଭଗବାନ ଅର୍ପଣ କରାଯାଏ। ଏହାପରେ ଦୁଇ ହଜାରରୁ ଅଧିକ ଭକ୍ତ ମାନଙ୍କ ପାଇଁ ଅନ୍ନବ୍ୟଞ୍ଜନର ବ୍ୟବସ୍ଥା କରାଯାଇଥିଲା। ଆଖ ପାଖ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ଆସି ଅନ୍ନ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁ ମାନଙ୍କ ପାଇଁ ସଂକୀର୍ତ୍ତନ ଭଜନ ପରିବେଷଣ କରାଯାଇଥିଲା। ସବୁଠୁ ବଡ଼ କଥା ଏହି ପୂଜା ଉତ୍ସବରେ ଭକ୍ତଙ୍କ ପାଇଁ ସ୍ୱାସ୍ଥ ସେବାର ଆୟୋଜନ ଗ୍ରାମ କମିଟି ତରଫରୁ ରଖାଯାଇଥିବା ବେଳେ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ କମିଟିର ସଭାପତି ପଞ୍ଚାନନ୍ଦ ପ୍ରଧାନ, ସମ୍ପାଦକ ମନୋରଞ୍ଜନ ପ୍ରଧାନ, କୋଷାଧକ୍ଷ ବିନୟ ପ୍ରଧାନ, କମିଟି ଉପଦେଷ୍ଟା ଅଭିଅମନ୍ୟୁ ପ୍ରଧାନ, ପଞ୍ଚାନନ୍ଦ କ୍ଷେତି, ସରୋଜ କୁମାର ଭୋଇ ଓ ନୌକିଶୋର ପ୍ରଧାନ ଉପସ୍ଥିତ ରହିଥିଲେ।

## ରଘୁନାଥପୁର ବ୍ଲକ ଅଞ୍ଚଳରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପାଇଁ ସାଧାରଣରେ ଦାବି


**ଜଗତ୍‌ସିଂହପୁର :** ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ରଘୁନାଥପୁର ବ୍ଲକ ଅଞ୍ଚଳଟି ସଦାସର୍ବଦା ବାତ୍ୟା, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ଅଂଚଳ ଭାବେ ବେଶ୍ ପରିଚିତ ଥିଲେ ବି ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନରେ ଏକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନହୋଇପାରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ହଂସୁଆ ନଦୀ ସାଙ୍ଗକୁ ମହାନଦୀରେ ବନ୍ୟା ଆସିବା ଦ୍ୱାରା ବହୁ ଅଂଚଳ ଓ ଚାଷ ଜମି ସବୁ ଜଳମଗ୍ନ ହୋଇଯାଇଥାଏ। ବର୍ଷା ଋତୁ ଆସିଲାମାନେ ପ୍ରବଳ ବର୍ଷା ପାଣିରେ ଚାଷଜମି ବୁଡିଯାଇ ଚାଷୀମାନେ କ୍ଷତି ସହୁ ଥିବାବେଳେ ଚାଷ ଅମଳ କରିବା ପରିବର୍ତ୍ତେ ତାହାର ଧାର ବାକି, ଲୋନ ଟଙ୍କା ସୁଜିବାକୁ ସକ୍ଷମ ହେଉନାହିଁ। ରଘୁନାଥପୁର ବ୍ଲକର ୧୯ଗୋଟି ଗ୍ରା.ପ.ରେ ପ୍ରାୟ ଗ୍ରାମ ହଂସୁଆ ନଦୀରେ ବନ୍ୟା ଯୋଗୁ ବହୁ ଆଦିବାସୀ ଲୋକଙ୍କୁ ବାସହରା ହେବାକୁ ପଡୁଛି। ସେମାନଙ୍କ ପାଇଁ ପକ୍କା ଘର ଖଣ୍ଡିଏ ସାତସପନ ହୋଇଯାଉଛି। ଏହି ବନ୍ୟାବାତ୍ୟା ସମୟରେ ଆଦିବାସୀ ମାନଙ୍କୁ ସ୍କୁଲ ଗୃହ ମାନଙ୍କରେ ରହିବା ସହିତ ଗୋରୁ, ଗାଈ ଓ ଛେଳିଙ୍କୁ ରହିବାକୁ ପଡୁଛି। ବନ୍ୟା ବିପତି ସମୟରେ ସରକାର ସେମାନଙ୍କ ଦୁର୍ଦ୍ଦଶାକୁ ନଦେଖି କେବଳ ପାଲ ଖଣ୍ଡେ ଚୁଡା ଓ ଗୁଡ ଦେଇ ପଳାଇ ଯାଉଥିବା ବେଳେ ସେମାନଙ୍କ ରହଣି ନିମନ୍ତେ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଷ୍ଟିଆ ବ୍ୟବସ୍ଥା କରାଯାଇପାରିଲା ନାହିଁ। ବନ୍ୟାବାତ୍ୟା ସମୟରେ ଏହି ଆଦିବାସୀ ଓ ନିରାଶ୍ରୟ ଲୋକଙ୍କୁ କିଭଳି ସୁରକ୍ଷିତ ରଖାଯାଇ ପାରିବ ସେ ନେଇ କୌଣସି ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ବୁଦ୍ଧିଜୀବି ମହଲରେ ଦୃଢ ଦାବି ହେଉଛି। କିଛି ସ୍ଥାନ ମାନଙ୍କରେ ଯଦି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ହୋଇପାରନ୍ତା ତେବେ ଏହି ଅଂଚଳର ହଜାର ହଜାର କ୍ଷତିଗ୍ରସ୍ତ ଲୋକ ଉପକୃତ ହେବା ସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବହୁ ଧନଜୀବନକୁ ସୁରକ୍ଷା ହୋଇପାରନ୍ତା। ଏହି ବହୁମୁଖୀ ଆଶ୍ରୟସ୍ଥଳ ଯଥାଶୀଘ୍ର ନିର୍ମାଣ ପାଇଁ ସାଂସଦ ଓ ବିଧାୟକ ମାନେ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କ ନିକଟରେ ଦାବି ଜଣାଇବାକୁ ସାଧାରଣରେ ଦାବି ହେଉଛି।

## ଆନନ୍ଦପୁରରେ ଅଣଓଡିଆ ଠିକାଦାର ଓ ଶ୍ରମିକଙ୍କ ମନମାନୀ



**ଆନନ୍ଦପୁର :** ଅଣଓଡିଆ ଠିକାଦାର ମାନଙ୍କ ଦ୍ୱାରା ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଚାଲିଥିବା କୋଟି କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟରେ ମନମାନି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଅଣଓଡିଆ ଠିକାସଂସ୍ଥା ଅଣଓଡିଆ ଶ୍ରମିକମାନଙ୍କୁ ନିୟୋଜିତ କରି ମନଇଛା କାର୍ଯ୍ୟକରୁଥିବା ବେଳେ ଅଂଚଳବାସୀଙ୍କ ଅସୁବିଧା ଓ ଅଭିଯୋଗକୁ ଭୃକ୍ଷେପ କରୁନଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆନନ୍ଦପୁର ର ଏହି ଓାଟର ପ୍ରୋଜେକ୍ଟ ନିର୍ମାଣ କାର୍ଯ୍ୟ କରୁଥିବା ମେଗା ଇଞ୍ଜିନିୟରିଂ ପ୍ରାଇଭେଟ ଲିମିଟେଡ୍ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ଅଣଓଡିଆ ଠିକାସଂସ୍ଥା ଆନନ୍ଦପୁର ଗ୍ରାମାଚଂଳ ଓ ସହରାଚଂଳରେ ପାନୀୟ ଜଳ ଯୋଗାଇ ଦେବାକୁ ଆରମ୍ଭ କରିଥିବା ମେଗା ଓାଟର ପ୍ରୋଜେକ୍ଟ ର ପାଇପ ବିଛା କାର୍ଯ୍ୟରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଛି । ରାସ୍ତାର ପାର୍ଶ୍ୱରେ ଗାତ ଖୋଳି ପାଇପ ବିଛାଇବା ପରେ ଖୋଳାଯାଇଥିବା ମାଟିକୁ ପୂର୍ବପରି ଘୋଡାଇ ଦେଉନଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ଅନେକ ସ୍ଥାନରେ ପିଚୁ ରାସ୍ତା ଓ କଂକ୍ରିଟ ରାସ୍ତାକୁ ଖୋଳି ପାଇପ ପକାଇବା ପରେ ତାହାର ମରାମତି କରୁନଥିବାରୁ ଅନେକ ସ୍ଥାନରେ ରାସ୍ତାଘାଟରେ ଖାଲଖମା ହୋଇ ଯାତାୟତରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଅଣଓଡିଆ ଶ୍ରମିକ ଓ କର୍ମଚାରୀଙ୍କୁ ନିୟୋଜିତ କରିଥିବାରୁ ଏହି ଅଂଚଳର ଶିକ୍ଷିତ ଓ ବେକାର ଯୁବକମାନେ କାମଧନ୍ଦା ପାଉନାହାନ୍ତି । ସ୍ଥାନୀୟ ଯୁବକ ଓ ଶ୍ରମଜୀବୀ ପରିବାରଙ୍କୁ ଏଥିରୁ ନିୟୋଜିତ କରାଯାଉନଥିବାରୁ ଅନେକ ଶ୍ରମଜୀବୀ ଏବେ ଦାଦନ ଖଟିବାକୁ ରାଜ୍ୟ ବାହରକୁ ଚାଲିଯାଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଦୀପାବଳି ଓ କାଳୀ ପୂଜା ପାଳିତ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ଗ୍ରାମ ମା ଭାଗବତୀଙ୍କ ପୀଠରେ ପ୍ରତି ବର୍ଷ ପରି ଚଳିତ ବର୍ଷ ମା କାଳୀଙ୍କ ପୂଜା ମହା ଆଡମ୍ବରରେ ଶେଷ ହୋଇଛି। କର୍ତ୍ତା କର୍ତ୍ତି ଭାବେ ସୁବ୍ରତ ପରିଡା ସହଧର୍ମିଣୀ ମମତା ପରିଡା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଗ୍ରାମର ମହିଳା ଓ ପୁରୁଷ ମାନେ ମାଙ୍କ ପୀଠରେ ସମୂହ ଦୀପ ଦାନ କରିଥିଲେ।ପାରମ୍ପରିକେ ରୀତିରେ ପୂଜା ବିଧି ସମାପନ କରାଯାଇଥିଲା।ତିନି ଦିନ ବ୍ୟାପି ପୂଜାରେ ଗ୍ରାମବାସୀ ଓ ଭଗବତୀ କ୍ଲବର ସମସ୍ତ ସଭ୍ୟ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ଶ୍ରଦ୍ଧାଳୁମାନେ ପ୍ରତିଦିନ ସନ୍ଧ୍ୟାରେ ମାଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ।ବହୁ ମହିଳାମାନେ ମାଙ୍କ ନିକଟରେ ମାନସିକ ବ୍ରତ ପାଳନ କରିଥିଲେ। ଶେଷ ଦିନରେ ମାଙ୍କ ପୀଠରେ ପୁରୀ ଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ ପୂଜାର୍ଚ୍ଚନା କରିବାର ଦେଖିବାକୁ ମିଳିଥିଲା। ଦୀପାବଳୀରେ ରଙ୍ଗ ବେରଙ୍ଗର ଆଲୋକ ମାଳାରେ ଗ୍ରାମରୁ ସହର ପର୍ଯ୍ୟନ୍ତ ଆଲୋକିତ ହୋଇଉଠିଥିଲା। ଆତସବାଜି ଶବ୍ଦରେ ପରିବେଶ ପ୍ରଦୂଷଣ ହେବା ସହିତ ଗ୍ରାମ ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ଦୀପାବଳୀ ତିଥିରେ ପ୍ରାଚୀନ କାଳରୁ ପ୍ରଚଳିତ ପରମ୍ପରା ଅନୁଯାୟୀ ପ୍ରତି ଘରେ ଘରେ ବଡବଡୁଆ ଡକାଯାଇଥିଲା।ଏଥିସହିତ ପିତୃପୁରୁଷଙ୍କୁ ସ୍ମରଣ କରିବା ସହିତ ପିଣ୍ଡ ଦାନ ମଧ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ନାୟକ, ହିମାଂଶୁ ନାୟକ, ବୁଦ୍ଧେଶ୍ୱର, ବସନ୍ତପରିଡା, ବେହେରା, ଟିଟୁ ପରିଡା, ବାବାଜୀ ବେହେରା, ରାମଚନ୍ଦ୍ର ପରିଡା, ପଦ୍ମନାଭ ବେହେରା, ବୁଲୁ ବିଶ୍ୱାଳ, କାହ୍ନୁ ପରିଡା, ରମେଶ ପରିଡା,ପବିତ୍ର ବେହେରା, ଚନ୍ଦ୍ରମଣି ବେହେରା, କଳ୍ପନା ନାୟକ, ଚଗଲି ଓଝା, ମନୋସ୍ମିନ୍ନିନାୟକ, ସଂଯୁକ୍ତା ବେହେରା, ସରିତା ସ୍ୱାଇଁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଙ୍କ ପୂଜା ପରିଚାଳନା କରାଯାଇଥିଲା।



ସିତାଂଶୁ ଶେଖର ମିଶ୍ର

# ପର୍ଯ୍ୟଟନ କ୍ଷେତ୍ରରେ ଭରପୁର ବୀରମହାରାଜପୁର

ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପ୍ରାଚୀନ ଐତିହାସିକ ଦେବଭୂମି ହୋଇଥିଲେ ମଧ ପର୍ଯ୍ୟଟନ ମାନଚିତ୍ରରେ ସେମିତିକିଛି ସ୍ଥାନ ଅଳଙ୍କୃତ କରିନପାରିବା ଆଶ୍ଚର୍ଯ୍ୟ ଚକିତ କରୁଛି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଐତିହାସିକ ପ୍ରାଚୀନଦେ୍ୱଭୂମି ବିଷୟରେ ଏବେ ବି ପର୍ଯ୍ୟଟକଙ୍କୁ ଅଜଣା। ସବୁଜପାହାଡ଼ ନଦୀ ନାଳଘେରା ମଣ୍ଡଳୀ




ହେଲା ବିରମହାରାଜପୁର। ଏହାରକଳା ସାହିତ୍ୟସଂସ୍କୃତି ପରମ୍ପରା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଅଭୂତପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେତିକି ନିଆରା ଜନସାଧାରଣଙ୍କ ଚାଲିଚଳନ ଜୀବନଶୈଳୀ ମଧ ସେତିକି ନିଆରା।

ଏଠାକାର ଜନସାଧାରଣଙ୍କ ଜୀବନଯାତ୍ରା ସହ ଅଭିନ୍ନ ଭାବରେ ଜଡ଼ିତ ହୋଇ ରହି ଆସିଛି ଏହାର ସାଂସ୍କୃତିକ ପରମ୍ପରା। ବର୍ଷର ବିଭିନ୍ନ ମାସ ଋତୁ ଅନୁଯାୟୀ ପାଳନହୋଇଥାଏ ଅନେକ ପର୍ବପର୍ବାଣୀ ଏବଂ ଯାନିଯାତ୍ରା।ଏହି ସମୟରେ ଅନୁଷ୍ଠିତ ପାରମ୍ପରିକ ନୃତ୍ୟ ଗୀତକଳା ଏହି ଅଞ୍ଚଳର ଏକ ଅଭିନ୍ନ ଅଙ୍ଗହୋଇ ରହିଥିବା ଦେଖିବାକୁ ମିଳିଥାଏ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କ୍ଷେତ୍ରରେ ଦେଖିବାକୁ ମିଳିଥାଏ ଅନେକ ପ୍ରାଚୀନ ଐତିହାସିକ ଆଧ୍ୟାତ୍ମିକ ସ୍ଥଳୀ। ଶୈବ, ଶାକ୍ତ, ବୈଷ୍ଣବ ସଂସ୍କୃତିର ଅନେକ ପ୍ରାଚୀନ ପୀଠ ସବୁ। ଜଗତର ନାଥ ଜଗନ୍ନାଥଙ୍କ ୧୪୪ ବର୍ଷ ପାତାଳୀ ତଥା ଲୀଳା ଭୂମି। ଯାହାକି ପାତାଳୀ ଶ୍ରୀ କ୍ଷେତ୍ରଭାବରେ ପ୍ରସିଦ୍ଧି ଲାଭ କରିଛି।ଭାରତବର୍ଷର ଦ୍ୱିତୀୟ ବୃନ୍ଦାବନ। ଯାହାକି ଖମାର ମଠଭାବରେ ପରିଚିତ। ଭଜବଳପୁର ଗ୍ରାମର ପ୍ରାଚୀନ ବଳଦେବଜୀଉ। ଠାକୁର ଏଠାରେଶୟନ ମୁଦ୍ରାରେ ଏକ ଖୋଲା ପିପ୍ପଳ ଗଛ ମୂଳରେ ରହିଥିବା ଦେଖିବାକୁ ମିଳିଥାଏ। ଯାହାକି ନିଶ୍ଚୟ ଏକ ରହସ୍ୟମୟ ସ୍ଥାନଅଟେ। ବିନିକା ରହିଲା ଗ୍ରାମରପାପକ୍ଷୟ ଘାଟ। ଉଲୁଣ୍ଡା ବ୍ଲକର କୁତମେଣ୍ଡାର ମାତା ମେଟାକାନୀ, ତେଲଣ୍ଡା ଗ୍ରାମର ପ୍ରତ୍ୟକ୍ଷ ଦେବୀମାତା ରାମଚଣ୍ଡୀ। ଏହା ସହ ଅନେକ ପ୍ରାଚୀନ ଶୈବପୀଠ ସବୁ ରହିଅଛି।


ତାହା ମଧରେ ରହିଅଛି ପ୍ରସିଦ୍ଧ ଶୈବପୀଠ ବାବା ଚମ୍ପେଶ୍ୱର। ଏହା ବାବା ରାମେଶ୍ୱରଙ୍କ ଅନ୍ୟ ଏକ ସ୍ୱରୂପ। ପରମ ଶୈବ ଭକ୍ତ ଚମ୍ପାମାଳ ଗ୍ରାମର ଚମ୍ପା ହୋତାଙ୍କ ଭକ୍ତିର ନିଦର୍ଶନ ଭାବରେ ବାବା ରାମେଶ୍ୱର ଚମ୍ପାମାଳ ଗ୍ରାମରେ ଆବିର୍ଭୂତ ହୋଇ ଗାଁର ନାମ ଅନୁସାରେ ଚମ୍ପେଶ୍ୱର ନାମରେ ପୂଜା ପାଇଆସୁଥିବା କିମ୍ବଦନ୍ତୀ ରହିଅଛି।

ବାବା ଗୋଧନେଶ୍ୱରଙ୍କ ଆବିର୍ଭାବର ମଧ୍ୟଏକ ଜନଶୃତି ରହିଅଛି। ଏକଦା ମହାନଦୀର ଅପରପାଶ୍ୱରୁ ପ୍ରତିଦିନନଦୀ ପାରହୋଇ ଏକ କଳା ରଙ୍ଗର ଗାଈ ଆସି ଏଠାରେ କ୍ଷୀରଦାନ କରୁଥିଲା। ଏହାକୁ ଏକ ଚାଷୀ କିଛି ଦିନ ଦେଖିଲା ପରେ ଆସି ଦେଖେତ ଉକ୍ତ ସ୍ଥାନରେ ଏକ ଲିଙ୍ଗ ରହିଅଛି। ତାକୁ ଯାଇ ଗ୍ରାମରେ ଜନସାଧାରଣଙ୍କୁ ସମସ୍ତ କଥା କହିଲା ପରେ ସେଠାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରେ ପରେ ଉକ୍ତ ସ୍ଥାନରେ ଏକ ମନ୍ଦିର ନିର୍ମାଣ କରାଯାଇଥିବା ଜନଶ୍ରୁତି ରହିଅଛି। ଏହି ସୁନ୍ଦର ଶୃତିକୁ ମନେ ପକେଇବା ପାଇଁ ଆଜି ମଧ ମନ୍ଦିରରେ କଳା ରଙ୍ଗର ଏକ ଗାଈକୁ ସ୍ଥାପନ କରାଯାଇଅଛି। ଏହା ବିରମହାରାଜପୁର ଉପଖଣ୍ଡର ଜଟେସିଂଘା ପଞ୍ଚାୟତ ଅନ୍ତର୍ଗତ ଏକତାଳ ଗ୍ରାମଠାରୁ ଦୁଇ କିଲୋମିଟର ପାଖା ପାଖି ମହାନଦୀ କୂଳରେ ରହିଅଛି।

ବାବା ସ୍ୱପ୍ନେଶ୍ୱର ପୂଜା ପାଉଛନ୍ତି ସୁରୁବାଲି ନଦୀ କୂଳରେ। ଏହା ସୁନାରିବେଣି ଗ୍ରାମ ସୁବଳୟା ନିକଟରେ ରହିଅଛି। ଏବେ ଏହାର ପୁନର କାରୁକାର୍ଯ୍ୟ ଖଚିତ କାର୍ଯ୍ୟ ସମ୍ପାଦନ ହୋଇଛି। ଏତଦ୍ ବ୍ୟତିତ ଆହୁରି ଅନେକ ଗୁଡାଏ ଶୈବପୀଠ ରହିଅଛି ତନ୍ମଧ୍ୟରୁ ସିଣ୍ଡୋଳରେ ବାବା ଗୁପ୍ତେଶ୍ୱର, ତେଣ୍ଡାର ରଣେଶ୍ୱର,ପଞ୍ଚ ମହଲାର ବାଣେଶ୍ୱର, ନାକଡେଇଁର ନାଗେଶ୍ୱର, ବିଶିପଡାର କପିଳେଶ୍ୱର,ଶିରପୁରାର ସିଦ୍ଧେଶ୍ୱର, ଶହରିପାଲିର ସ୍ୱପ୍ନେଶ୍ୱର, ପାର୍ବତୀପୁରର ପାର୍ବତୀ ପତି, ଜାଲୋଇର ଜମ୍ବେଶ୍ୱର, କୀର୍ତିପୁରର ବିଶେଶ୍ୱର, ମେଣ୍ଡାମାଳର ଗୁପ୍ତେଶ୍ୱର ଓ ଟିଠିପାଲିର ରାମେଶ୍ୱର ପୂଜା ପାଉଛନ୍ତି।

ଏହାସହ ପର୍ଯ୍ୟଟନ ସକାଶେ ରହିଅଛି ଅନେକ ଆକର୍ଷଣୀୟ ସ୍ଥାନ ହରିହର ଜୋର୍ (ଢେଙ୍ଗା ଡେମ୍), ଖଣ୍ଡହତା ପଞ୍ଚାୟତର ଦେଉଳଝରି ଓ ମାଟୁପାଲି ନିକଟସ୍ଥ ପାହାଡ଼ ମହିଡୁମୁରି, ସିଣ୍ଡୋଳରେ ରହିଅଛି ଆକର୍ଷଣୀୟ ପ୍ରାଚୀନ ସଭ୍ୟତାର ଐତିହାସିକ ପୃଷ୍ଟଭୂମି ମଣ୍ଡନ ଘନ ଜଙ୍ଗଲ ଓ ସବୁଜିମା ଭରା ସିଂହାସନ ପାହାଡ଼ ସମୂହ। ଏହାର ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ କରି ପର୍ଯ୍ୟଟନ ସ୍ଥଳୀ ସବୁର ଭିତ୍ତିଭୂମିର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ପାରିବା ଭଳିଆ ବିକାଶର ଆବଶ୍ୟକତା ରହିଛି। ଯଦ୍ୱାରା ଅଞ୍ଚଳର ସମୃଦ୍ଧି ସମ୍ଭବ ସହ ଆର୍ଥିକ ଅଭିବୃଦ୍ଧି ଓ କର୍ମ ସଂସ୍ଥାନର ଏକ ହବ୍ ସୃଷ୍ଟି କରି ପାରିବ। ନିର୍ବାଚନ ମଣ୍ଡଳୀ ସକାଶେ ପ୍ରକୃତି ତାର ଭଣ୍ଡାର ଖୋଲିଦେଇଥିବା ବେଳେ ଏବଂ ଏତେ ସବୁସମସ୍ତ ବୈଭବ ରହି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଫଳ ରହିବା ନିଶ୍ଚୟ ଆଶ୍ଚର୍ଯ୍ୟ ଜନକ ଅଟେ।

ଆହୁରି ଆଶ୍ଚର୍ଯ୍ୟ ଲାଗୁଅଛି ଏଠାକାର ଗଣ୍ଡାଗଣ୍ଡା ରାଜନୈତିକ ନେତୃବୃନ୍ଦଙ୍କ ମିଶନ୍ ଆଉ ଭିଜନ୍‌କୁ ନେଇ। ଗଡ଼ଜାତ ସମୟରେ ରାଜାଙ୍କବିରୁଦ୍ଧରେ ମେଳି କରିପାରୁଥିବା ଦାୟାଦମାନେ ଏବେ ଗଲେକୁଆଡ଼େ। ଏତେ ବୈଭବ ରହି ଆଜି ଅବହେଳିତ। ଏସବୁକୁ ଦେଖିଲେ ବୁଝା ପଡୁଅଛି ରାଜନୈତିକ ନେତୃବୃନ୍ଦ ଆଜି ମଧ ଏହି ନିର୍ବାଚନ ମଣ୍ଡଳୀର ଭୂଗୋଳ ବୁଝିବାରେ ଅସମର୍ଥ ରହିଛନ୍ତି। ପର୍ଯ୍ୟଟନ ଏହି ନିର୍ବାଚନ ମଣ୍ଡଳୀର ବିକାଶର ମୁଖ୍ୟ ହୋଇ ଜନସାଧାରଣଙ୍କ ଜୀବନ ଜୀବିକା ସକାଶେ ମହୋଷଧିହେବ ଏହା ଜାଣି ଯୋଜନା ପ୍ରସ୍ତୁତ ନ ହେବା ଫଳରେ ଆଜି ଏତେ ସବୁ ଐତିହାସିକ କିମ୍ବଦନ୍ତୀ ମଣ୍ଡନ କରୁଥିବା ତୀର୍ଥ ସ୍ଥାନ ସବୁ ରହି ମଧ ପର୍ଯ୍ୟଟକଙ୍କୁ ଏହି ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନ ସ୍ଥଳୀ ବିଷୟରେ ଅଜଣା। ଫଳରେ ନିର୍ବାଚନ ମଣ୍ଡଳୀର ଆର୍ଥିକ ବିକାଶ ସହ କର୍ମ ସଂସ୍ଥାନ ଯୋଗାଇବାରେ ବିଫଳ ହୋଇଛି। ଯଦ୍ୱାରା ଏହି ଅଞ୍ଚଳର ଲୋକମାନେ ଆଜି



ଦେଶର ବିଭିନ୍ନ ସ୍ଥାନରେ ଯାଇ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି।

ମନୋଲଭା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ସ୍ଥଳସବୁ ଆଜି ଦୃଷ୍ଟି ଆଢୁଆଳରେ ରହିଯିବାର ନିଶ୍ଚୟ ଦୁଃଖ ଓ ପରିତାପର ବିଷୟ। ଏଥିପାଇଁ ଆମର ପ୍ରଚାର ପ୍ରସାର ଅଭାବ ସାଙ୍ଗକୁ ଏହାର ପ୍ରକୃତ ମୁଖ୍ୟ ବାଧକ ଉତ୍ତମ ଗମନାଗମନ।

ଆଜି ସ୍ୱାଧୀନତାର ୭୬ ତମ ପାଳନ କରି ସାରିଛେ। ଦେଶରେ ଏବେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଉଅଛି।ତାହାହେଲେ ଏହି ଉତ୍ସବ ପାଳନର ମାନେ କଣ ହୋଇପାରେ। ଯଦି ଗୋଟାଏ ଅଞ୍ଚଳରେ ପ୍ରକୃତିର ବରଦାନ ରହି ମଧ ସେହି ଅଞ୍ଚଳ ଯେବେ ଜନସାଧାରଣଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଅଛି। ଆହୁରିମଧ ଆଶ୍ଚର୍ଯ୍ୟ ଜନକ ଅଟେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ନିର୍ବାଚନ ମଣ୍ଡଳୀକୁ ରେଳ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।


ହେଲେ ଯାହା ଜାଣିବାକୁ ହେଉଅଛି ଏଥିପାଇଁ ନେତୃତ୍ୱ ନେଉଥିବା ନେତୃତ୍ୱ ମଧ୍ୟରେ ଏବେ ପର୍ଯ୍ୟନ୍ତ ଭାବନା ଆସିନାହିଁ ରେଳପଥସକାଶେ ଯାହାକି ଆଶ୍ଚର୍ଯ୍ୟ ଚକିତ କରେ। ଐତିହାସିକ କିମ୍ବଦନ୍ତୀ ମଣ୍ଡନ ସହ ଅନେକ ପ୍ରାଚୀନ ଦେବଭୂମିକୁ ଉତ୍ତମ ସଡ଼କପଥ ଓ ରେଳ ଯୋଗାଯୋଗର ଅଭାବ ଆଜି ଉକ୍ତ ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନାହିଁ ଏବଂ ପର୍ଯ୍ୟଟନ ସ୍ଥଳୀ ସବୁ ଅଜଣା ହୋଇ ରହିଯାଉଅଛି। ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନର ବିକାଶ ପାଇଁ ନେତୃତ୍ୱ ମଣ୍ଡଳୀ ବିଶେଷ ଭାବରେ ଏବେ ଯୋଜନା ପ୍ରସ୍ତୁତ ସହ ନିର୍ବାଚନ ମଣ୍ଡଳୀ ସକାଶେ ମୋହଷଧି ସାବ୍ୟସ୍ତ ରେଳପ୍ରକଳ୍ପ ସମ୍ବଲପୁର ଗୋପାଳପୁର ରେଳପଥ ବିଷୟରେ ଚିନ୍ତା କରନ୍ତୁ।

ଉକ୍ତ ରେଳପଥଟି ଯେମିତିବି ହେଉ ଏହି ନିର୍ବାଚନ ମଣ୍ଡଳୀ ଦେଇ ଯେମିତି ଯିବ ସେଥିପାଇଁ ସଚେତନ ହୁଅନ୍ତୁ। ସ୍ୱାର୍ଥପରତା ପରିହାର କରନ୍ତୁ। ନଚେତ୍ ଏତେ ଆଭୂଷଣ ବୈଭ୍ୱ ସତ୍ୱେ ଅଜଣା ଓ ଅବହେଳିତ ରହୁଅଛି। ନିଜ ନିଜର ଟିକିଏ ସ୍ୱାର୍ଥ ପରତା ପାଇଁ 'ଜାତିନନ୍ଦିଘୋଷ ଚଳିବ କି ଆଉସ୍ୱାର୍ଥକୁ ସାରଥୀ କଲେ। ଟାଣେକିରେ ଗାଡ଼ି ଦାନାରତୋବଡା ଘୋଡ଼ା ମୁହେଁ ବନ୍ଧା ଥିଲେ।'

ସୁତରାଂ ନିର୍ବାଚନମଣ୍ଡଳୀ ପାଇଁ ନିଜର ସ୍ୱାର୍ଥପରତା ପରିହାର କରି ସେବା ମନୋବୃତ୍ତି ରହିଲେ ଅଜଣା ହୋଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଫଳ ହୋଉଥିବା ନିର୍ବାଚନ ମଣ୍ଡଳୀ ଏକ ସମୃଦ୍ଧ ଶାଳୀ ନିର୍ବାଚନ ମଣ୍ଡଳୀ ଭାବରେ ଖ୍ୟାତିଅର୍ଜନ କରିପାରିବ ବୋଲି ବିଶ୍ୱାସ ରହିଛି।

***ସୋନପୁର***
***ଦୂରଭାଷ : ୮୧୪୪୮୭୦୭୨୯***




# ଆରମ୍ଭ ହେବ ରିଂ ରୋଡ୍ କାମ

**ଭୁବନେଶ୍ୱର :** ରାଜଧାନୀରେ ଦେଖାଯାଉଥିବା ଅସମ୍ଭାଳ ଭିଡ଼କୁ ନିୟନ୍ତ୍ରଣ କରିବା ଏବଂ ଯାତାୟତକୁ ସହଜ କରିବା ପାଇଁ ବିଡିଏ ପକ୍ଷରୁ ରାଜଧାନୀକୁ ବଳୟ କରି ୮ବର୍ଷ ତଳେ ଯୋଜନା ହୋଇଥିବା ରିଂ ରୋଡ୍ ପ୍ରକଳ୍ପ କାମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ପ୍ରଥମେ ତମାଣ୍ଡୋ ଛକରୁ ପାଇକରାପୁର ପର୍ଯ୍ୟନ୍ତ ୬୦ମିଟର ଓସାରର ରାସ୍ତା ନିର୍ମାଣ ହେବ। ଏଥିପାଇଁ ବିଡିଏ ଜମି ଦେବ, ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରିବ। ଚଳିତ ଆର୍ଥିକ ବର୍ଷରୁ ଏହି ରିଂ ରୋଡ୍ କାମ ଆରମ୍ଭ ହେବ। ଏହି ପ୍ରକଳ୍ପ ପାଇଁ ପୂର୍ତ୍ତ ବିଭାଗ ୭୬କୋଟି ୩୨ଲକ୍ଷ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଏବେ କ୍ୟାପିଟାଲ ରୋଡ୍ ଡେଭଲପମେଣ୍ଟ ପ୍ରୋଗ୍ରାମ୍ (ସିଆରଡିପି)ରେ ୭କୋଟି ୧୪ଲକ୍ଷ ଟଙ୍କାର ବଜେଟ୍ ମିଳିଛି। ପୂର୍ତ୍ତ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ରିଂ ରୋଡ୍ ପ୍ରକଳ୍ପ ପ୍ରାୟ ୬୪କିମିର ହେବାକୁ ଥିବାବେଳେ ଏବେ ତମାଣ୍ଡୋ ଛକରୁ ପାଇକରାପୁର ପର୍ଯ୍ୟନ୍ତ କାମ ଆରମ୍ଭ କରିବାକୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାୟ ୫କିମି ୪୫୦ମିଟରର ରାସ୍ତା



ନିର୍ମାଣ ହେବ। ଏହି ଅଞ୍ଚଳରେ ବିଡିଏ ଟାଉନ୍ ପ୍ଲାନିଂ (ଟିପି) ସ୍କିମ୍‌ରେ ରିଂ ରୋଡ୍ ପାଇଁ ଜମି ଅଧିଗ୍ରହଣ କରିଥିବାରୁ ଜମିର ସମସ୍ୟା ନାହିଁ। କିନ୍ତୁ ଆମେ ରାସ୍ତା ନିର୍ମାଣ ପାଇଁ ଯେଉଁ ନକ୍ସା ପ୍ରସ୍ତୁତ କରିଛୁ, ତାକୁ ଅନୁମୋଦନ କରିବାକୁ ବିଡିଏ ପ୍ଲାନିଂ ମେମ୍ବରଙ୍କ ନିକଟକୁ ପଠାଇଛୁ। ଟିପି ସ୍କିମ୍ ଅଞ୍ଚଳରେ ସମସ୍ତ ୬୦ମିଟର ଏବଂ ୩୦ମିଟରର ରାସ୍ତା ପୂର୍ତ୍ତ ବିଭାଗ କରିବାକୁ ନିଷ୍ପତ୍ତି ହୋଇଥିବାରୁ ଆମେ ଚଳିତ ବର୍ଷରୁ ହିଁ କାମ ଆରମ୍ଭ କରିବୁ ବୋଲି ପୂର୍ତ୍ତ ବିଭାଗର ଡିଭିଜନ-୫ର ଅଧୀକ୍ଷଣ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଦଳେଇ କହିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଟିପି ସ୍କିମ୍ ଯୋଜନାକୁ କାର୍ଯ୍ୟକାରୀ କରିବାରେ ବିଡିଏ ଏପର୍ଯ୍ୟନ୍ତ ସଫଳ ହୋଇନଥିବା ବେଳେ ଏହି ରିଂ ରୋଡ୍ ଆରମ୍ଭ ହେଲେ କେବେ ସରିବ? ଦୀର୍ଘ ୧୧ବର୍ଷ ହେଲା ଟିପି ସ୍କିମ୍ ଯୋଜନା ହେଉଥିଲେ ବି ଏହାର ଯେପରି ରୂପରେଖ ବର୍ଣ୍ଣନା କରାଯାଇଥିଲା ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳିନି। ଏପର୍ଯ୍ୟନ୍ତ ଲୋକଙ୍କୁ ଗୋଟିଏ ଟିପି ସ୍କିମ୍‌ରେ ଜମି ପଟ୍ଟା ଦିଆଯାଇଥିଲେ ବି ଜଣେ ବି ଏହାକୁ ଦଖଲକୁ ନେଇ ପାରିନାହାନ୍ତି। ୪୫ଟି ଟିପି ସ୍କିମ୍ କରି ଜମି ପୁନଃଆବଣ୍ଟନ କରିବା ଏବଂ ରିଂରୋଡ୍ ନିର୍ମାଣ କରିବା କେତେଦୂର ସମ୍ଭବ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଦିବ୍ୟ ହୃଦୟ ବାଳିକା ଉଚ୍ଚବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି।ବ୍ଲକର ସମସ୍ତ ପଞ୍ଚାୟତର ବିଦ୍ୟାଳୟର କ୍ଲଷ୍ଟର ସ୍ତରର କୃତୀ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। କଳା ସଂସ୍କୃତି କୁ ବଞ୍ଚାଇ ରଖିବା ସୁରଭି ହିଁ ଏକ ମାତ୍ର ମାଧ୍ୟମ। ନାଚ ଗୀତ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ କଳାକୃତିକୁ ବଞ୍ଚାଇ ରଖିବା ପାଇଁ ସୁରଭି ମାଧ୍ୟମରେରେ ଏହି କାର୍ଯ୍ୟକ୍ରମ ହେଉଛି ବୋଲି ବ୍ଲକ ଶିକ୍ଷା ଅଧିକାରୀକହିଥିଲେ। ସୁରଭି ଦ୍ୱାରା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନ କୁ ଆଣିବା ପାଇଁ ମଞ୍ଚ ମିଳିପାରୁଛି ବୋଲି ସମ୍ମାନିତ ଅତିଥି ମତ ରଖିଥିଲେ। ଏହି କାର୍ଯକ୍ରମରେ ପ୍ରବନ୍ଧ, ନାଚ, ଗୀତ, ଖେଳକୁଦ ପରିବେଷଣ କରିଥିବା ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ଏହି ବ୍ଲକ ସ୍ତରୀୟ ସୁରଭିର କୃତୀ ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ଭାଗ ନେବେ। ସରକାର ମୋ ସ୍କୁଲ ଯୋଜନାରେ ଗୃହ ନିର୍ମାଣ ପାଇଁ ନୂଆଗୁଡ଼ାର ଗୋବର୍ଦ୍ଧନ ଗୌଡ଼ ନିଜର ୭୫ ସେଣ୍ଟ ଜମିରୁ ୬୦ ସେଣ୍ଟ ବିଦ୍ୟାଳୟକୁ ପ୍ରଦାନ କରିଥିବାରୁ ଉକ୍ତ ବ୍ୟକ୍ତିଙ୍କୁ ସମ୍ମାନିତ




କରାଯାଇଥିଲା। ଡେଙ୍ଗପଦର ବିଦ୍ୟାଳୟର ପୁରାତନ ଛାତ୍ର ବାସୁଦେବ ବିଷୋୟୀ ମୋ ବିଦ୍ୟାଳୟ ପାଣ୍ଠିକୁ ୧୦ ହଜାର ବ୍ଲକ ସ୍ତରରେ ପ୍ରଥମ କରି ପ୍ରଦାନ କରିଥିବାରୁ ସମ୍ମାନିତ କରାଯାଇଥିଲା। ସେହିପରି ପୂଜାରୀଗୁଡାର ପୁରାତନ ଛାତ୍ର ସୁରେଶ ପାତ୍ର ପ୍ରଥମେ ନିଜ ବିଦ୍ୟାଳୟ କୁ ୧୦ ହଜାର ଦେଇ ବିଦ୍ୟାଳୟକୁ ଏକ ଲକ୍ଷ ସଂଗ୍ରହ କରି ମୋ ବିଦ୍ୟାଳୟ ପାଣ୍ଠିକୁ ପ୍ରଦାନ କରିଥିବାରୁ ପାତ୍ରଙ୍କୁ ବି ସମ୍ମାନିତ କରାଯାଇଛି। ମୋ ବିଦ୍ୟାଳୟ ପାଣ୍ଠିକୁ ଅଞ୍ଚଳଗୁମା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୂର୍ଯ୍ୟ ରନ୍ଧାରୀ ଓ ପୂଜାରୀଗୁଡା ପୂର୍ବତନ ସରପଞ୍ଚ କୁମର ପୂଜାରୀ, ପ୍ରଥମ କରି ଏକ ଲକ୍ଷ ଲେଖାଏଁ ପ୍ରଦାନ କରିଥିଲେ। ଏହି ଦୁଇ ପୂର୍ବତନ ସରପଞ୍ଚଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଗୋଷ୍ଠି ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ତହସିଲଦାର ପ୍ରଦୀପ କୁମାର କର, ତେନ୍ତୁଳିଖୁଣ୍ଟି ବ୍ଲକର ଦୁଇ ଜିଲା ପରିଷଦ ସଭ୍ୟ କୃଷ୍ଣା ମଞ୍ଜରୀ ବିଷୋୟୀ, ରତିକାନ୍ତ ପଣ୍ଡା, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ,ଏ ବିଇଓ ମଧୁସୂଦନ ବାଘ, ରମେଶ ଟାକ୍ରୀ, ହେଲେନ ସୁନା ସମେତ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି କ୍ଷେତ୍ର ମୋହନ ବିଶୋଇ ମଞ୍ଚାସିନ ଥିଲେ।

# ଡିସେମ୍ବର ପହିଲାରୁ ୭ଟି ସ୍ଥାନରେ ଇକୋ-ରିଟ୍ରିଟ୍



**ଭୁବନେଶ୍ୱର :** ଓଡ଼ିଶାର ପର୍ଯ୍ୟଟନ ବୈଭବକୁ ଆଗକୁ ବଢ଼ାଇବାକୁ ଅଣ୍ଟା ଭିଡ଼ିଛି ପର୍ଯ୍ୟଟନ ବିଭାଗ। କରୋନା ଯୋଗୁଁ ଗତ ଦୁଇ ବର୍ଷ ହେଲା ବିଗିଡ଼ି ଯାଇଥିବା ପର୍ଯ୍ୟଟନ ଶିଳ୍ପକୁ ପୁଣିଥରେ ରାସ୍ତାକୁ ଆଣିବା ଲାଗି ରାଜ୍ୟ ସରକାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୭ଟି ପର୍ଯ୍ୟଟନ ସ୍ଥଳୀକୁ ଚିହ୍ନଟ କରାଯାଇ ତାହାର ବିକାଶ ଲାଗି ନକ୍ସା ପ୍ରସ୍ତୁତ ହୋଇଛି। ଯେଉଁଥିରେ ଭିତରକନିକା, ନୃସିଂହନାଥ-ହରିଶଙ୍କର, ପୁରୀ-କୋଣାର୍କର ଚନ୍ଦ୍ରଭାଗା ଓ ରାମଚଣ୍ଡୀ ବେଳାଭୂମି, ଉଦୟପୁର-ତାଳସରି ବେଳାଭୂମି, ହୀରାକୁଦ, ଚିଲିକା, ଦାରିଙ୍ଗବାଡ଼ି, କୋରାପୁଟ ଜିଲ୍ଲାର ଦେଓମାଳି, ଗଜପତି ଜିଲ୍ଲାର ମହେନ୍ଦ୍ରଗିରି, ଖୋର୍ଦ୍ଧା ଜିଲ୍ଲା ତଥା ଭୁବନେଶ୍ୱରର ଧଉଳି, ଖଣ୍ଡଗିରି-ଉଦୟଗିରି ଓ ଶିଖରଚଣ୍ଡୀ, ପୁରୀ ଜିଲ୍ଲାର ବକୁଳବନ ଓ ରଘୁରାଜପୁର, କଟକ ଜିଲ୍ଲାର ଧବଳେଶ୍ୱର ଓ ତାମ୍ପରା ବେଳାଭୂମି ପାଇଁ ମାଷ୍ଟରପ୍ଲାନ୍ ହାତକୁ ନିଆଯାଇଛି। ଏହାବ୍ୟତୀତ ସାତକୋଶିଆ ମାଷ୍ଟରପ୍ଲାନ୍ ମାଧ୍ୟମରେ ରାଜ୍ୟର ୪ଟି ଜିଲ୍ଲା ବୌଦ୍ଧ, ଅନୁଗୁଳ, ନୟାଗଡ଼ ଓ କଟକ ଜିଲ୍ଲା ସାମିଲ ରହିଛି। ଉକ୍ତ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ କରାଯିବା ଦ୍ୱାରା ରାଜ୍ୟକୁ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବହୁ ପରିମାଣରେ ବଢ଼ିବ ବୋଲି ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଛନ୍ତି। ଚଳିତବର୍ଷ ଡିସେମ୍ବର ପହିଲାରୁ ଆରମ୍ଭ ହେବାକୁ ଥିବା ଇକୋ-ରିଟ୍ରିଟ୍ ରାଜ୍ୟର ୭ଟି ସ୍ଥାନ କୋଣାର୍କ, ପାଟି ସୋନାପୁର ବେଳାଭୂମି (ବ୍ରହ୍ମପୁର,ଗଞ୍ଜାମ), ଦାରିଙ୍ଗବାଡ଼ି, ପେଣ୍ଠ ବେଳାଭୂମି (ଭିତରକନିକା), ହୀରାକୁଦ, ସାତକୋଶିଆ, ପୁଟସିଲ୍ ଦେଓମାଳି (କୋରାପୁଟ)ରେ କରାଯିବ। ଏହାବ୍ୟତୀତ ଇତିମଧ୍ୟରେ ଚିଲିକାରେ ପର୍ଯ୍ୟଟକଙ୍କ ଲାଗି କ୍ରୁଜ୍ ଟୁରିଜିମ୍ ତଥା ହାଉସ୍ ବୋଟ୍ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଭିତରକନିକାରେ କ୍ରୁଜ୍ ଟୁରିଜିମ୍ ସୁବିଧା ଉପଲବ୍ଧ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଯେଉଁଠାରେ ପର୍ଯ୍ୟଟକଙ୍କ ଲାଗି ବିଳାସପୂର୍ଣ୍ଣ କୋଠରୀ ସୁବିଧା ଉପଲବ୍ଧ ହେବ ବୋଲି ନିର୍ଦ୍ଦେଶକ ଶ୍ରୀ ଯାଦବ କହିଛନ୍ତି। ପର୍ଯ୍ୟଟନ ବିକାଶ ଲାଗି ଯେଉଁଠାରେ ଭିତ୍ତିଭୂମି ରହିଛି ତାହାର ବିକାଶ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। 'ଗ୍ରାଫ୍ ଆନାଲେସିସ୍' ନାମରେ ଏକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଯେଉଁଥିରେ ପର୍ଯ୍ୟାୟକ୍ରମେ ୪୯ଟି ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ। ବୋଟ୍ କ୍ଲବ ଉପରେ ମଧ୍ୟ ଫୋକସ୍ ଦିଆଯାଉଛି। ହୀରାକୁଦ ବୋଟ୍ କ୍ଲବ ଆରମ୍ଭ ହୋଇଥିବା ବେଳେ ଏବେ ତାହାର ବିକାଶ କାର୍ଯ୍ୟ ଜାରି ରହିଛି। ତାଳସରି ଓ ରାମଚଣ୍ଡୀ ବେଳାଭୂମିର ବିକାଶ କାର୍ଯ୍ୟ ଆସନ୍ତା ୩ରୁ ୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହାକି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ଶ୍ରୀ ଯାଦବ ଆଶାବ୍ୟକ୍ତ କରିଛନ୍ତି।

## ନକଲି ଶିକ୍ଷକ ସାବଧାନ

# ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର :** ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ ଗୁଡ଼ିକରେ ପଢ଼ାଉଛନ୍ତି ମାଳମାଳ ନକଲି ଶିକ୍ଷକ। ସେମାନଙ୍କୁ ପୁଣି ଥରେ ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ନକଲି ଶିକ୍ଷକଙ୍କ ବିରୋଧରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦେଇଛନ୍ତି ନିର୍ଦ୍ଦେଶ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରିବାକୁ ବର୍ଷ ତମାମ ଚାଲିଛି ନକଲି ଶିକ୍ଷକ ଧରପଗଡ଼ ଅଭିଯାନ। କାମକୁ ସରଳ କରିବା ପାଇଁ ଡିଜିଟାଇଜେସନ୍ ହେଉଛି ଶିକ୍ଷକଙ୍କ ସମସ୍ତ ଦସ୍ତାବିଜ। କିଏ ଜାଲ ଶିକ୍ଷାଗତ ଯୋଗ୍ୟତା ତ କିଏ ମିଛ ଜାତିଗତ ପ୍ରମାଣପତ୍ର ଦେଇ ହାତେଇଛନ୍ତି ଶିକ୍ଷକ ପଦ। ପୁଣି କିଏ ନକଲି ବା କଳା ତାଲିକା ଭୁକ୍ତ ବିଶ୍ୱବିଦ୍ୟାଳୟରୁ ଆଣିଛନ୍ତି ବିଏଡ୍ ସାର୍ଟିଫିକେଟ୍। ଜାଲ୍ ପ୍ରମାଣପତ୍ର ଦେଖାଇ ଦୀର୍ଘ ଦିନ ହେଲା ରାଜ୍ୟ ସରକାରଙ୍କଠାରୁ ଦରମା ବି ନେଉଛନ୍ତି। ସେମାନଙ୍କର ଏହି ଚଞ୍ଚକତା ଉପରେ ଲାଗିବ ଲଗାମ୍। ଘନ ଘନ ଯାଞ୍ଚ ଚଳାଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ୨୬ ଜିଲ୍ଲାର ୧୩୦ ଜଣ ନକଲି ଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଆକ୍ସନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ବିରୋଧରେ ଏଫଆଇଆର ରୁଜୁ କରାଯିବ। ଆବଶ୍ୟକ ପଡ଼ିଲେ ଜେଲ୍ ଯିବେ ନକଲି ଶିକ୍ଷକ। ପୂର୍ବରୁ ମଧ୍ୟ ରାଜ୍ୟର ୨୩ଟି ଜିଲ୍ଲାରେ ଏପରି ୮୯ ଜଣ ଜାଲ୍ ଶିକ୍ଷକଙ୍କ ତଥ୍ୟ ଦେଇଥିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏମାନଙ୍କ ଭିତରେ ଗଞ୍ଜାମ ଜିଲ୍ଲାରୁ ଜଣେ ଗିରଫ ହୋଇଥିବା ବେଳେ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୧୧ ଜଣ ଜାଲ୍ ଶିକ୍ଷକ ବହିଷ୍କାର ହୋଇଛନ୍ତି। ସେ ସମୟରେ ୩ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଦିନକୁ ଦିନ ବଢ଼ିବାରେ ଲାଗିଛି ନକଲି ଶିକ୍ଷକଙ୍କ ସଂଖ୍ୟା। ସେମାନେ ଅସାଧୁ ଉପାୟରେ ଚାକିରି ପାଉଥିବାରୁ ଯୋଗ୍ୟ ଶିକ୍ଷକ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ନକଲି ଶିକ୍ଷକ ନିଜେ ପ୍ରଶିକ୍ଷିତ ହୋଇନଥିବାରୁ ଠିକ୍ ଭାବେ ଶିକ୍ଷାଦାନ କରି ପାରୁନାହାନ୍ତି। ଯାହା ଛାତ୍ରଛାତ୍ରୀଙ୍କୁ ଶୈକ୍ଷିକ ବାତାବରଣଠାରୁ ଦୂରେଇ ରଖିବା ସହ ପଢିବା ଆଗ୍ରହ କମାଉଛି। ଶିକ୍ଷକଙ୍କ ସାର୍ଟିଫିକେଟ୍ ଓ ପ୍ରମାଣପତ୍ରର ଯାଞ୍ଚ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟ, ସଂପୃକ୍ତ ଶିକ୍ଷା ଅନୁଷ୍ଠାନ ସହ ଯୋଗାଯୋଗ କରାଯାଉଛି। ଗତବର୍ଷ ନକଲି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଇଓ, ଡିଇଓ ଓ ଡିପିସିଙ୍କ ଅବହେଳା ନେଇ କ୍ଷୁବ୍ଧ ହୋଇ କାର୍ଯ୍ୟାନୁଷ୍ଠାନର ଷ୍ଟାଟସ୍ ରିପୋର୍ଟ ମାଗିଥିଲେ ହାଇକୋର୍ଟ।

# 'ଆସିଆନ ଦେଶ ପାଇଁ ଓଡିଶା ବ୍ୟବସାୟିକ ଗେଟଓ୍ୱେ'




**ଭୁବନେଶ୍ୱର:** ଓଡିଶା ଓ ଦକ୍ଷୀଣ-ପୂର୍ବ ଆସିଆନ ଦେଶ ମଧ୍ୟରେ ସାଂସ୍କୃତିକ ଓ ବାଣିଜ୍ୟିକ ସମ୍ପର୍କ ସୁଦୃଢ ହେବ। ଆସିଆନ ଦେଶ ପାଇଁ ଓଡିଶା ବ୍ୟବସାୟୀକ ଗେଟଓ୍ୱେ। ତେଣୁ ମେକ ଇନ ଓଡିଶା କନକ୍ଲେଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଆସିଆନ ରାଷ୍ଟ୍ରଦୂତଙ୍କ ସହ ଆଲୋଚନା କରିଛନ୍ତି। ପ୍ରାକୃତିକ ସମ୍ପଦ ଓ ଭୌଗୋଳିକ ଅବସ୍ଥିତି ପାଇଁ ଓଡିଶା ପୁଞ୍ଜିନିବେଶ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି। ଆଧୁନିକତା ସହ ତାଳ ଦେଇ ଓଡିଶାରେ ମଧ୍ୟ ବୈଷୟିକ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ହୋଇଛି। ଏହିଦୃଷ୍ଟିରୁ ଓଡିଶା ଓ ଆସିଆନ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ସୁଦୃଢ ହୋଇପାରିବ। ଏଥିସହିତ ଉଭୟଙ୍କ ମଧ୍ୟରେ ଆଗାମୀ ଦିନରେ ସାଂସ୍କୃତିକ ସମ୍ପର୍କ ସୃଷ୍ଟି କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ମେକ ଇନ ଓଡିଶା କନକ୍ଲେଭରେ ଆସିଆନ ରାଷ୍ଟ୍ର ପକ୍ଷରୁ ଆନ୍ତର୍ଜାତିକ ପାଭିଲିଆନ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟରେ ପୁଞ୍ଜିନିବେଶ ପାଇଁ ମୁଖ୍ୟମନ୍ତ୍ରୀ ସବୁ ପ୍ରକାର ସହଯୋଗର ପ୍ରତିଶୃତି ଦେବା ସହ ଏନେଇ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଏହି ଅବସରରେ ରୟାଲ ଥାଇର ରାଷ୍ଟ୍ରଦୂତ ପଟ୍ଟାରାତ୍ ହଙ୍ଗଟଙ୍ଗ ରାଜ୍ୟ ସରକାରଙ୍କ ଅର୍ଥନୈତିକ ଅଭିବୃଦ୍ଧି ଓ ବ୍ୟବସାୟୀକ ସୁଯୋଗକୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣରେ ଆସିଆନ ପ୍ରତିନିଧି ଦଳ ତିନିଆ ଓଡିଶା ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ବୁଲି ଦେଖିବା ସହ ସାଂସ୍କୃତି ଓ ବ୍ୟବସାୟୀକ ସମ୍ପର୍କ ସୃଷ୍ଟି ଦିଗରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ଆସିଆନ ପ୍ରତିନିଧିମଣ୍ଡଳୀର ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ, ଫାଇଭ୍ ଟି ସଚିବ, ଶିଳ୍ପ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୌରହରି ଦାସଙ୍କୁ ଶାରଳା ପୁରସ୍କାର




**ଭୁବନେଶ୍ୱର :** ବିଶିଷ୍ଟ କଥାକାର ଡ. ଗୌରହରି ଦାସଙ୍କୁ ମିଳିଛି ଚଳିତ ବର୍ଷର ସମ୍ମାନଜନକ ଶାରଳା ପୁରସ୍କାର। ପୁସ୍ତକ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ ଗୌରହରି ଦାସଙ୍କୁ ରାଜ୍ୟର ଏହି ପ୍ରତିଷ୍ଠିତ ସାହିତ୍ୟ ସମ୍ମାନ ମିଳିଛି। ଡ. ଦାସଙ୍କୁ ପୁରସ୍କାର ସ୍ୱରୂପ ନଗଦ ୫ ଲକ୍ଷ ଟଙ୍କା ସହ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଛି। ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟ କୃତି ଲାଗି ମର୍ଯ୍ୟାଦାଜନକ ଶାରଳା ପୁରସ୍କାର ପ୍ରଦାନ କରାଯାଏ। ଏହିକ୍ରମରେ ୪୩ ତମ ଶାରଳା ପୁରସ୍କାର ଡ. ଗୌରହରି ଦାସ ପାଇଛନ୍ତି। ୨୦୧୮ରେ ଟାଇମପାସ୍ ପବ୍ଲିକେସନ ଦ୍ୱାରା ଗଳ୍ପ ପୁସ୍ତକ 'ବାଘ ଓ ଅନ୍ୟାନ୍ୟ ଗଳ୍ପ' ପ୍ରକାଶିତ ହୋଇଥିଲା। ଇମ୍ପାକ୍ସ ପକ୍ଷରୁ ଆୟୋଜିତ ଶାରଳା ପୁରସ୍କାର ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ହିନ୍ଦୀ ଲେଖକ ଉଦୟନ ବାଜପେୟୀ ଯୋଗ ଦେଇଥିବା ବେଳେ ସାହିତ୍ୟ ଆମକୁ ସତ୍ୟ ସହ ସାକ୍ଷାତ କରାଏ ବୋଲି ମତ ରଖିଛନ୍ତି। ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଆୟୋଜିତ ୨୦୨୨ ଶାରଳା ପୁରସ୍କାର ବିଜେତା ଡ. ଦାସଙ୍କୁ ଏକ ସାରସ୍ୱତ ସମାବେଶରେ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି କଳା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ଲାଗି ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିତ୍ରକର ପ୍ରଫୁଲ୍ଲ ମହାନ୍ତି ଓ ପ୍ରସିଦ୍ଧ ଓଡ଼ିଶୀ ସଙ୍ଗୀତ ସାଧକ ଗୁରୁ ଶ୍ରୀ ଘନଶ୍ୟାମ ପଣ୍ଡାଙ୍କୁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ମିଳିଛି। ପୁରସ୍କାର ବାବଦରେ ଉଭୟଙ୍କୁ ଦେଢ଼ ଲକ୍ଷ ଲେଖାଏ ଟଙ୍କା, ମାନପତ୍ର ଓ ଫଳକ ପ୍ରଦାନ କରାଯାଇଛି। ବିଶିଷ୍ଟ ଶିଳ୍ପପତି ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ କଳାବିଦୁଷୀ ଇଲା ପଣ୍ଡାଙ୍କର କଳାତ୍ମିକ ଚେତନାର ଫଳଶ୍ରୁତି ହେଉଛି ଶାରଳା ପୁରସ୍କାର ଉତ୍ସବ। ୧୯୮୦ ମସିହାରୁ ଶାରଳା ପୁରସ୍କାର ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ଏହି ଗୌରବମୟ ପରମ୍ପରାରେ ସାମିଲ ହୋଇଥିବା ଇମ୍ପାକ୍ସର ଟ୍ରଷ୍ଟି ପାରମିତା ପଣ୍ଡା କହିଛନ୍ତି।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସୁରକ୍ଷା ନେଇ ସନ୍ଦେହ !




**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଜିଲ୍ଲାର ବିଭିନ୍ନ ସ୍ଥାନ ମାନଙ୍କରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସୁରକ୍ଷା ଉପରେ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ଉଠିଲାଣି। ଏନେଇ ଜିଲ୍ଲାପ୍ରଶାସନ ବା ରାଜନୈତିକ ଦଳ ପକ୍ଷରୁ କୌଣସି ପ୍ରକାର ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଦେଖିବାକୁ ମିଳୁଛି। ସବୁଠାରୁ ଦୁର୍ଭାଗ୍ୟଜନକ ଘଟଣା ହେଉଛି ଜିଲ୍ଲାର କେଉଁ କେଉଁ ସ୍ଥାନ ମାନଙ୍କରେ କେତେ କେତେ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ଲଗାଯାଇଛି ତାହାର ହିସାବ ବି ପ୍ରଶାସନିକ ଅଧିକାରୀଙ୍କ ନିକଟରେ ମିଳୁନାହିଁ। ଯେଉଁ ଯେଉଁ ସ୍ଥାନ ମାନଙ୍କରେ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ସବୁ ଲଗାଯାଇଛି ତାହାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ କି ପ୍ରତିମୂର୍ତ୍ତି ଉପରେ ଚଢେଇମାନେ ମଳତ୍ୟାଗ ନ କରିବାର ବ୍ୟବସ୍ଥା ବି କରାଯାଉନାହିଁ। ମହାପୁରୁଷମାନଙ୍କ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉପରେ ଯେତିକି ଅବହେଳା କରାଯାଉଛି ତାହାଠୁ ବଳିଗଲାଣି ଦୀର୍ଘ ୨୨ବର୍ଷ ଧରି ଶାସନ ଗାଦିରେ ବସିଥିବା ଓଡିଶାର ବରପୁତ୍ର ଯଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ମାନଙ୍କ ଉପରେ, ବିଜୁ ବାବୁଙ୍କ ନାମରେ ନାମିତ ଏହି ବିଜୁ ଜନତା ଦଳ ନେତା, ମନ୍ତ୍ରୀ ଓ କର୍ମୀମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ଫୁଲ ପକାଇ ଦେଇ ପଳାଇ ଯାଉଥିବା ବେଳେ ପ୍ରତିମୂର୍ତ୍ତି ଉପରେ ଖଣ୍ଡିଏ ଛାତର ବି ବ୍ୟବସ୍ଥା କରାଯାଉନାହିଁ। ଦିନରେ ଖରା, ବର୍ଷା ଓ ଚଢେଇମାନଙ୍କ ମଳତ୍ୟାଗ ଉପରେ ହାତଟେକି ଚାହୁଁଛନ୍ତି ପ୍ରବାଦପୁରୁଷ ବିଜୁ ବାବୁ। ଏହାକୁ ବିଜୁ ଜନତା ଦଳ ପକ୍ଷରୁ ଅଣଦେଖା କରିବା ଜଗତସିଂହପୁର ଜିଲ୍ଲାରେ ଦେଖିବାକୁ ମିଳୁଥିବା ବେଳେ ଅନ୍ୟ କୌଣସି ଜିଲ୍ଲାରେ ଏହାର ପ୍ରତିଛବି ଦେଖିବାକୁ ମିଳୁନାହିଁ। କଟକ-ପାରାଦ୍ୱୀପ ରାସ୍ତାର ରଘୁନାଥପୁର ବ୍ଲକ ଅଂଚଳରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିଟି ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାର ଦେଖିବାକୁ ମିଳୁଛି। ଏପରିକି ବିଜେଡି ନେତାମାନେ ସମୟ ଧରି ଏହି ପ୍ରତିମୂର୍ତ୍ତିଟିର ଧୁଆଧୋଇ କରୁନାହାଁନ୍ତି କି ପୁଷ୍ପମାଲ୍ୟ ପ୍ରତିମୂର୍ତ୍ତି ଉପରେ ରଖିବାପାଇଁ ଏକ ସିଡିର ବି ବ୍ୟବସ୍ଥା କରାଯାଇନାହିଁ। ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡି ରହିଛନ୍ତି ବିଜୁ ବାବୁ। ଏହି ଦିଗରେ ସାଂସଦ ଡା.ରଜଶ୍ରୀ ମଲ୍ଲିକ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଛି।

PLO T FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ କରିବ ଏଲ୍‌ଆଣ୍ଡଟି



**ଭୁବନେଶ୍ୱର:** ମେକ ଇନ ଓଡିଶା କନକ୍ଲେଭ ପୂର୍ବରୁ ବହୁ ରାଷ୍ଟ୍ରୀୟ କମ୍ପାନୀ ଏଲ ଆଣ୍ଡ ଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଏସ.ଏନ ସୁବ୍ରମଣ୍ୟମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟରେ ଶିଳ୍ପର ଅଗ୍ରଗତି ନେଇ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଏଲ ଆଣ୍ଡ ଟିକୁ କେତେକ ପ୍ରସ୍ତାବ ଦେଇଛନ୍ତି। ପାରାଦ୍ୱୀପ, ଗୋପାଳପୁର ଓ ଧାମରା ପରି ଶିଳ୍ପାଞ୍ଚଳରେ ଜଳ ବିଶୋଧନ ପ୍ରକଳ୍ପ ସାଙ୍ଗକୁ ଏରୋସ୍ପେସ୍ ଓ ସାମରିକ କାରଖାନା ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ମାଇଣ୍ଡ ଟ୍ରି ପକ୍ଷରୁ ରାଜ୍ୟରେ ଗ୍ଲୋବାଲ ଲର୍ଣ୍ଣିଂ ଓ ସଫ୍ଟୱେୟାର ଡେଲିଭରି ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଏହାକୁ ଡେଭଲପମେଣ୍ଟ ସେଣ୍ଟର ଭାବେ ରୂପାନ୍ତରିତ କରିବାକୁ ମୁଖ୍ୟମନ୍ତ୍ରୀ ଏଲ ଆଣ୍ଡ ଟିକୁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟରେ ଗୋପାଳପୁର, ଧାମରା ଓ ପାରାଦ୍ୱୀପ ଭଳି ତିନୋଟି ବନ୍ଦର କାର୍ଯ୍ୟକ୍ଷମ ହୋଇଥିବାରୁ ଏଲ ଆଣ୍ଡ ଟି ପକ୍ଷରୁ ଉଭୟ ସାମରିକ ଓ ବାଣିଜ୍ୟିକ ଜାହଜ ମରାମତି କାରଖାନା ପ୍ରତିଷ୍ଠା କରାଯାଉ। ସେହିପରି ଦକ୍ଷତା ବିକାଶ ଦିଗରେ ଏଲ ଆଣ୍ଡ ଟି ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସାଟେଲାଇଟ ସେଣ୍ଟର ପ୍ରତିଷ୍ଠା କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଇସ୍ପାତ ଓ ଆଲୁମିନିୟମ ଉତ୍ପାଦନ ବଢୁଥିବାରୁ ଆଗାମୀ ଦିନରେ ମାଇନିଂ, ମେକାନିକାଲ ଯନ୍ତ୍ରାଂଶ ସାଙ୍ଗକୁ ଶିଳ୍ପ ଓ ସାମାଜିକ ଭିତ୍ତିଭୂମିରେ ମଧ୍ୟ ବିକାଶ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଏଲ ଆଣ୍ଡ ଟି ନିଜର କ୍ଷମତା ସଂପ୍ରସାରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# କଳାହାଣ୍ଡି ଉତ୍ସବରେ ନ୍ୟସ୍ତସ୍ୱାର୍ଥଙ୍କ ହସ୍ତକ୍ଷେପକୁ ଓକିଲ ସଂଘର ବିରୋଧ

**ଭବାନୀପାଟଣା :** କଳାହାଣ୍ଡି ଉତ୍ସବରେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସବୁବେଳେ ବିଭିନ୍ନ ପଦପଦବୀରେ ରହି ପ୍ରଶାସନକୁ ପ୍ରଭାବିତ କରୁଛନ୍ତି। ଗତ ୮ ରୁ ୧୦ ବର୍ଷ ଧରି ବିଭିନ୍ନ କମିଟିରେ ସେମାନେ ରହି କଳାହାଣ୍ଡିର ଅନ୍ୟ ପ୍ରତିଭାମାନଙ୍କୁ ସୁଯୋଗ ଦେଉ ନଥିବା ଅଭିଯୋଗ କରି କଳାହାଣ୍ଡି ଓକିଲ ସଂଘ ସଭାପତି ସୁବ୍ରତ ବହିଦାରଙ୍କ ନେତୃତ୍ୱରେ ସଂଘ ସଦସ୍ୟ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଓକିଲ ସଂଘ ପକ୍ଷରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କଳାହାଣ୍ଡି ଜିଲ୍ଲାରେ ବହୁ ପ୍ରତିଭା ଓ ସଂଗଠକ ଥିଲେ ମଧ୍ୟ ଗତ ୮ ରୁ ୧୦ ବର୍ଷ ଧରି କଳାହାଣ୍ଡି ଉତ୍ସବର ବିଭିନ୍ନ କମିଟି ଓ ସବ୍‌କମିଟିରେ ନିଜ ଆସ୍ଥାନ କମାଇ ଆସୁଛନ୍ତି। ଜ୍ଞାନଶ୍ରୀ, କଳାହାଣ୍ଡି ବରପୁତ୍ର ପୁରସ୍କାର ଓ କଳାହାଣ୍ଡି ରତ୍ନ ପୁରସ୍କାର ,ବଂ ସମାଜସେବୀ ପୁରସ୍କାର ସମେତ ବିଭିନ୍ନ ପୁରସ୍କାର ନିମନ୍ତେ ଜିଲ୍ଲାରେ ଯୋଗ୍ୟ ଓ ପ୍ରତିଭାମାନ ବ୍ୟକ୍ତିତ୍ୱ ଥିଲେ ମଧ୍ୟ ସେମାନଙ୍କୁ ଉଚିତ ସମ୍ମାନ କରାଯାଉନାହିଁ। ଏହି କମିଟିର ଦାୟିତ୍ୱରେ ଥିବା ଲୋକମାନେ ପତ୍ନୀ, ପୁଅ, ପୁତୁରା ଏବଂ ସମ୍ପର୍କୀୟଙ୍କୁ ଏହି ପୁରସ୍କାର ପ୍ରଦାନ ନିମନ୍ତେ ଚାପ ସୃଷ୍ଟି କରୁଛନ୍ତି। ପୁରସ୍କାର ମନୋନୟନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି। କଳାହାଣ୍ଡି ଉତ୍ସବର ବିଭିନ୍ନ କମିଟିର ଅଧକ୍ଷ, ଉପାଧକ୍ଷ ଓ ଆବାହକ ପଦବୀ ଗୁଡିକୁ ୮ ରୁ ୧୦ ବର୍ଷ ଧରି ନିଜ ଅକ୍ତିଆରରେ ରଖି ବର୍ଷ ବର୍ଷ ଧରି ପୂର୍ବତନ ଜିଲ୍ଲାପାଳ ଅଞ୍ଜନ କୁମାର ପାଣି, ବିଜୟ କେତନ ଉପାଧ୍ୟାୟ ଓ ଗାଭାଲି ପରାଗ ହର୍ଷଦଙ୍କ ସମୟରେ ଅଭିଯୋଗ ହେବା ପରେ ଜିଲ୍ଲା ସଂସ୍କୃତି କମିଟିର ପରିବର୍ତ୍ତନ କରାଯାଇଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତିମାନେ ଉତ୍ସବର ବିଭିନ୍ନ ଦୁର୍ନୀତିରେ ସାମିଲ ହୋଇଥିବା ଅଭିଯୋଗ ହେଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ ବୋଲି ଆଲୋଚନା ହେଉଛି। ଜିଲ୍ଲା ସଂସ୍କୃତି କମିଟିର ବାଇଲ ଅନୁଯାୟୀ କମିଟି ଗୁଡିକ ପରିବର୍ତ୍ତନ କରିବା ପରିବର୍ତ୍ତେ ଏହି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଚକ୍ରାନ୍ତ କରି କଳାହାଣ୍ଡି ଉତ୍ସବକୁ ନିଜ କବ୍‌ଜାରେ ରଖିଥିବା କଳାହାଣ୍ଡି ଓକିଲ ସଂଘ ସଭାପତି ସୁବ୍ରତ ବହିଦାର ଉକ୍ତ ଅଭିଯୋଗରେ ଜଣାଇଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**